ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ ‘ନଜର’ ସହ

SUNDAY
30 NOVEMBER 2025
ରବିବାର
୩୦ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 194 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୯୪ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ୨୦,୧୫୦ ଅଙ୍ଗନବାଡ଼ିର ନାହିଁ ନିଜସ୍ୱ ଗୃହ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:**

ଓଡ଼ିଶାରେ ୨୦,୧୫୦ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ୭,୩୮୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହନିର୍ମାଣ ଚାଲିଥିବାବେଳେ ୩,୮୯୦ ଅଙ୍ଗନବାଡ଼ି ଭଡ଼ା ଘରେ ଚାଲିଛି। ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଖୁବଶୀଘ୍ର ସବୁ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ରହିବ। ଯେଉଁଠି ସମସ୍ୟା ହେବ ସେହି ସ୍ଥାନରେ ଜାଗା କିଣି ଘର କରାଯିବ। ୧୦,୯୦୦ ଘର ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା ରହିଛି। ଶନିବାର ବିଧାନସଭାରେ ଏହା କହିଛନ୍ତି ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଶ୍ନୋତ୍ତର କାର୍ଯ୍ୟକାଳରେ ଅଶ୍ୱିନୀ ପାତ୍ରଙ୍କ ମୂଳ ପ୍ରଶ୍ନ ଏବଂ



ପ୍ରତାପ ଦେବ, ସାରଦା ପ୍ରଧାନ, ସନାତନ ବିଜୁଳି, ପିଏସ୍ ରାଜନ ଏକ୍କା, ଦୁଷ୍ମନ୍ତ ସ୍ୱାଇଁ ଓ ପବିତ୍ର ସାଉଁଟାଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାରେ ୨୦,୧୫୦ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନଥିବାର ଅନେକ କାରଣ ରହିଛି। ସ୍କୁଲ୍ ପରିସରରେ ସ୍ଥାନ

**ଭଡ଼ା ଘରେ ଚାଲିଛି ୩,୮୯୦ ଅଙ୍ଗନବାଡ଼ି**

**୧୦,୯୦୦ ଘର ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା**

ନଥିବାରୁ କେନ୍ଦ୍ର ପ୍ରତିଷ୍ଠାରେ ସମସ୍ୟା ସୃଷ୍ଟି ହୋଇଛି। ଏବେ ୪୫୭୪ ସ୍କୁଲରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ବହୁ ଅଙ୍ଗନବାଡ଼ି ଭଡ଼ା ଘରେ ଚାଲିଛି। ଅସଂପୂର୍ଣ୍ଣ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଶେଷ କରିବାକୁ ଉଭୟ ବିରୋଧୀ ଓ ଶାସକ ସଭ୍ୟ ଦାବି କରିଥିଲାବେଳେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଏନେଇ କେହି ବିଧାୟକ ଚିନ୍ତିତ ହେବାର ଆବଶ୍ୟକ ନାହିଁ। କାରଣ ରାଜ୍ୟରେ ଅଙ୍ଗନବାଡ଼ିଗୁଡ଼ିକର ଶତ ପ୍ରତିଶତ ନିଜସ୍ୱ ଗୃହ କରାଯିବା ଲାଗି ସରକାର ପ୍ରଚେଷ୍ଟା ଚଳାଇଛନ୍ତି। ଯେଉଁ ୧୫ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ିଗୁଡ଼ିକର ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା ରହିଥିଲା, ସେଥିରେ ନୂଆ ଅର୍ଥବ୍ୟବସ୍ଥା କରାଯାଇଛି। ୧୮ଫେବୃଆରୀ ୨୦୨୫ରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି ପତ୍ର ଅନୁଯାୟୀ ଏଥିଲାଗି ୩୨ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ସକ୍ଷମ ଅଙ୍ଗନବାଡ଼ିଗୁଡ଼ିକରେ ଏଲ୍ଇଡି, ଆର୍ଓ ମେସିନ୍, ବିଦ୍ୟୁତ୍ ବ୍ୟବସ୍ଥା କରାଯାଉଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟ ସଂପାଦିତ ହେଉଛି। ବର୍ତ୍ତମାନ ସୁଦ୍ଧା ୧୨,୧୪୪ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ରହିଛି।




## ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:**

ରାଜ୍ୟର ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ। ପଞ୍ଚାୟତସ୍ତରୀୟ ପ୍ରଶାସନିକ କାର୍ଯ୍ୟକୁ ଉନ୍ନତ କରିବା ପାଇଁ ‘ଗ୍ରାମ ପଞ୍ଚାୟତ ପିଅନ’ ନାମକ ଏକ ନୂତନ ପଦବୀକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ମାସିକ ଦରମା ୧୩ ହଜାର ୧୬୦ ଟଙ୍କା ରଖାଯାଇଛି। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାର ୩୧୪ ବ୍ଲକରେ ମୋଟ୍ ୬ ହଜାର ୭୯୪ ପଞ୍ଚାୟତ ରହିଛି । ସରକାରୀ ଚିଠି

**ମାସିକ ଦରମା ୧୩ ହଜାର ୧୬୦ ଟଙ୍କା**

ଅନୁସାରେ ରାଜ୍ୟର ସମସ୍ତ ପଞ୍ଚାୟତରେ ସୃଷ୍ଟି ହେବ ପିଅନ ପଦବୀ । ଏହି ପଦବୀର ନାଁ ରହିବ ଗ୍ରାମ ପଞ୍ଚାୟତ ପିଅନ। ପଞ୍ଚାୟତ ପିଅନଙ୍କୁ ସରକାର ମାସିକ ୧୩ ହଜାର ୧୬୦ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଦରମା ପିଅନଙ୍କ କାର୍ଯ୍ୟ ଦକ୍ଷତା ଉପରେ ବଢ଼ିପାରେ କିମ୍ବା ହ୍ରାସ ପାଇପାରେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ପଞ୍ଚାୟତଗୁଡ଼ିକ ନିଜସ୍ତରରେ ▶▶ ୫

## ନୂଆ ବର୍ଷରେ ଏକାଥରକେ ୨ଟି ସୁଭଦ୍ରା କିସ୍ତି

**ଭୁବନେଶ୍ୱର,୨୯୧୧/ଏନ୍ଏନ୍ଏସ୍:**

ନୂଆବର୍ଷରେ ଏକାଥରେ ୨ଟି କିସ୍ତି ପାଇବେ ସୁଭଦ୍ରା ହିତାଧିକାରୀ। ନୂଆ ଯୋଡ଼ି ହୋଇଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଏକାଥରକେ ୨ଟି କିସ୍ତିର ଟଙ୍କା ଟ୍ରାନ୍ସଫର ହେବ। ୨ଟି କିସ୍ତି ଦେବାକୁ ଜାନୁଆରୀ ପ୍ରଥମ ସପ୍ତାହରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ସୁଭଦ୍ରା ଯୋଜନା ପାଇଁ ଏବେ ଆମେ ଏକ ପୋର୍ଟାଲ ଖୋଲିଛୁ। ଯାହାକୁ ୨୧ ବର୍ଷ ହେଲା, ସେମାନଙ୍କୁ ଆମେ ସୁଭଦ୍ରା ପୋର୍ଟାଲରେ ସଂଯୋଗ କରୁଛୁ। ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଯେଉଁମାନେ ନୂଆରେ ଯୋଡି ହେଉଛନ୍ତି ସେମାନଙ୍କୁ ଏକାଥରେ ୨ଟି କିସ୍ତିର ଟଙ୍କା ଦିଆଯିବ। ଯେଉଁମାନେ କିଛି ପାଇ ନଥିଲେ ବୋଲି ଚିନ୍ତା




କରୁଥିଲେ, ନୂଆ ବର୍ଷ ଆସୁ ଆସୁ ସେ ଅଭିଯୋଗ ଆଉ ରହିବ ନାହିଁ। ସମସ୍ତେ ସୁଭଦ୍ରା ଯୋଜନା ଟଙ୍କା ପାଇବେ। ତେବେ ସୁଭାଦ୍ରା ଯୋଜନାରେ ୧୭ ଲକ୍ଷରୁ ▶▶ ୫

**ଗର୍ଜିଲେ ବିରୋଧୀ: ଇ-କେଓ୍ୱାଇସି, ସର୍ଭେ ଆଳରେ କଟାଯାଉଛି ରାସନ୍ କାର୍ଡ଼**

# ୬.୯୪ ଲକ୍ଷ ମୃତକଙ୍କ କଟିଛି ରାସନ୍ କାର୍ଡ଼: ମନ୍ତ୍ରୀ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:**

ଇ-କେଓ୍ୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାସନ କାର୍ଡ଼ କାଟୁଛନ୍ତି ରାଜ୍ୟ ସରକାର। ହିତାଧିକାରୀ ଏବେ ହନ୍ତସନ୍ତ। କହିଲେ କେହି ଶୁଣିବାକୁ ନାରାଜ। ଜାଣିଶୁଣି ଏପରି କରାଯାଉଛି। ଏଭଳି ଅଭିଯୋଗ କରି ଶନିବାର ବିଧାନସଭାରେ ବିରୋଧୀ ସଭ୍ୟମାନେ ଗର୍ଜିଥିଲେ। ହେଲେ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟା ସମୟରେ ଅଦ୍ୟାବଧି ୬ ଲକ୍ଷ ୯୪ ହଜାର ୬୮୧



ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ରାସନ କାର୍ଡ଼ ତଥ୍ୟାବଳୀରୁ ବାଦ ଦିଆଯାଇଛି। ସେହିପରି ୩୩ ହଜାର ୧୮୨ ଜଣ ଅଯୋଗ୍ୟ ରାସନ କାର୍ଡ଼ ଧାରୀ

**୩୩ ହଜାର ୧୮୨ ଅଯୋଗ୍ୟ କାର୍ଡ଼ଧାରୀଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ୧.୨୦ଲକ୍ଷ**

ଯାହାଙ୍କର ପରିବାର ସଦସ୍ୟଙ୍କ ସଂଖ୍ୟା ୧ ଲକ୍ଷ ୨୦ ହଜାର ୩୬୧ ଚିହ୍ନଟ କରାଯାଇ ରାସନ କାର୍ଡ଼ ତଥ୍ୟାବଳୀରୁ ବାଦ ଦିଆଯାଇଛି। ତେବେ ▶▶ ୫

## ପାଣ୍ଡିଆନଙ୍କ ପାଇଁ ତୁତୁ ମେଁମେଁ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:**

ଭି.କେ ପାଣ୍ଡିଆନଙ୍କ ପାଇଁ ଏବେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ତୁତୁ ମେଁମେଁ ଆରମ୍ଭ ହୋଇଯାଇଛି। ଭି.କେ. ପାଣ୍ଡିଆନଙ୍କ ସୁରକ୍ଷାରେ ୭୨ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏହି ଗୁମର ଫିଟାଇବା ପରେ ବଢ଼ିଛି ତୁ ତୁ ମେଁମେଁ । ବିଜେଡି କହିଛି ଯଦି ଦମ୍ ଅଛି ସରକାର ଏହାର ତଦନ୍ତ କରି ଦେଖାନ୍ତୁ। ତେଣେ ବିଜେପିର ଜବାବ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ କଂଗ୍ରେସର ପ୍ରତିକ୍ରିୟା ହେଲା ଯଦି ପାଣ୍ଡିଆନ ସରକାରୀ ତହବିଲ୍‌ରୁ ଖର୍ଚ୍ଚ କରିଛନ୍ତି ତେବେ ତାହାର ତଦନ୍ତ କାହିଁକି ହେଉନି। ବିଜେଡି ବିଜେପି ମିଶିକି ଅଛନ୍ତି, କୌଣସି ତଦନ୍ତ ହେବ ନାହିଁ।ନବୀନଙ୍କ ଠାରୁ ଅଧିକ ପାୱାରଫୁଲ୍ ଥିଲେ ପାଣ୍ଡିଆନ୍ ! ତାଙ୍କ ସୁରକ୍ଷାରେ ନିୟୋଜିତ ଥିଲେ ୭୨ ସୁରକ୍ଷାକର୍ମୀ । ସିଏମ୍ ନୁହେଁ ସୁପର ସିଏମ୍‌ଙ୍କ ସେବା ଥିଲା ପୂର୍ବ ସରକାର ପ୍ରାଥମିକତା। ଯୁଆଡ଼େ ଯାଉଥିଲେ ଥାନା ଖାଲି କରି ସୁରକ୍ଷା ଦେଉଥିଲା ପୁଲିସ। ପାଣ୍ଡିଆନଙ୍କ ସୁରକ୍ଷାରେ ଝାଳ ବୁହାଉଥିଲା ପୁଲିସ। ▶▶ ୫

**ଏୟାରବସ୍ ଏ୩୨୦ ସଫ୍ଟୱେୟାରରେ ତ୍ରୁଟି**

## ଭାରତରେ ୨୦୦ ବିମାନ ଚଳାଚଳ ବାଧାପ୍ରାପ୍ତ

**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:**

ଭାରତରେ ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆର ୩୩୮ଟି ଉଡ଼ାଣ ପ୍ରଭାବିତ ହୋଇଛି। ସେହିପରି ବିଶ୍ୱବ୍ୟାପୀ ମୋଟ୍ ୬,୦୦୦ ବିମାନର କାର୍ଯ୍ୟ ପ୍ରଭାବିତ ହୋଇଥିବା ରିପୋର୍ଟ କରାଯାଇଛି। ତେବେ ଭାରତ ପାଇଁ ପ୍ରଭାବିତ ବିମାନଗୁଡ଼ିକ ମୁଖ୍ୟତଃ ବିଦେଶକୁ ଉଡାଣ ଭରିବା ପାଇଁ ସିଡ୍ୟୁଲ୍ ଥିବାବେଳେ ଧାର୍ଯ୍ୟ ସମୟରୁ ପ୍ରାୟ ୬୦ରୁ ୯୦ ମିନିଟ୍ ବିଳମ୍ବରେ ଏସବୁ ବିମାନ ଉଡାଣ ଭରିଥିଲେ। ଏୟାରବସ୍ ଏ୩୨୦ ସିରିଜ୍ ଯୁକ୍ତ ବିମାନଗୁଡ଼ିକରେ ସଫ୍ଟୱେୟାରରେ ତ୍ରୁଟି ଦେଖାଦେବାରୁ ଏପ୍ରକାର ନିଷ୍ପତ୍ତି ନେବାକୁ ପଡିଥିବା ସଫେଇ ଦିଆଯାଇଛି। ଅନ୍ୟପକ୍ଷେ ଭାରତ ସମେତ ସାରା ବିଶ୍ୱରେ ବିମାନ ସେବା ପ୍ରଭାବିତ ହେବା କାରଣରୁ ଯାତ୍ରୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ପରାମର୍ଶନାମା ଜାରି କରାଯାଇଛି। ▶▶ ୫

## ବର୍ଷା ଆରମ୍ଭ | ଆଜି ତାମିଲନାଡୁ ଉପକୂଳ ଛୁଇଁବ ‘ଡିଟୱାହା’

**ଚେନ୍ନାଇ, ୨୯।୧୧/ଏଜେନ୍ସି:**

ସାମୁଦ୍ରିକ ଘୂର୍ଣ୍ଣିଝଡ ଡିଟୱାହା ଆସନ୍ତାକାଲି ସକାଳ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଉପକୂଳ ଛୁଇଁବ। କିନ୍ତୁ ଏହାର ପ୍ରଭାବ ଏଠାରେ ପରିଲକ୍ଷିତ ହେବା ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁସାରେ ପୁଡୁଚେରୀ,

**ଶ୍ରୀଲଙ୍କାକୁ ସହାୟତା କରିବାକୁ ଭାରତର ଅପେରସନ୍ ‘ସାଗର ବନ୍ଧୁ’**

ଚେନ୍ନାଇ ସମେତ ତାମିଲନାଡୁର ଅନେକ ପ୍ରାନ୍ତରେ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଦିନରେ ପ୍ରାୟ ▶▶ ୫





# ଜିଡିପି ଅଭିବୃଦ୍ଧି ନେଇ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଜିଡିପି ଅଭିବୃଦ୍ଧି ନେଇ ଭାରତବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆର ଏକ୍ସ ହ୍ୟାଣ୍ଡେଲରେ ସେ ଲେଖିଛନ୍ତି ଯେ ଆର୍ଥିକ ବର୍ଷ ୨୬ରେ ୮.୨% ର ଦୃଢ଼ ଜିଡିପି ଅଭିବୃଦ୍ଧି ହାସଲ କରିଥିବାରୁ ଭାରତବାସୀଙ୍କୁ ଅଭିନନ୍ଦନ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ସାମୂହିକ ସ୍ଥିରତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଣ୍ଣାୟକ, ସଂସ୍କାର-ଚାଳିତ ନେତୃତ୍ୱକୁ ପ୍ରତିଫଳିତ କରେ। ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ଅଭିବୃଦ୍ଧି ଉପରେ ଧ୍ୟାନ ଭାରତର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରି ଚାଲିଛି। ଓଡ଼ିଶା ଏହି ଗତିରେ ଯୋଗଦାନ ଦେଇ ଗର୍ବିତ ଏବଂ ଏକ ବିକଶିତ ଭାରତର ସହଭାଗୀ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି।

# କ୍ରୁଟ୍‌କୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

**ଭୁବନେଶ୍ୱର,,୨୯।୧୧/ଏନ୍ଏନ୍ଏସ୍:** ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ଏହାର ପାଦଚିହ୍ନକୁ ସୁଦୃଢ଼କରି, ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ୍) କୁ ୧୮ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗଣମାଧ୍ୟମ ସହିତ ଏହି ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଓଡ଼ିଶା ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ୧୯ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀ ଗର୍ବର ସହିତ ଆୟୋଜନ କରିବ।

ମନ୍ତ୍ରୀ ଡକ୍ଟର ମହାପାତ୍ର କହିଥିଲେ ଯେ ଆମ ବସ୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି। ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ ଟି ଆମ ବସ୍ ଚାଲୁଛି, ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ବହୁତ ଶୀଘ୍ର ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ ବୋଲି ସେ କହିଛନ୍ତି। ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ଯେ ଆମ ବସ୍ ବର୍ତ୍ତମାନ ୧୩୯୯ କିଲୋମିଟର ପରିବ୍ୟାପ୍ତ ୧୧୩ ଟି ରୁଟରେ ଚାଲୁଛି, ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ। ଶେଷ ମାଇଲ୍ ସଂଯୋଗୀକରଣ ଏବଂ ସାଧାରଣ ପରିବହନର ସହଜତା ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ଚାହିଦା ଥିବା ସହରଗୁଡ଼ିକ ଉପରେ ଧ୍ୟାନ ଦେଇ ପର୍ଯ୍ୟାୟକ୍ରମେ ବସ୍ ରୁଟ୍ ସମ୍ପ୍ରସାରଣ ଜାରି ରହିବ। ଯାତ୍ରୀମାନଙ୍କୁ ଉତ୍ସାହିତ କରିବା ଏବଂ ଡିଜିଟାଲ୍ ଟିକେଟିଂକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର ଅନଲାଇନ୍ ଟିକେଟ୍ ବୁକିଂରେ ୧୦% ରିହାତି ପ୍ରଦାନ କରିଛନ୍ତି, ଯେତେବେଳେ ମହିଳା ଯାତ୍ରୀମାନେ ୧୫% ରିହାତି ପାଉଛନ୍ତି, ଯାହା ସାଧାରଣ ପରିବହନକୁ ଅଧିକ ସୁଲଭ ଏବଂ ସୁଲଭ କରିଥାଏ।

**ରାଜ୍ୟରେ ଧାନକିଣା ସମୀକ୍ଷା**

# ସହଯୋଗ କରିବ ବୋଲି ମିଲର୍ସ ଆସୋସିଏସନ୍‌ର ପ୍ରତିଶ୍ରୁତି

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏତଦବ୍ୟତୀତ ମିଲର୍ସମାନେ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସହଯୋଗ ଜାରି ରଖିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ୍ କର୍ମକର୍ତ୍ତାମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଧାନ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଧାନ ସଂଗ୍ରହରେ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ମିଲର୍ସ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀ, ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାରେ ଶୀତକାଳୀନ ସହାୟତା

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ ବେଦାନ୍ତ ପକ୍ଷରୁ କରାଯାଇ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସ୍ଏଚ୍‌ଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢ଼ାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ ସନାତନ ନାୟକ, ରଙ୍ଗାଧର ଦିଲ୍ଲୀ ଏବଂ ମାଧବ ବାରିକ୍ ଉଦ୍‌ଘାଟନ କରିଥିଲେ। ସିଇଓ ରାଜୀବ କୁମାର କହିଛନ୍ତି ଯେ ଛୋଟ ଛୋଟ ପିଲା, ପରିବାର ଏବଂ ସମ୍ପ୍ରଦାୟ ଆମର ସାମାଜିକ ପ୍ରଭାବ ଦୃଷ୍ଟିକୋଣର କେନ୍ଦ୍ରରେ ଅଛନ୍ତି। ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅବସରରେ ଶ୍ରୀ ନାୟକ କହିଛନ୍ତି ଯେ ଶୀତଋତୁ ଅନେକଙ୍କ ପାଇଁ ବିଶେଷ କରି ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ସେହିପରି ଶ୍ରୀ ବାରିକ କହିଛନ୍ତି ଯେ ଶୀତକାଳୀନ ପ୍ରସ୍ତୁତି ଅଭିଯାନ ଆମ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରିଥାଏ।

**ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ**

# ଜାଭେଦ ଅଖତର୍ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯଦିଓ ବୈଷୟିକ ଜ୍ଞାନ କୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନଃସ୍ଥାପନ କରିପାରିବ ନାହିଁ।

ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି ତେବେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ୨-ଦିନିଆ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନ ଅବସରରେ କହିଛନ୍ତି। ସମାରୋହରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତର ଯୋଗ ଦେଇଥିବା ବେଳେ ତାଙ୍କୁ ଏହି ଅବସରରେ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଖତରଙ୍କୁ ଏକ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟ ମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା, ସର୍ଜନଶୀଳତା ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରତି ବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ। ତୃତୀୟ ସୋଆ ସାହିତ୍ୟ ଉତ୍ସବ ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ୍ କଲ୍‌ଚର୍ ଆଣ୍ଡ୍ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହି ଉତ୍ସବରେ ସାରା ଦେଶରୁ ୧୦୦ ରୁ ଊର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇ ଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟପାଳ ଡକ୍ଟର କମ୍ଭମପତି ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରିବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇବା ସହ ଜଣେ କବି, ସଂଳାପ ଲେଖକ ଓ ଗୀତିକାର ଭାବେ ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କର ଉଲ୍ଲେଖନୀୟ ଅବଦାନ ଭାରତର ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଛି ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରଳା ଦାସ ମହାଭାରତ'ର ଦୁଇଟି ସଭାପର୍ବ ଏବଂ ମଧ୍ୟପର୍ବ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କୁ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ବେଳେ ସୋଆର ଫ୍ୟାକଲ୍ଟି ମେମ୍ବର୍ସ ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।




# ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆୟୋଜିତ ଓଡ଼ିଶା ସିଟିଜେନସ ଆୱାର୍ଡ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏକ ସମାଜର ପ୍ରକୃତ ପ୍ରଗତି କେବଳ ଏହାର ଅନୁଷ୍ଠାନ ଦ୍ୱାରା ନୁହେଁ ବରଂ ଏହାର ଲୋକଙ୍କ କରୁଣା, ଚରିତ୍ର ଏବଂ ପ୍ରତିବଦ୍ଧତା ଦ୍ୱାରା ଗଠିତ। ଓଡ଼ିଶା ଏହାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି ଦେଖିପାରୁଛି ଓ ଏହି ଗତିକୁ ବଜାୟ ରଖିବା ପାଇଁ ସମାଜର ସମସ୍ତ ବର୍ଗର ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ପରିବେଶ ଅବକ୍ଷୟ, ସାଇବର୍ ଅପରାଧ, ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଭଳି ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଜନସାଧାରଣଙ୍କୁ ସତର୍କ ରହିବା, ଯୁବ ପିଢ଼ିଙ୍କୁ ସୁରକ୍ଷା ଦେବା ଏବଂ ଶାନ୍ତି ଏବଂ ସାମାଜିକ ସଦଭାବ ବଜାୟ ରଖିବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ। ଓଡ଼ିଶା ସିଟିଜେନ୍ସ୍ ଆୱାର୍ଡକୁ ଏକ ସମ୍ମାନଜନକ ପ୍ଲାଟଫର୍ମ ବୋଲି ଅଭିହିତ କରି ରାଜ୍ୟପାଳ ଏହାର ସ୍ୱଚ୍ଛ ଏବଂ ଯୋଗ୍ୟତା-ଭିତ୍ତିକ ଚୟନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହି ପୁରସ୍କାର ସାର୍ବଜନୀନ ବିଶ୍ୱାସକୁ ଗଭୀର କରିଥାଏ। ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ, ଦୃଢ଼ତା ଏବଂ ନିଃସ୍ୱାର୍ଥପର ପ୍ରୟାସ ରାଜ୍ୟବ୍ୟାପୀ ଗୋଷ୍ଠୀଙ୍କୁ ଅନୁପ୍ରାଣିତ କରିଆସୁଛି। ଏହା ସମାଜ ପ୍ରତି ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ଏବଂ ସେବା ଯାହା ଓଡ଼ିଶାର ନୈତିକ ପୃଷ୍ଠଭୂମି ଗଠନକୁ ମଜଭୁତ କରେ। ଉତ୍କର୍ଷତା ଏବଂ ସାମାଜିକ ଅବଦାନକୁ ପ୍ରତିଫଳିତ କରୁଥିବା ପ୍ଲାଟଫର୍ମଗୁଡ଼ିକୁ ମଜବୁତ କରିବା ପାଇଁ ସେ ଓଟିଭିର ପରିଚାଳନା ନିର୍ଦ୍ଦେଶିକା ଜାଗି ମଙ୍ଗତ ପଣ୍ଡାଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଓଟିଭି ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା, ଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାକୁ ବିଶ୍ୱ ସହିତ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସମାରୋହରେ ପ୍ରାରମ୍ଭରେ ଓଡ଼ିଶା ଟେଲିଭିଜନ ନେଟୱାର୍କର ନିର୍ଦ୍ଦେଶିକା ଜାଗି ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'କବ୍ ବୁଲ୍‌ବୁଲ୍ ଉତ୍ସବ' ଉଦ୍‌ଯାପିତ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ୍ ଏବଂ ଗାଇଡ୍‌ସ୍ ଅନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଚାଲିଥିବା 'କବ୍ ବୁଲ୍‌ବୁଲ୍ ଉତ୍ସବ'ର ଆଜି ଥିଲା ଉଦ୍‌ଯାପନୀ ଦିବସ। ଏହି ଶିବିର ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ଶାରୀରିକ କୌଶଳ ପ୍ରଦର୍ଶନ, ମୀନା ବଜାର, କବ୍ ବୁଲ୍‌ବୁଲ୍ ଗ୍ରିଟିଙ୍ଗ, କୌତୁକ ଖେଳ, ଦୁଃସାହସିକ, ଦଳଗତ ନୃତ୍ୟ, ରେଡ୍‌ଫ୍ଲାୱାର୍ କଳରବ, ଯୋଗ, ବ୍ୟାୟାମ, ବକ୍ତୃତା, ସାଂସ୍କୃତିକ ସଂଧ୍ୟା, ହସ୍ତଶିଳ୍ପ, ପେପରକ୍ରାଫ୍ଟ, ଡ୍ରଇଁ, ରଙ୍ଗୋଲି, ଏବଂ ପାରମ୍ପରିକ ଚାଲି ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଆଜି ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଅତନୁ ସବ୍ୟସାଚୀ ନାୟକ, ସଭାପତି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡ୍‌ସ୍, ସମ୍ମାନିତ ଅତିଥି ଭାବରେ ଦାଶରଥୀ ଶତପଥୀ, ସ୍କାଉଟ୍ କମିଶନର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ନାୟକ କହିଥିଲେ ଯେ ସ୍କାଉଟିଂ ହେଉଛି ଏମିତି ଏକ ଶୃଙ୍ଖଳା ଅନୁଷ୍ଠାନ ଯାହାକି ଏହି ସ୍କାଉଟ୍‌ରେ ଯୋଗଦେଲେ ପିଲାମାନଙ୍କର ଶୃଙ୍ଖଳା, ସମୟାନୁବର୍ତ୍ତିତା ଆଦି ଗୁଣଗୁଡ଼ିକ ବୃଦ୍ଧି ପାଇଥାଏ। ସେହିପରି ସମ୍ମାନିତ ଅତିଥି ଶ୍ରୀ ଶତପଥୀ କହିଥିଲେ ଯେ ସ୍କାଉଟ ଗାଇଡ୍ ହେଉଛି ଏମିତି ଏକ ମଞ୍ଚ ଯାହାକି ଏହି ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାର ସଠିକ୍ ଜାଗା। ଛୋଟ ଛୋଟ ପିଲାମାନେ ଏହି ବୟସରୁ ନିଜକୁ ଗଢ଼ି ତୋଳିବାରେ ସ୍କାଉଟ୍ ଗାଇଡ୍ ସଂସ୍ଥାର ଅବଦାନ ଅତୁଳନୀୟ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍ଏସ୍ଇ ପକ୍ଷରୁ ଏମ୍ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ନାସ୍‌ନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ଓ ଜେକେ ସରକାର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି। ତେବେ ଏମ୍ଏସଏମଇଗୁଡିକ ମଧ୍ୟରେ, ଏନଏସଇ ଏମର୍ଜର ବ୍ୟବହାର କରି ଆଇପିଓ ମେକାନିଜିମ ମାଧ୍ୟମରେ ପାଣ୍ଠି ହାସଲ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ଏମଓୟୁ ପରେ ଏନଏସଇ ପକ୍ଷରୁ ଏନଏସଇ ଏମର୍ଜ ପ୍ଲାଟଫର୍ମ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା ଉପରେ ରାଜ୍ୟର କର୍ପୋରେଟଗୁଡିକୁ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ସେମିନାର୍, ଏମ୍ଏସ୍ଏମ୍ଇ କ୍ୟାମ୍ପ, ନଲେଜ ସେଶନ, ରୋଡଶୋ' ଓ ୱର୍କସପ୍ ଦ୍ୱାରା ସଚେତନତା ଅଭିଯାନଗୁଡିକୁ ପରିଚାଳନା କରାଯିବ। ଏ ସମ୍ପର୍କରେ ସଚିବ ବିକ୍ରମଜିତ ସିଂହ କହିଛନ୍ତି, ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ଏକ ସମାବେଶୀ ଇକୋସିଷ୍ଟମ ପ୍ରଦାନ କରିବାକୁ ପ୍ରୟାସ କରୁଛୁ ଯାହା ଲୋକଙ୍କର ବ୍ୟବସାୟ ବୃଦ୍ଧି କରିବ ଏବଂ ଆକର୍ଷଣୀୟ ବ୍ୟବସାୟ ମଡେଲ ସୃଷ୍ଟି କରିବ ବୋଲି କହିଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ମହିଳା ଅବକାଶ ଶିବିର

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥର କର୍ମଚାରୀ ଲାଭ ପାଣ୍ଠି (ଏସ୍‌ବିଏଫ୍) ଅଧୀନରେ ଆୟୋଜିତ ମହିଳା ଛୁଟି ଶିବିର - ୨୦୨୫କୁ ଆଜି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଏହାର ମୁଖ୍ୟାଳୟରୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ମୁଖ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୭୨ ଜଣ ମହିଳା କର୍ମଚାରୀ ଏହି ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି, ଯାହା ୩୦ ନଭେମ୍ବରରୁ ୨ ଡିସେମ୍ବର ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ମହିଳା କର୍ମଚାରୀଙ୍କ ମଧ୍ୟରେ ମନୋରଞ୍ଜନ, ସୁସ୍ଥତା ଏବଂ ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି ଶିବିରର ଉଦ୍ଦେଶ୍ୟ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମହାପ୍ରବନ୍ଧକ କର୍ମଚାରୀ କଲ୍ୟାଣ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ମହିଳା କର୍ମଚାରୀଙ୍କ କଲ୍ୟାଣ, ସଶକ୍ତିକରଣ ଏବଂ ସୁରକ୍ଷା ପ୍ରତି ପୂର୍ବତଟ ରେଳପଥର ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ଛୁଟିଦିନ ଶିବିର, ତାଲିମ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ବିକାଶ କାର୍ଯ୍ୟକଳାପ ଭଳି କଲ୍ୟାଣମୂଳକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେ ମହିଳା କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଏଭଳି ସମୃଦ୍ଧ ସୁଯୋଗର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଗସ୍ତ ସମୟରେ ଏହି ଦଳ କୋରାପୁଟ ଅଞ୍ଚଳର ମନୋରମ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳର ଅନ୍ୱେଷଣ କରିବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି: ଓଡ଼ିଶାର ସର୍ବୋଚ୍ଚ ଶୃଙ୍ଗ ଦେଓମାଳି ପାହାଡ଼; ଗୁପ୍ତେଶ୍ୱର ମନ୍ଦିର-ଏକ ପ୍ରାଚୀନ ପବିତ୍ର ତୀର୍ଥସ୍ଥାନ; ଡୁଡୁମା ଜଳପ୍ରପାତ-ପୂର୍ବ ଘାଟର ଏକ ପ୍ରମୁଖ ପ୍ରାକୃତିକ ଆକର୍ଷଣ। ପୂର୍ବ ତଟ ରେଳପଥ ବିଭିନ୍ନ କର୍ମଚାରୀ କୈନ୍ଦ୍ରିକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ଜାରି ରଖିଛି, କଲ୍ୟାଣ ବୃଦ୍ଧି ଏବଂ ଏହାର ମହିଳା କାର୍ଯ୍ୟବଳ ପାଇଁ ସହାୟତା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।




**କିଟ୍‌ରେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ**

# 'ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ବିଜ୍ଞାନର ପ୍ରୟୋଗ ଅତ୍ୟନ୍ତ ଜରୁରୀ'

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡିଜି: ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ କିଟ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିରନ୍ତର ସବୁଜ ସୀମା ଉପରେ ଏହି ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଏନଭିରନମେଣ୍ଟ ସୋସାଇଟି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସର୍ଜନା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରିବା, ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆର୍‌ଡିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍), ପ୍ରଫେସର ଟି କେ ବସ୍ତିଆ, ଓଡ଼ିଶା ପରିବେଶ ସମିତି ସଂଯୋଜକ ପ୍ରଫେସର ଏସ୍ ଏନ୍ କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରିଛନ୍ତି। ବିଶ୍ୱସ୍ତରରେ ୨୦୧୬ ରୁ ୨୦୩୦ ପର୍ଯ୍ୟନ୍ତ ଜାତିସଂଘ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ଏବଂ ଏ ସବୁ ଲକ୍ଷ୍ୟ ସାଧନ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାରତରେ ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ, ବିଶେଷତଃ ଯୁବ ବୈଜ୍ଞାନିକ ଗୋଷ୍ଠୀ ନବସର୍ଜନା ମାଧ୍ୟମରେ ସଫଳତା ହାସଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ୧୫ ବର୍ଷର ଅବଦାନ ନିମନ୍ତେ ମଧ୍ୟ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# କିଶୋରମାନେ ସହରର ସହ-ସ୍ରଷ୍ଟା: ମନ୍ତ୍ରୀ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ହମାରା ବଚପନ ଟ୍ରଷ୍ଟ, ଡବ୍ଲ୍ୟୁଆଇଆର୍‌ଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆୱାର୍ସ! ଆଡୋଲେସେଣ୍ଟସ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି। ଏଠାରେ କିଶୋରମାନେ ଯୁବ ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ଭବିଷ୍ୟତ ନିମନ୍ତେ ସେମାନଙ୍କର ଚିନ୍ତାଧାରା ଓ ଦୂରଦୃଷ୍ଟି ବିନିମୟ କରିବାକୁ ସହରାଞ୍ଚଳ କର୍ତ୍ତୃପକ୍ଷ, ନୀତି ନିର୍ଦ୍ଧାରକ ଏବଂ ଯୋଜନା ପ୍ରସ୍ତୁତକାରୀଙ୍କ ସହିତ ନିୟୋଜିତ ରହିଥିଲେ।

କାର୍ଯ୍ୟକ୍ରମରେ ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ସଂଗଠନର ଲକ୍ଷ୍ୟ ଓ ମୂଲ୍ୟବୋଧଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ସୁସ୍ଥ ଏବଂ ସମାବେଶୀ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛି ଯେଉଁଠାରେ ପିଲାମାନେ, କିଶୋର ଏବଂ ମହିଳାମାନେ ସମ୍ମାନର ସହିତ ବାସ କରିପାରିବେ। ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଯୁବ-ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ବିକାଶ ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ। ସେ କହିଥିଲେ ଯେ କିଶୋରମାନେ କେବଳ ସହରଗୁଡିକର ବ୍ୟବହାରକାରୀ ନୁହନ୍ତି, ସେମାନେ ମଧ୍ୟ ଏହାର ସହ-ସ୍ରଷ୍ଟା ଅଟନ୍ତି। ସେମାନଙ୍କର ନିରୀକ୍ଷଣ ଏବଂ ଆକଳନ ଆମକୁ ସର୍ବସାଧାରଣ ସ୍ଥଳଗୁଡ଼ିକ କିଭଳି ସ୍ୱାସ୍ଥ୍ୟ, ନିରାପତ୍ତା, ଅନ୍ତର୍ଭୁକ୍ତି ଏବଂ କଲ୍ୟାଣକୁ ପ୍ରଭାବିତ କରେ ତାହା ବୁଝିବାରେ ସହାୟତା କରୁଛି। ସେହିପରି କମିଶନର୍ ଚଞ୍ଚଳ ରାଣା ସହରାଞ୍ଚଳ ପ୍ରଶାସନରେ କିଶୋରମାନଙ୍କର ସମ୍ପୃକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ପିଲାମାନେ ହେଉଛନ୍ତି ସଚ୍ଚୋଟ ମତାମତ ପ୍ରଦାନକାରୀ। ଯୋଜନା ଓ ଡିଜାଇନ ପ୍ରସ୍ତୁତି କ୍ଷେତ୍ରରେ ଯେତେବେଳେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଏ ସେତେବେଳେ ଏହା ବିବିଧ ବୟସ ବର୍ଗର ଲୋକଙ୍କର ପୂର୍ଣ୍ଣାଙ୍ଗ କଲ୍ୟାଣ ସାଧନ କରିଥାଏ ବୋଲି କହିଥିଲେ।

# ଅତିରିକ୍ତ ବଜେଟ୍ ନେଇ ଶାସକ-ବିରୋଧୀ ମୁହାଁମୁହିଁ

## ‘ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ କରୁଛି’

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା ବିଧାନସଭାରେ ଶୁକ୍ରବାର ଅତିରିକ୍ତ ବଜେଟ୍ ଆଗତ ପରେ ରାଜ୍ୟ ରାଜନୀତି ଜୋର ଧରିଛି। ଅତିରିକ୍ତ ବଜେଟ ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ କରୁଛି ବୋଲି କହି ସୋସିଆଲ୍ ମିଡିଆରେ ବର୍ଷିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼



ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ବରଂ ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ଆଗକୁ ବଢ଼ାଉଛି। ପ୍ରାଶାସନିକ ବ୍ୟୟ ସଙ୍କୁଚିତ ହେଉଛି। ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର (୯୦୦ କୋଟି) ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ମନେ ହେଉଛି ହ୍ରାସ ପାଉଥିବା କେନ୍ଦ୍ର ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ହୋଇଛି ଅତିରିକ୍ତ ବଜେଟ୍। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ, ଏହା ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛି ବିଜେପି ସରକାର ବୋଲି କହି ସମାଲୋଚନା କରିଛନ୍ତି ନବୀନ। ପ୍ରକାଶ ଯେ ଗତକାଲି ବିଧାନସଭାରେ ୨୦୨୫-୨୬ର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପିତ ହୋଇଛି।

## ‘ରାଜ୍ୟ ପ୍ରଗତି କ୍ଷେତ୍ରରେ ଆଗଉଛି’



**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଅତିରିକ୍ତ ବଜେଟକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସର ଅଭିଯୋଗ ନେଇ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ କାଉଣ୍ଟର ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପ୍ରଗତି କ୍ଷେତ୍ରରେ ଆଗକୁ ବଢୁଛି। ପ୍ରଥମେ ବିଜେପି ସରକାର ୨.୯୦ ଲକ୍ଷ କୋଟିର ବଡ଼ ବଜେଟ ଆଣିଲେ। ଏବେ ୧୭,୪୦୦ କୋଟିର ଅତିରିକ୍ତ ବଜେଟ ହୋଇଛି। ବଜେଟ ପ୍ରମାଣିତ କରୁଛି ଯେ ରାଜ୍ୟ ପ୍ରଗତି କ୍ଷେତ୍ରରେ ଅଗଉଛି। ଏହା ଏକ ସାଧାରଣ କଥା ନୁହେଁ । ପ୍ରତ୍ୟେକ ବର୍ଗର ଲୋକଙ୍କ ଲାଗି ରାଜ୍ୟ ସରକାର କାମ କରୁଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଧାନସଭାରେ ଆସି ତର୍କ କରନ୍ତୁ। ସରକାର ବି ଏଥିପାଇଁ ପ୍ରସ୍ତୁତ ଅଛନ୍ତି। ଲୋକଙ୍କୁ ମିଛ କଥା କହି ବିରୋଧୀ ଦଳ ନେତା ଭୁଆଁ ବୁଲାନ୍ତୁ ନାହିଁ। ଏହି ବଜେଟ ଲୋକଙ୍କୁ ସୁହାଇବ। କେନ୍ଦ୍ରୀୟ ଅନୁଦାନ କମିନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ‘ଅତିରିକ୍ତ ବଜେଟ୍ ସରକାରଙ୍କ ବିଫଳତା ଦେଖାଉଛି’

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ବଜେଟ ଓ ଅତିରିକ୍ତ ବଜେଟ ସରକାରଙ୍କ ବିଫଳତା ଦେଖାଉଛି। ସଫଳତା ନେଇ ବଡ଼ ବଡ଼ କଥା କହି ପାରନ୍ତି ସରକାର। ହେଲେ ବାସ୍ତବରେ ସରକାର ବିଫଳ ହୋଇଛନ୍ତି। ବଜେଟ କେତେ ଖର୍ଚ୍ଚ ହୋଇଛି,



ତାହାର ଆଗ ଉତ୍ତର ରଖନ୍ତୁ ସରକାର। ମୋହନ ସରକାର ୩୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିପାରିନାହାନ୍ତି। ସରକାରୀ କଳ ଓ ଅଫିସ ଠପ୍ ହୋଇଯାଇଛି। କେବଳ କୁଜି ନେତାଙ୍କ କବଳରେ ସରକାରୀ ଅଫିସ ଅଛି । ବର୍ତ୍ତମାନ ଅଫିସର ସ୍ଥାଣୁ ହୋଇଯାଇଛନ୍ତି। ରାଜନୈତିକ ଚାପ ପଡୁଥିବାରୁ ଅଧିକାରୀଙ୍କୁ କାମ କରିବା କଷ୍ଟକର ହୋଇପଡୁଛି। ସେ ବଜେଟ ଖର୍ଚ୍ଚ କରିପାରିନଥିବାରୁ ଅତିରିକ୍ତ ବଜେଟର ଆବଶ୍ୟକତା ନଥିଲା। ସମୟ ନଷ୍ଟ କରି ରାଜ୍ୟବାସୀଙ୍କ ଅର୍ଥ ନଷ୍ଟ କରିବା ବ୍ୟବସ୍ଥା ହୋଇଛି । କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ଲାଗୁଥିଲା ଯେ ଅଧିକ ଅନୁଦାନ ଆସିବ, ହେଲେ ଆସିଲା ନାହିଁ ।’

### ଜୟନାରାୟଣଙ୍କୁ ଗଣେଶ୍ୱରଙ୍କ ଚ୍ୟାଲେଞ୍ଜ

# ହ୍ୱିସିଲ୍ ମାରି ଦେଖନ୍ତୁ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଅନେକ ଥର କହିଛନ୍ତି ଯେ ତାଙ୍କ ଦଳ ହ୍ୱିସିଲ ମାରିଲେ ବିଜେଡି ଭାଙ୍ଗି ଯିବ। ଆଉ ଆଜି ତାଙ୍କୁ ହ୍ୱିସିଲ ମାରିବା ପାଇଁ ଚ୍ୟାଲେଞ୍ଜ କରିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା। ସେ କହିଛନ୍ତି, ହ୍ୱିସିଲ ମାରି ଦେଖନ୍ତୁ। ତାଙ୍କ ହ୍ୱିସିଲରେ କେତେ ଶକ୍ତି ଅଛି, ଆମେ ଦେଖିବୁ। ଅବାସ୍ତବ କଥା କହୁଛନ୍ତି ଜୟନାରାୟଣ। ଆଗକୁ ବିଜେଡ଼ି ସଂଗଠିତ ହୋଇ ପୁଣି ଫେରିବ ବୋଲି ଶ୍ରୀ ବେହେରା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ସେମାନେ ନିର୍ବାଚନ ଜିତିଛନ୍ତି। ସରକାରରେ ଅଛନ୍ତି। ସଦ୍ୟ ଉପ-ନିର୍ବାଚନରେ ଏକ ବଡ଼ ବ୍ୟବଧାନରେ ଜିତିଛନ୍ତି। ତେଣୁ ସେମାନେ ଆନନ୍ଦରେ ବିଭୋର ହୋଇଯାଇଛନ୍ତି। ଯିଏ ବିଭୋର ହୋଇଯାଏ, ସେ ଅବସ୍ତାବ କଥା କହେ। ଏବେ





ତାହା ହିଁ ଘଟୁଛି। ଅନ୍ୟପକ୍ଷରେ ଗଣେଶଙ୍କୁ ଜବାବ ଦେଇ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ହ୍ୱିସିଲ ମାରିଲେ ତ ଭାଙ୍ଗିଯିବ। ଆଉ ମାରିକି କ’ଣ ଦେଖିବି ? ବିଜେଡିକୁ ଆମେ ଭାଙ୍ଗିବା ପାଇଁ ଚାହୁଁନୁ। ଆମ ପାର୍ଟି ଯେଉଁ ଦିନ ଚାହିଁବ, ସେହି ଦିନ ଭାଙ୍ଗି ଦେବ। କିନ୍ତୁ ପାର୍ଟି ଚାହୁଁନାହିଁ। ସେଥିପାଇଁ ମୁଁ କହିଥିଲି ଯେ ହ୍ୱିସିଲ ମାରିଲେ ପାର୍ଟି (ବିଜେଡି) ଭାଙ୍ଗିଯିବ। ଏବଂ ଏହା ଅତି ସ୍ପଷ୍ଟ ଭାବେ କହିଥିଲେ ଯେ ଆମର ରଣନୀତି ଅନୁସାରେ ବିଜେପି ବିରୋଧୀ ଭୋଟ୍‌ଗୁଡ଼ିକ ଭାଗ ଭାଗ ହେବା କଥା। ସେଥିପାଇଁ କେନ୍ଦ୍ର ବିଜେଡ଼ିକୁ ଭାଙ୍ଗିବା ପାଇଁ ଚାହୁଁନାହିଁ। କେନ୍ଦ୍ର ଯେଉଁ ଦିନ ଚାହିଁବ, ସେହି ଦିନ ବିଜେଡି ଲୋପ ପାଇଯିବ। ସେଥିପାଇଁ ମୁଁ କହୁଛି ହୁଇସି ମାରିଲେ ବିଜେଡି ଭାଙ୍ଗିଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ୪୧୪୫ ମନ୍ଦିରର ଅନୁଦାନ ରାଶି ବୃଦ୍ଧି

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ରାଜ୍ୟର ୪୧୪୫ ମନ୍ଦିରର ଅନୁଦାନ ରାଶି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଶନିବାର ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ୪୧୪୫ ମନ୍ଦିରର ଆର୍ଥିକ ଅନୁଦାନ ରାଶି ବଢ଼ାଇଛନ୍ତି। ପୂର୍ବରୁ ଏହା ୫ କୋଟି ଟଙ୍କା ଥିବାବେଳେ ଏବେ ତାହାକୁ ସାଢ଼େ ୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦେବୋତ୍ତର ବିଭାଗ ଅଧୀନରେ ଏବେ ରାଜ୍ୟରେ ୧୮ ହଜାରରୁ ଅଧିକ ମନ୍ଦିର ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।






# ବିଧାନସଭା ଖବର

### ପୂର୍ତ୍ତମନ୍ତ୍ରୀଙ୍କୁ ହସି ହସି କଟାକ୍ଷ କଲେ ବିଜେପି ବିଧାୟକ

## ୫୦ ଥର ଭେଟିଥିଲେ ବି କାମ ହେଉନି



**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଆଜି ବିଧାନସଭା ଶୀତ ଅଧିବେଶନର ତୃତୀୟ ଦିବସରେ ପୂର୍ତ୍ତ ମନ୍ତ୍ରୀଙ୍କୁ ହସି ହସି କଟାକ୍ଷ କରିଥିଲେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା। ବାଲେଶ୍ୱର ଖଇରା ରାଣୀତାଲ ରାସ୍ତା ନିର୍ମାଣକୁ ନେଇ ଗୃହରେ ନିଜର ଉଦବେଗ ପ୍ରକାଶ କରିଥିଲେ ବିଜେପି ବିଧାୟକ ଶ୍ରୀ ପଣ୍ଡା। ବିଧାୟକ କହିଥିଲେ ୫୦ ଥର ମନ୍ତ୍ରୀଙ୍କୁ ଭେଟିଥିଲେ ବି କାମ ହେଉନି। ରାସ୍ତା ଖାଲଖମା ବି ମରାମତି ହେଉନି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦେଖା ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି ବିଧାୟକ। ଯାହାକୁ ନେଇ ବିଧାନସଭାରେ ହାସ୍ୟରୋଳ ଦେଖାଦେଇଥିଲା।

ସେପଟେ ଗୃହରେ ହସି ହସି ଉତ୍ତର ରଖି ପୂର୍ତ୍ତମନ୍ତ୍ରୀ କହିଛନ୍ତି ଯେ ବିଧାୟକ ଗୃହ ବାହାରେ ଏକଥା ୨୫ ଥର ଜଣାଇଛନ୍ତି। ରାସ୍ତାର କାମ ପାଇଁ ଟେଣ୍ଡର ସରିଛି, ଏଗ୍ରିମେଣ୍ଟ ଷ୍ଟେଜରେ ଅଛି। ରାସ୍ତା ମରାମତି ତୁରନ୍ତ ହେବ ବୋଲି ଗୃହରେ ମନ୍ତ୍ରୀ କହିଛନ୍ତି।

## ମେଡିକାଲ୍ କଲେଜ ପାଇଁ ଦାବି କଲେ ଦୁଇ ବିଧାୟକ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ରାଜ୍ୟ ସରକାର ସବୁ ଜିଲ୍ଲାରେ ମେଡିକାଲ କଲେଜ ହେବ ବୋଲି ଘୋଷଣା କରିଛନ୍ତି। ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ଭଦ୍ରକ, ଯାଜପୁର, ଜଗତସିଂହପୁର ଓ ଢେଙ୍କାନାଳରେ ସରକାରୀ ମେଡିକାଲ କଲେଜ ହେବ ବୋଲି ଘୋଷଣା କରିଛନ୍ତି। ଆମ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ସରକାରୀ ମେଡିକାଲ କଲେଜ ହେଉଥିବାବେଳେ କେନ୍ଦ୍ରାପଡ଼ାକୁ ବାଦ୍ ଦିଆଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମହାକାଳପଡ଼ା ଗସ୍ତବେଳେ କେନ୍ଦ୍ରାପଡ଼ାରେ ସରକାରୀ ମେଡିକାଲ କଲେଜ ହେବ ବୋଲି କହିଥିଲେ। ହେଲେ ଏବେ ପାଶୋରି ଦେଲେ। କେନ୍ଦ୍ରାପଡ଼ା ପ୍ରତି ଏଭଳି ବୈମାତୃକ ମନୋଭାବ କାହିଁକି। ଶୀଘ୍ର କେନ୍ଦ୍ରାପଡ଼ାରେ ସରକାରୀ ମେଡିକାଲ କଲେଜ ଘୋଷଣା କରାଯାଉ ବୋଲି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବିଧାନସଭାରେ ନିବେଦନ କରିଛନ୍ତି। ଅନୁରୂପ ଭାବେ ଦଶପଲ୍ଲା ବିଧାୟକ ରମେଶ ବେହେରା ନୟାଗଡ଼ ଜିଲ୍ଲାରେ ସରକାରୀ ମେଡ଼ିକାଲ କଲେଜ ହେଉ ବୋଲି ନିବେଦନ କରିଥିଲେ । ଏହା ସହ ତାଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜମି ସମସ୍ୟା ଦୂର କରିବାକୁ ଅନୁରୋଧ କରିଥିଲେ।

## ରାଜ୍ୟରେ ଅଛି ୨୯୭ ମିଶନ ଶକ୍ତି କାଫେ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ୍ ୨୯୭ଟି ସୁଭଦ୍ରା ଶକ୍ତି କାଫେ ରହିଛି। ଏହି ତାଲିକାରେ ସର୍ବାଗ୍ରେ ରହିଛି କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲା। ଉକ୍ତ ଦୁଇ ଜିଲ୍ଲାରେ ୧୮ କରି କାଫେ ରହିଛି। ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ, ରାଜ୍ୟରେ ମୋଟ୍ ୨୯୭ଟି ସୁଭଦ୍ରା ଶକ୍ତି କାଫେ ମଧ୍ୟରୁ ୨୫୪ଟି କାର୍ଯ୍ୟକ୍ଷମ ରହିଛି ଏବଂ ଏଥିରେ ୨୨୩୯ ଜଣ ଏସ୍ଏଚ୍‌ଜି ସଦସ୍ୟା କାର୍ଯ୍ୟ କରୁଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ସର୍ବାଧିକ ୧୮ଟି ଲେଖାଏଁ କାଫେ କୋରାପୁଟ ଓ




ସୁନ୍ଦରଗଡ଼ ଜିଲ୍ଲାରେ ରହିଛି। ସେହିପରି ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ୧୬ଟି କାଫେ ରହିଥିବାବେଳେ କଳାହାଣ୍ଡିରେ ୧୫ଟି, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝରରେ ୧୪ଟି ଲେଖାଏଁ, ବରଗଡ଼ ଓ କଟକରେ ୧୩ଟି ଲେଖାଏଁ ସୁଭଦ୍ରା ଶକ୍ତି କାଫେ ରହିଛି। ସବୁଠାରୁ କମ୍ ମାତ୍ର ୪ଟି କାଫେ ଦେବଗଡ଼ ଜିଲ୍ଲାରେ ରହିଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିଛି କାଫେର ପରିଚାଳନା ମହିଳା ଗୋଷ୍ଠି କରୁଥିବାବେଳେ ଆଉ କିଛି ସ୍ଥାନରେ ମହାସଂଘ କାଫେର ବିଭିନ୍ନ କାମ ପାଇଁ ଅତିରିକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତ କରୁଛନ୍ତି। ସେମାନଙ୍କୁ ହାରାହାରି ମାସିକ ୮ରୁ ୧୦ ଟଙ୍କା ପ୍ରଦାନ କରୁଛନ୍ତି।

## ରାଜ୍ୟରେ ଖୋଲିବ ଆଉ ୧୫ ପୋକ୍ସୋ ଅଦାଲତ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ରାଜ୍ୟରେ ଖୋଲିବ ଆଉ ୧୫ ପୋକ୍ସୋ ଅଦାଲତ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝରରେ ଖୋଲିବାକୁ ଯୋଜନା କରାଯାଇଛି। ସେହିପରି ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ମଧ୍ୟ ପୋକ୍ସୋ ଅଦାଲତ ଖୋଲିବା ନେଇ ସୂଚନା ରହିଛି। ଏହା ସହ ଦେବଗଡ଼, ମାଲକାନଗିରି, ସୋନପୁରରେ ସ୍ୱତନ୍ତ୍ର ପୋକ୍ସୋ କୋଟ୍ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ଅବକାରୀ ରାଜସ୍ୱ ଟାର୍ଗେଟ୍ ୯,୭୫୩.୬୨ କୋଟି

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ବାବଦରେ ମୋଟ୍ ୯,୭୫୩ କୋଟି ୬୨ଲକ୍ଷ ଟଙ୍କା ଆଦାୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ଶନିବାର ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୨୦-୨୧ ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ବାବଦରେ ୫,୪୦୦ କୋଟି ୨୧ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୧,୪୨୯ କୋଟି ୭୪ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଏ ବାବଦରୁ ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ଆର୍ଥିକ ବର୍ଷରେ ଓଡ଼ିଶାରେ ୮୪୦



ଲକ୍ଷ ବଲ୍କ ଲିଟର ଭାରତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିବାବେଳେ ଏଥିରୁ ରାଜ୍ୟ ବାହାରୁ ପାଖପାଖି ୬୪ଲକ୍ଷ ଲିଟର ମଦ ଆମଦାନୀ ହୋଇଥିଲା। ସେହିଭଳି ଗତ ବର୍ଷ ରାଜ୍ୟରେ ୧୬୭୮ ଲକ୍ଷ ବଲ୍କ ଲିଟର ବିୟର ବିକ୍ରି ହୋଇଥିବାବେଳେ ଏଥିମଧ୍ୟରୁ ୨୪୬ ଲକ୍ଷ ବଲ୍କ ଲିଟର ରାଜ୍ୟ ବାହାରୁ ଆମଦାନୀ ହୋଇଥିଲା। ତେବେ ବିକ୍ରି ହେଉଥିବା ଦେଶୀ ମଦ ଓ ବାହାର ଭାଟି ମଦ ସବୁ ଓଡ଼ିଶାରେ ପ୍ରସ୍ତୁତ ହେଉଛି। ଗତ ଆର୍ଥିକ ବର୍ଷରେ ଓଡ଼ିଶାରେ ୧୮୩ଲକ୍ଷ ଲିଟର ଦେଶୀମଦ ବିକ୍ରି ହୋଇଥିବାବେଳେ ୧୩୧୪ ଲକ୍ଷ ଲିଟର ବାହାର ଭାଟି ମଦ ବିକ୍ରି ହୋଇଛି ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।



**୧୩ ଦିନରେ ଓଡ଼ଗାଁ ସୋସାଇଟି ତାଲାବନ୍ଦ ଧାରଣା**

# ସମ୍ପାଦକଙ୍କୁ ବହିଷ୍କାର କଲା ପରିଚାଳନା ପରିଷଦ



**ଓଡ଼ଗାଁ,୨୯।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ କୃଷି ସମବାୟ ସମିତିରେ ତାଲାବନ୍ଦ ଘଟଣାକୁ ୧୩ ଦିନ ବିତି ଯାଇଥିଲେ ମଧ ଚାଷୀ ଓ ପରିଚାଳନା ପରିଷଦ ତାଲାବନ୍ଦ ଧାରଣାରେ ବସିଛନ୍ତି ।ପରିଚାଳନା ପରିଷଦ ଓ ସମ୍ପାଦକ ଉଭୟ ଉଭୟଙ୍କ ଉପରେ ଆରୋପ ଦୋଷାରୋପ କରି ଚାଲିଛନ୍ତି ।ସମିତି ସଂପାଦକ ପରିଚାଳନା ପରିଷଦର ଅଜାଣତରେ ଚାଷୀଙ୍କ ଟଙ୍କା ଆତ୍ମସାତ୍ କରିଥିବା ଚାଷୀ ଓ ପରିଚାଳନା ପରିଷଦ ଅଭିଯୋଗ ଆଣିଥିବାବେଳେ ସଂପାଦକ ସେମିତି କିଛି ଭୁଲ କରିନଥିବା କହିଛନ୍ତି ବରଂ ସମବାୟ ସମିତି ନିୟମ ଅନୁଯାୟୀ ସେସମସ୍ତ କାର୍ଯ୍ୟ କରିଥିବା କହିଛନ୍ତି । ଗତ ୨୨ତାରିଖରେ ସଂପାଦକ ଦୀପକ ଚୌଧୁରୀ ତାଙ୍କ ସ୍ୱାସ୍ଥ୍ୟଅବସ୍ଥା ଖରାପଥିବା ଦର୍ଶାଇ ଚାକିରୀରୁ ଅବ୍ୟାହତ ଦେବାକୁ ଏକ ଚିଠି ପରିଚାଳନା ପରିଷଦ, ସମବାୟ ଉପ ନିବନ୍ଧକ,କେନ୍ଦ୍ର ସମବାୟ ବ୍ୟାଙ୍କ ସେକ୍ରେଟାରୀ ଓ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କକୁ ପ୍ରଦାନ କରିବାପରେ ଅଡୁଆ ବଢିଥିଲା ।ଗତକାଲି ପରିଚାଳନା ପରିଷଦ ବୈଠକରେ ସଂପାଦକ ଶ୍ରୀ ଚୌଧୁରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଥିବାରୁ ତାଙ୍କୁ ଅବ୍ୟାହତ ଦିଆଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଛି । ପରିଚାଳନା ପରିଷଦ ପକ୍ଷରୁ ଏକ ଚିଠି ସମବାୟ ଉପ ନିବନ୍ଧକ, କେନ୍ଦ୍ର ସମବାୟ ବ୍ୟାଙ୍କ ସେକ୍ରେଟାରୀ ଓ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପ୍ରଦାନ କରାଯାଇଛି । ପରିଚାଳନା ପରିଷଦ ଚିଠି କରିବାପରେ ସେକ୍ରେଟାରୀ ଶ୍ରୀ ଚୌଧୁରୀଙ୍କ ଭାଗ୍ୟ କ'ଣହେବ ତାକୁ ନେଇ ବିଭିନ୍ନ ମହଲରେ ମାନସ ମନ୍ଥନ ଆରମ୍ଭ ହୋଇଛି । ଏପଟେ ସଂପାଦକଙ୍କ ବହିଷ୍କୃତ ଘଟଣାକୁ ସମବାୟ ବିଭାଗ କିପରି ଗ୍ରହଣ କରୁଛି ତାହାଦେଖିବାକୁ ବାକି ରହିଛି । ଯଦି ସମବାୟ ସମିତି ଏହାକୁ ଗ୍ରହଣ ନକରେ ତେବେ ପରିଚାଳନା ପରିସ୍ଥିତି ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି ହେବବୋଲି ଆଲୋଚନା ହେଉଛି । ଏପଟେ ୧୩ଦିନ ହେଲା ସମିତିରେ ଧାରଣା ଚାଲିଥିବାରୁ ଅଚଳାବସ୍ଥା ଦେଖାଦେଇଛି ।

# ତମାଖୁ ଦୋକାନରେ ଚଢ଼ଉ, ଜୋରିମାନା ଆଦାୟ



**ଟାଙ୍ଗୀ,୨୯।୧୧/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଅଧିନସ୍ଥ ବିଭିନ୍ନ ଅଞ୍ଚଳକୁ ଟାଙ୍ଗୀ ପୁଲିସ ସହାୟତାରେ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ଶିକ୍ଷା ଅନୁଷ୍ଠାନ, ମେଡିକାଲ ଓ ଛକ ନିକଟରେ ଥିବା ତମାଖୁ ଦୋକାନ ଉପରେ ଚଢାଉ କରି ଜୋରିମାନା ଆଦାୟ କରାଯାଇଥିବା ଦେଖିବାକୁ ମିଳିଛି । ଆଜି ସକାଳ ସମୟରେ ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ ଙ୍କ ନେତୃତ୍ୱରେ ଡ୍ରଗ୍ସ ଇନ୍ସପେକ୍ଟର ସର୍ମିଳା ସାହୁ , ଫୁଡ୍ ସେଫ୍ଟି ଅଫିସର ଅଭିନନ୍ଦିତା, ଅବକାରୀ ଏ ଏସ୍ ଆଇ ଟିମ୍ ସହ ପ୍ରଥମେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ନିକଟରେଥିବା ତମାଖୁ ଦୋକାନ ପରେ ଟିକରା ଛକ, କଏରାପାରୀ ଛକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟ ଓ ଜଗତପୁର ପର୍ଯ୍ୟନ୍ତ ଅନେକ ତମାଖୁ ଦୋକାନରେ ଚଢାଉ କରି ୨୪ଶହ ଟଙ୍କା ଜୋରିମାନା ଆଦାୟ କରିବା ସହ ଏଭଳି ସ୍ଥାନରେ ତମାଖୁ, ସିଗାରେଟ୍ ନ ବିକ୍ରି କରିବାକୁ ତାଗିଦ କରିଥିଲେ। ଅନ୍ୟ ପଟେ ଛୋଟ ବ୍ୟବସାୟୀ ମାନେ ଏହାକୁ ନ ପସନ୍ଦ କରିବା ସହ କମ୍ପାନୀ ଓ ଡିପୁ ମାନଙ୍କରେ କାହିଁକି ଚଢ଼ାଉ କରାଯାଉନି ବୋଲି ପ୍ରଶ୍ନ କରିଥିଲେ।

# ଅବହେଳିତ ଅବସ୍ଥାରେ ଉପସ୍ୱାସ୍ଥ୍ୟକେନ୍ଦ୍ର




**ନୟାହାଟ,୨୯।୧୧/ଏନ୍ଏନ୍ଏସ୍:** ସ୍ୱାସ୍ଥ୍ୟ ଉପରେ ରାଜ୍ୟ ସରକାର ବିଶେଷ ଭାବରେ ଗୁରୁତ୍ୱ ଦେଉଥିବେଳେ ଗ୍ରାମାଞ୍ଚଳରେ ଥିବା ଛୋଟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ତାହା ଅବହଳିତ ଅବସ୍ଥାରେ ପଡ଼ିରହିଛି । ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏକ ଭୁତକୋଠି ପାଲଟିଛି । ପ୍ରକାଶ ଯେ ପୁରୀଜିଲ୍ଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନହାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ଗୋଟି ପଞ୍ଚାୟତ ଯଥା ଧୂମାଲ, ଜଙ୍ଗଲବୋରି, ଦେସ୍ଥଳୀ, ବାଉଲାଙ୍ଗ, ଇସାଣପୁର, ସୋରଭା ପଞ୍ଚାୟତ ର ୬୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରୁଥିବାବେଳେ ଏଠାରେ ଆଦୌ ଶଯ୍ୟା ନଥିବାରୁ ଲୋକମାନେ ତଳେ ସୋଇରହି ଚିକିତ୍ସା ହୁଅନ୍ତି ଏଠାରେ ଡାକ୍ତର ନିୟମିତ ଆସୁନଥିବାରୁ ଲୋକମାନେ ନିରାଶ ହୋଇ ଚାରିଛକ, ନିଆଳି, ନିମାପଡ଼ା, ଗୋପ ଉପରେ ନିର୍ଭର କରିଥାନ୍ତି । ଡାକ୍ତରଙ୍କ ପାଇଁ ବାସଗୃହ ଥିଲେ ମଧ ଏଠାରେ ସେ ରାତିରେ ରୁହନ୍ତି ନାହିଁ। ରାତିରେ ଜରୁରୀକାଳୀନ ଚିକିତ୍ସା ପାଇଁ ଲୋକମାନେ ନିରାଶ ହୋଇ ବହୁ କଲବଲ ହେଉଥିବା ଦେଖିବାକୁ ମିଳେ । ନୟାହାଟରେ ୧୦ସଂଖ୍ୟା ବିଶିଷ୍ଟ ଶଯ୍ୟା କରିବାକୁ ଦାବିହୋଇ ଆସୁଥିବାବେଳେ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବା ସରପଞ୍ଚ ମୋନାଲିସା ସିଂହ, ପ୍ରଭାତୀ ସାହୁ, ରିସ୍ମା ସ୍ୱାଇଁ, ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସରପଞ୍ଚ ବିନୋଦିନୀ ପାଳ, କିଶୋର ଚନ୍ଦ୍ର ସେଠି ନୟାହାଟ ବ୍ୟବସାୟୀ ସଙ୍ଘ ସଭାପତି ଫକୀର ଚରଣ ବାରିକ ଓ ସାମ୍ବାଦକ ସୁବାସ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏ ଦିଗରେ ତୁରନ୍ତ ଦୃଷ୍ଟି ନଦେଲେ ଆଗକୁ ଜନଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ନିଶ୍ଚିନ୍ତକୋଇଲି ବିଜେଡିର ସାଂଗଠନିକ ବୈଠକ



**ନିଶ୍ଚିନ୍ତକୋଇଲି,୨୯।୧୧/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକର ୨୭ ଗୋଟି ପଂଚାୟତରେ ବିଜୁ ଜନତା ଦଳର ସଂଗଠନିକ ସୁଦୃଢ ପାଇଁ ଜମରା ପଞ୍ଚାୟତସ୍ଥିତ ମା' ଗର୍ଭେଶ୍ୱରୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବିଜେଡି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଶହ ଶହ ସଂଖ୍ୟାରେ ବିଜେଡି କର୍ମୀମାନେ ଉପସ୍ଥିତ ହୋଇ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ନିଜ ନିଜର ମତବ୍ୟକ୍ତ କରିଥିଲେ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ପ୍ରାକ୍ତନମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗତ ସାଧାରଣ ନିର୍ବାଚନରେ ବିଜେଡି ପରାଜୟ ହେବାର କେତୋଟି ମୁଖ୍ୟ କାରଣ ପ୍ରକାଶ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସଭାପତି ରମାକାନ୍ତ ମହାନ୍ତିଙ୍କୁ ପରିବର୍ତ୍ତନ କରାଯାଇ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଗଲା ବୋଲି କର୍ମୀମାନଙ୍କୁ ଶ୍ରୀ ଜେନା ସୂଚନା ଦେଇଥିଲେ। ବୈଠକରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ବିପ୍ଳବ କାପ, ସଭ୍ୟା ଜସ୍ମିତା ସେଠୀ, ପୂର୍ବତନ ସରଫଂଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଆଶୁତୋଷ ତ୍ରିପାଠୀ, ଜୋନ୍ ସଭାପତି ଜୟଦେବ ରାଉତ, ଅନୀଲ କୁମାର ଭୂୟାଁ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଂଜନ ମହାପାତ୍ର, ସରପଞ୍ଚ ସରୋଜିନୀ ବେହେରା, ବନ୍ଦନାମୟୀ ତ୍ରିପାଠୀ, ରାକେଶ ସାମଲ, ହିଂମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ବଳରାମ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ରାଜେଶ ବେହେରା, ଦେବେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ସୁଧାଂଶୁ ଶେଖର ଭୂୟାଁ, ମନୋଜ ସେଠୀ, ସୁଦାମ ଚରଣ ବଳ, ବିନୋଦ ସାମଲ, ଆନନ୍ଦ ଦାସ, ଅଭିରାମ ବିଶ୍ୱାଳ, ଚୈତନ୍ୟ ପଣ୍ଡା, ଜାକିର ଖାଁ, ଶାରଦା ମହାନ୍ତି, ଜଲାଲ ହୁସେନ, ପ୍ରହଲ୍ଲାଦ ଜେନାଙ୍କ ସମେତ ପଂଚାୟତ ସ୍ତରୀୟ ବହୁ ବିଜେଡି ନେତୃ ବୃନ୍ଦ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ପାଣି କର୍ମଚାରୀଙ୍କ ଦରମା ହଡ଼ପ୍ ଅଭିଯୋଗ

**ଅସ୍ତରଙ୍ଗ,୨୯।୧୧/ଏନ୍ଏନ୍ଏସ୍:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଆଳସାହି ପଞ୍ଚାୟତରେ କାର୍ଯ୍ୟରତ ପମ୍ପ ଡ୍ରାଇଭର କର୍ମଚାରୀ ବା ଏସ୍ଇଏମ୍ଙ୍କ ଦରମା ଉଠାଯାଇ ତାଙ୍କୁ ଦିଆ ନଯାଇ ହଡପ୍ ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନାଥାଉ କି ପମ୍ପ ଡ୍ରାଇଭର ମନୋଜ ସ୍ୱାଇଁ ଆଳସାହି ଗ୍ରାମ ପଞ୍ଚାୟତ ପକ୍ଷରୁ ସମସ୍ତ ସରକାରୀ ନିୟମ ଅନୁଯାୟୀ ୩ବର୍ଷ ୭ମାସ ବା ୪୩ମାସ ହେଲାଣି ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ମାସକୁ ୨ହଜାର ହିସାବରେ ମୋଟ ୮୬ହଜାର ପାଇବା ବଦଳରେ ମାତ୍ର ୪ହଜାର ପାଇଛନ୍ତି। କିନ୍ତୁ ସେ ସବୁଠାରୁ ଆଶ୍ଚର୍ଯ୍ୟ କଥା ପ୍ରତି ବର୍ଷ ଏସ୍ଇଏମ୍ ବାବଦକୁ ଆସୁଥିବା ଟଙ୍କା ଗ୍ରାମପଞ୍ଚାୟତ ଜିପିଡିପିରେ ମଞ୍ଜୁର କରାଯାଇଛି। କିନ୍ତୁ ତାଙ୍କର ପାରିଶ୍ରମିକ ବାବଦକୁ ଟଙ୍କା ଦିଆଯାଇନାହିଁ ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ମନୋଜ ଅଭିଯୋଗ ଆଣି କହିଛନ୍ତି ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଅବଶିଷ୍ଟ ୮୨ହଜାର ଟଙ୍କା ମାଗିବାରୁ ସେ ତୁମର ନିଯୁକ୍ତି ପାଇଁ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଯାଇଛି, ନିଯୁକ୍ତିପତ୍ର ଆସିବା ପରେ ଟଙ୍କା ଦିଆଯିବ ବୋଲି କହୁଥିବା ସେ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସେ ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇନଥିଲେ।

# ସିଭିଲ୍ ସୋସାଇଟିର ସାଧାରଣ ପରିଷଦ ବୈଠକ



**ଚାରିଛକ,୨୯।୧୧/ଏନ୍ଏନ୍ଏସ୍:** ନିମାପଡା-ଗୋପ ସିଭିଲ ସୋସାଇଟର ଏକ ସାଧାରଣ ପରିଷଦ ବୈଠକ ଚାରିଛକ ନିକଟସ୍ଥ ଏକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ରାଜସ୍ୱ ବିଭାଗର ଡେପୁଟି କମିସନର ଚନ୍ଦ୍ରକାନ୍ତ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ତଥା ସିଭିଲ ସୋସାଇଟର ସଭାପତି ସୁଧିର କୁମାର ମହାନ୍ତି, ଉପ-ସଭାପତି ଅକ୍ଷୟ କୁମାର ନାୟକ, ପୂର୍ବତନ ବିଧାୟକ ବେଣୁଧର ସେଠୀ, କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ କୁମାର ମିତ୍ର,ପ୍ରାକ୍ତନ ଅଧକ୍ଷ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୂର୍ବତନ ଅଧକ୍ଷ ଡଃ ବଂଶୀଧର ଷଡଙ୍ଗୀ, ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶୈଳେନ୍ଦ୍ର କୁମାର ରଥ, ଡଃ ପ୍ରଭାତ ଚନ୍ଦ୍ର ମିଶ୍ର, ଶିକ୍ଷାବିତ ନିରୋଦ ବରଣ ଖୁଂଟିଆ, ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଆର୍ତ୍ତବନ୍ଧୁ ସେନାପତି, ଚିତ୍ତରଞ୍ଜନ ସେନାପତି, କାହ୍ନୁ ଚରଣ ବେହେରା, ଦେବେନ୍ଦ୍ର ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବନବିହାରୀ ଦାଶ, ହିମାଂଶୁ ଶେଖର ଦାଶ, ଜୟନ୍ତ ସେଠୀ, ପ୍ରିୟବ୍ରତ ଭୋଳ, ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ, ଶିଶିର କୁମାର ନାୟକଙ୍କ ସମେତ ନିମାପଡା ଓ ଚାରିଛକ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସିଭିଲ୍ ସୋସାଇଟି ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଡଃ କେଦାରନାଥ ସାହୁ ସଂଯୋଜନା କରିଥିବା ବେଳେ ପରିଷଦର ସଂପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୌଦ୍ୱାର ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ




**ଚୌଦ୍ୱାର,୨୯।୧୧/ଏନ୍ଏନ୍ଏସ୍:** ଇମ୍ଫା ଶିଳ୍ପ ଗୋଷ୍ଠୀର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କର ୯୩ତମ ଜନ୍ମତିଥି ଅବସରରେ ଚୌଦ୍ୱାର ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ ଇମ୍ଫା ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଚୌଦ୍ୱାର ଇମ୍ଫାର ଉପସଭାପତି ତଥା ଇଆଇସି ବିନୟ ଅଗ୍ରୱାଲ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ ଇମ୍ଫା ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡାଙ୍କ ଯୋଗ ଦେଇଥିଲେ। ଫେରୋ ଆଲଏଜ ଉତ୍ପାଦନ କ୍ଷେତ୍ରରେ ଇମ୍ଫା ଶିଳ୍ପଗୋଷ୍ଠୀ ଭାରତରେ ଏକ ନମ୍ବର ଓ ବିଶ୍ୱରେ ଷଷ୍ଠ ସ୍ଥାନରେ ପହଂଚି ପାରିଥିବାରୁ ମୁଖ୍ୟଅତିଥି ଶ୍ରୀ ବର୍ଦ୍ଧନ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଇମ୍ଫାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ପ୍ରଶଂସା କରିଥିଲେ। ଚୌଦ୍ୱାରର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଚୌଦ୍ୱାର ଇମ୍ଫା ଗତବର୍ଷ ପ୍ରାୟ ୧କୋଟି ୩୫ଲକ୍ଷ ଟଙ୍କା ସିଏସ୍ଆର ଫଣ୍ଡ୍ ମାଧ୍ୟମରେ ବିନିଯୋଗ କରିଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଦେଢ଼ କୋଟିର ବଜେଟ୍ ରଖାଯାଇଛି ବୋଲି ଉପସଭାପତି ଶ୍ରୀ ଅଗ୍ରୱାଲ ପ୍ରକାଶ କରିଥିଲେ। ଏହି ଅବସରରେ ଚୌଦ୍ୱାରରେ ଥିବା ବିଭିନ୍ନ ବିଦ୍ୟାଳୟ ଯଥା ସେଣ୍ଟ ଜାଭିୟର ହାଇସ୍କୁଲ ହିଙ୍ଗୁଳାଇ ରୋଡ଼, ବିଆଇପିଏଫ୍ ସ୍କୁଲ, କଳିଙ୍ଗ ପବ୍ଲିକ୍ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଚାରବାଟିଆ, କଳିଙ୍ଗ ବିଦ୍ୟାପୀଠ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଓ.ଟି.ଏମ୍. ହାଇସ୍କୁଲର ଛାତ୍ରଛାତ୍ରୀମାନେ ସେଠାରେ ହୋଇଥିବା ବିଜ୍ଞାନମେଳାରେ ଯୋଗ ଦେବା ସହ ବିଭିନ୍ନ ପ୍ରକାରର ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ କଂପାନୀ କର୍ମଚାରୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବହୁ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ହିନ୍ଦ୍ ସେବକ ସଂଘର ଅଧକ୍ଷ ଦାମୋଦର ସାହୁ, କାଉନ୍ସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ସୁଜାତା ସାହୁ, ପୂର୍ବତନ ଚେୟାରମ୍ୟାନ୍ ପ୍ରେମଚାନ୍ଦ ନାୟକ, ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ପୂର୍ବତନ କାଉନ୍ସିଲର ବିଷ୍ଣୁଚରଣ ପରିଡ଼ା, ଚୌଦ୍ୱାର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଓ ଓଟିଏମ୍ ଶ୍ରମିକ ପରିବାର ଯୁବକ ସଂଘ ସଭାପତି କୈଳାସ ଚନ୍ଦ୍ର ସାହାଣୀଙ୍କ ସମେତ ଚୌଦ୍ୱାରର ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ଚୌଦ୍ୱାର ଇମ୍ଫାର ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେଏସ୍‌ବି ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**ଶରଣକୁଳ,୨୯।୧୧/ଏନ୍ଏନ୍ଏସ୍:** ଶରଣକୁଳ ଭିକାରୀପଡା ସ୍ଥିତ କେ.ଏସ.ବି ପବ୍ଲିକ ସ୍କୁଲରେ ଦୁଇଦିନ ଧରି ଚାଲୁ ରହିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି କ୍ରୀଡା ଉତ୍ସବର ଉଦଘାଟନୀ ଉତ୍ସବ ଲଡୁବାବାଙ୍କ ମନ୍ଦିର ସିଂହଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ସ୍କୁଲ ସମ୍ପାଦକ ବରିଷ୍ଠ ଶିକ୍ଷବିତ ପ୍ରଶାନ୍ତ କୁମାର ଦାଶ, କଣ୍ଠଶିଳ୍ପୀ ରବୀନ୍ଦ୍ର ତ୍ରିପାଠୀ, ଅଧକ୍ଷ ନୀଳମାଧବ ତ୍ରିପାଠୀ, ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ରାଜେନ୍ଦ୍ର ତ୍ରିପାଠୀ, ସବିତା ସାହୁ, ସମାଜ ସେବୀ ଜୟ କୃଷ୍ଣ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସୁନିଲ କୁମାର ବଡ଼ପଣ୍ଡା ଲଡୁବାବାଙ୍କ ଅଖଣ୍ଡ ଦୀପରୁ ଅଗ୍ନି ଆଣିବା ପରେ ମୁଖ୍ୟ ଅତିଥି ଶ୍ରୀ ଦାଶ ମଶାଲ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ପରେ ଏକ ମଶାଲ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ କ୍ରମେ କ୍ରୀଡା ପ୍ରତିଯୋଗିତା ଗୁଡିକ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ୨୦ଟି ଖେଳ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା ମୁଖ୍ୟ ଅତିଥି, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ନୀଳମାଧବ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ନେପାଳ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା



**ଓଡ଼ଗାଁ,୨୯।୧୧/ଏନ୍ଏନ୍ଏସ୍:** ଦୀର୍ଘବର୍ଷ ଧରି ଯନ୍ତ୍ରଣାରେ ସଢୁଥିବା ଓଡ଼ଗାଁ ବ୍ଲକ ର ଆଦିବାସୀ ଅଧୁଷିତ ନେପାଳବାସୀଙ୍କ ଦୁଃଖ ଦୂରହେବାକୁ ଯାଉଛି । ଜିଲ୍ଲାପାଳଙ୍କ ନେପାଳ ଗ୍ରସ୍ତ ପରେ ସ୍କୁଲ ଖୋଲିଛି ଓ ୩ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ଏହାସହିତ ଆଜି ଗ୍ରାମର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀଦଳ ଗାଁରେ ପହଞ୍ଚି ଲୋକଙ୍କ ହିମୋଗ୍ଲୋବିନ୍, ଆଖି, ଓଜନ ମାପିବାସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଆଜି ଏହି ଶିବିରରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ ସାମିଲ ହୋଇଥିଲେ । ତାଙ୍କର ଆଜି କାର୍ଯ୍ୟକାଳ ଶେଷ ହେଉଥିବାରୁ ସେ ଲୋକଙ୍କ ସହିତମିଶି କିପରି ଦେହର ଯତ୍ନ ନେବାକୁ ହେବ ଓ ଦେହ ଅସୁସ୍ଥ ହେଲେ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ ନେବ ତା ଉପରେ ସମସ୍ତଙ୍କୁ ସଚେତନ କରିଥିଲେ । ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ବାଣ୍ଟପୁର ସରପଞ୍ଚ ସୁନିତା ବାରିକ, କୋମଣ୍ଡ ସରପଞ୍ଚ ଦୀପିକା ସେଠୀ, ମହିଳା ଓ ଶିଶୁବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନ, ଆଶାକର୍ମୀ, ସମାଜସେବୀ ପ୍ରଭାତ କୁମାର ପ୍ରଧାନ, ଜଗନ୍ନାଥ ଦଳବେହେରା ଓ ଅନ୍ୟମାନେ ଉପସ୍ଥିତ ଥିବା ଜଣାପଡ଼ିଛି ।

# କୋଣାର୍କ ନୃତ୍ୟ ଉତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପ୍ରସ୍ତୁତି ଅନୁଧାନକଲେ ଜିଲ୍ଲାପାଳ



**କୋଣାର୍କ,୨୯।୧୧/ଏନ୍ଏନ୍ଏସ୍:** ଶନିବାର ଅପରାହ୍ନରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଚନ୍ଦ୍ରଭାଗାରେ ପହଞ୍ଚି ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ଚନ୍ଦ୍ରଭଗା ମାଘମେଳା ପଡିଆରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ସୁଭଦ୍ରା ଶକ୍ତି ମେଳାର ପ୍ରସ୍ତୁତିକୁ ବୁଲି ଅନୁଧାନ କରିଥିଲେ ।

**୩୫ ଷ୍ଟଲ୍‌ରେ ହେବ ବାଲୁକା କଳା ପ୍ରଦର୍ଶନ,**
**୨୦୦ ଷ୍ଟଲ୍‌ରେ ସୁଭଦ୍ରା ଶକ୍ତିମେଳା**

ଅନ୍ୟମାନଙ୍କ ମଧ୍ୟରେ ଏସପି ପ୍ରତୀକ ସିଂ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ(ପ୍ରୋଟୋକଲ), ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି , ମିଶନ ଶକ୍ତି ଜିଲ୍ଲା ଅଧିକାରୀ ସ୍ୱାଗତିକା ପରିଡା, ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ବିଷ୍ଣୁପଦ ମାରାଣ୍ଡି, ଗୋପ ବିଡ଼ିଓ ଛବିରାଣୀ ସାହୁ, ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ୟୁମ୍ନ କୁମାର ଜେନା, ପର୍ଯ୍ୟଟନ ସହାୟକ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ହସ୍ତ ଶିଳ୍ପ ଅଧିକରୀ ପୁରୀ ସୂର୍ଯ୍ୟକାନ୍ତ ପଣ୍ଡା, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ଟିପିକଲଡ଼ର ନିର୍ବାହୀଯନ୍ତ୍ରୀ ବିଶ୍ୱରଂଜନ ବେହେରା, ପୂର୍ତ୍ତବିଭାଗ ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ, ଓ ଏନଏଚଆଇର ଅଧିକାରୀ ମାନେଉପସ୍ଥିତ ରହିଥିଲେ। କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଆସନ୍ତା ଡ଼ିସେମ୍ବର ୧ରୁ ୫ତାରିଖ ପାଞ୍ଚଦିନ ବ୍ୟାପି ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବ। ବରିଷ୍ଠ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟନାୟକଙ୍କ ତତ୍ତ୍ୱବଧାନରେ ଭାରତର ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ବାଲୁକାଶିଳ୍ପୀମାନେ ଏହି ବାଲୁକାକଳା ପ୍ରଦର୍ଶନୀରେ ଯୋଗଦେବେ। ପରେ ଚନ୍ଦ୍ରଭଗା କୋଣାର୍କ ମୁଖ୍ୟରାସ୍ତା ହେଲିପ୍ୟାଡ଼ରେ ହେବାକୁ ଥିବା ମୀନାବଜାରର ପ୍ରସ୍ତୁତିକୁ ବୁଲି ଦେଖିଥିଲେ। ଏହାପରେ ଜିଲ୍ଲାପାଳ କୋଣାର୍କ ସ୍ଥିତି ପର୍ଯ୍ୟଟନ ବିଭାଗର ମୁକ୍ତାକାଶ ରଙ୍ଗମଞ୍ଚରେ ପହଞ୍ଚି ଆସନ୍ତା ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ୩୬ ତମ ନୃତ୍ୟ ଉତ୍ସବ ନିମନ୍ତେ ଚାଲିଥିବା ପ୍ରସ୍ତୁତି ସମୀକ୍ଷା କରିଥିଲେ ଜିଲ୍ଲାପାଳ।

ନିତିଦିନ NITIDIN

## ଦଶମଶ୍ରେଣୀ ଛାତ୍ର ନିଖୋଜ

**କଣାସ,୨୯।୧୧/ଏନ୍ଏନ୍ଏସ୍:** କଣାସ ବ୍ଲକ ସାହୁପଡା ଗ୍ରାମପଞ୍ଚାୟତର ସାହୁପଡା ଗ୍ରାମର ଗୌତମ ମହାରଣାଙ୍କ ଦଶମ ଶ୍ରେଣୀ ପାଠ ପଢୁଥିବା ପୁତ୍ର ବୃନ୍ଦାବନ ମହାରଣା(୧୬) ଗତ ୨୬ ତାରିଖ ଦିନ ସକାଳ ଦଶଟା ସମୟରେ ଘରୁ କେଉଁ ଆଡ଼େ ଚାଲିଯାଇଥିବା ବୃନ୍ଦାବନଙ୍କ ପିତା ଗୌତମ ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ଗଡିଶାଗୋଦା ଥାନା ଅଧିକାରୀ ସୁଧିର କୁମା ଦାସ ଗଡିଶାଗୋଦା ଥାନା ନମ୍ବର ଏକ କେସ ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି।



# ପୁରୀ ଜିଲ୍ଲାପାଳଙ୍କ ସୁଭଦ୍ରା ଶକ୍ତିମେଳା ସମୀକ୍ଷା ବୈଠକ



**ପୁରୀ,୨୯।୧୧/ଏନ୍ଏନ୍ଏସ୍:** କୋଣାର୍କ ଠାରେ ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ୩୬ ତମ କୋଣାର୍କ ନୃତ୍ୟ ଉତ୍ସବ ଓ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେବ ୧୫ ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ସେହିପରି ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ହେବ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା। ଏହି ଉତ୍ସବ ଓ ମେଳା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପର୍ଣ୍ଣ କରିବା ନିମିତ୍ତ ଏକ ସମୀକ୍ଷା ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କୋଣାର୍କ ନୃତ୍ୟ ମହୋତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଆୟୋଜନ ହେଉଛି। ଏକ ସମୟରେ ଏହି ଉତ୍ସବ ଆୟୋଜିତ ହେଉଥିବାରୁ ବିପୁଳ ଜନ ଗହଳି ର ଆଶା କରାଯାଉଛି। ଏହାକୁ ସମସ୍ତ ବିଭାଗ ଗୁରୁତ୍ୱର ସହ ନେଇ କାର୍ଯ୍ୟ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ପୂର୍ବ ପ୍ରସ୍ତୁତି ବୈଠକରେ ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି କୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟ ଗୁଡ଼ିକ ର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଯେଉଁ ବିଭାଗକୁ ଯାହା ଦାୟିତ୍ୱ ଦିଆଯାଇଥିଲା ତାହାକୁ ସେମାନେ କରାଇଛନ୍ତି। ଆଉ କିଛି କିଛି କାମ ଯାହା ଅବଶିଷ୍ଟ ରହିଛି ତାହାକୁ ଯୁଦ୍ଧ କାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ଏହା ଯେହେତୁ ଏକ ଅନ୍ତର୍ଜାତୀୟ ଉତ୍ସବ ତେଣୁ ସମସ୍ତ କାର୍ଯ୍ୟ କୁ ଉଚ୍ଚ ମାନର ଓ ନିଷ୍ଠାର ସହ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକ ପାର୍କିଂ ସ୍ଥଳ ବ୍ୟବସ୍ଥା ,ପାନୀୟ ଜଳ ବ୍ୟବସ୍ଥା, ଅଧିକ ଶୌଚାଳୟ ଇତ୍ୟାଦି ସହ ବ୍ୟବହାର ଉପଯୋଗୀ, ଆବଶ୍ୟକ ସୁବିଧା ବ୍ୟବସ୍ଥା କରିବା,ଅଧିକ ସିସିଟିଭି ବ୍ୟବସ୍ଥା, ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ବ୍ୟବସ୍ଥା,ରାସ୍ତା ଘାଟ ମରାମତି ଓ ପାଚେରୀ ରଙ୍ଗ ବ୍ୟବସ୍ଥା, କଳାକାର ଓ ଷ୍ଟଲ ପାଇଁ ଆସିଥିବା ବ୍ୟକ୍ତି ମାନଙ୍କ ରହଣୀ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରାଯାଇ ବିଭାଗୀୟ ଅଧିକାରୀ ଙ୍କୁ ସମସ୍ତ ବ୍ୟବସ୍ଥା କୁ ଚୂଡାନ୍ତ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ,କଳାକାର ମାନଙ୍କୁ ସମସ୍ତ ସହଯୋଗ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଡିଏଫଓ ମଗର ଧନଜ ରାଓସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଓଟିଡିସିର ଜିଏମ ଧର୍ମେନ୍ଦ୍ର ମଲ୍ଲିକ, ଏସ ଇ ସୁନୀଲ ବେହେରା,ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ଗୋପ ବିଡ଼ିଓ ଛବିରାଣୀ ସାହୁ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ଏନଏସି ର ପୌର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଓରମାସ ର ଡେପୁଟି ସିଇଓ ନିଗମ ଚରଣ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ମିଶନ ଶକ୍ତି ର ଡିପିସି ସ୍ୱାଗତିକା ପରିଡା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଶ୍ରୀ ସନ୍ନ୍ୟାସୀଙ୍କୁ ଜୟଦେବ ସମ୍ମାନ



**କଣ୍ଟାପଡ଼ା,୨୯।୧୧/ଏନ୍ଏନ୍ଏସ୍:** ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଇଞ୍ଜିନିଅର ଶ୍ରୀସନ୍ନ୍ୟାସୀଜୀଙ୍କୁ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ, ଓଡ଼ିଶାର ଅବିଭକ୍ତ କଟକ ଜିଲ୍ଲା ଜୟଦେବ ମଣ୍ଡଳ ର ବାର୍ଷିକ ଉତ୍ସବ ପାଳନ ଅବସରରେ ଚଳିତ ବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଶ୍ରୀଜୟଦେବ ସମ୍ମାନ -୨୦୨୫' ରେ ସମ୍ମାନିତ କରାଯାଇଛି। ରାଜ୍ୟ ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଶିଷ୍ଟ ପାଲା ଗବେଷକ ପ୍ରଫେସର ନିରୋଦ କୁମାର ଦାସ, ଅବସରପ୍ରାପ୍ତ ପ୍ରଶାସକ ସନାତନ ଆଚାର୍ଯ୍ୟ, ମଣ୍ଡଳ ସଭାପତି ଗାୟକ ସ୍ୱରଭାରତୀ ସୁବାସ ଚନ୍ଦ୍ର ପରିଜା, ଗାୟକ ଯୁବ ଭାସ୍କର ଡଃ ଜ୍ଞାନପ୍ରିୟ କାନୁନଗୋ, ଗାୟକ କୁଳକମଳ ଗୌତମ ଦାଶ, ଗାୟକ ପ୍ରଦ୍ୟୁମ୍ନ ପାତ୍ର, ପଣ୍ଡିତ କପିଳ ଚରଣ ସେନାପତି, ବରିଷ୍ଠ ପାଲା ଗାୟକ ଉଗ୍ରସେନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀସନ୍ନ୍ୟାସୀ ଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଆଦି ପ୍ରଦାନ କରି ସମ୍ମାନିତ କରିଥିଲେ। ବୃତ୍ତିରେ କଟକ କସର୍ଦା ସ୍ଥିତ ଆପେକ୍ସ ଆଇ.ଟି.ଆଇରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରୁଥିବା ଶ୍ରୀସନ୍ନ୍ୟାସୀ ଓଡ଼ିଶାର ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଅଟନ୍ତି। ବିଭିନ୍ନ ପ୍ରତିଷ୍ଠିତ ଦୈନିକୀରେ ଶ୍ରୀସନ୍ନ୍ୟାସୀଙ୍କ ବହୁ ଆଧ୍ୟାତ୍ମିକସ୍ତମ୍ଭ ପ୍ରକାଶିତ ହୋଇଛି।

## ଜାଭିୟର୍ ହାଇସ୍କୁଲ୍‌ରେ ବିଜ୍ଞାନମେଳା

**ଫୁଲନଖରା,୨୯।୧୧/ଏନ୍ଏନ୍ଏସ୍:** ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଉଦଯାପିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶକ୍ତିପ୍ରସାଦ ମହାନ୍ତି ଓ ସୁଜ୍ଞାନ ଚୌଧୁରୀ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅନୁନିରୀକ୍ଷକ ମହମ୍ମଦ ମୁସ୍ତାକ ଅଲ୍ଲୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଜ୍ଞାନ, ଗଣିତ ଓ ସାମାଜିକ ବିଜ୍ଞାନ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଦ୍ୱାରା ପ୍ରସ୍ତୁତ ତିନିଶହରୁ ଊର୍ଦ୍ଧ୍ୱ ସଂଖ୍ୟକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକମାନେ ଉକ୍ତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୟଦ ସେହରିୟାର ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ସବିହା ବେଗମ ଓ ପ୍ରିୟଙ୍କା ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

**ଡେଲାଙ୍ଗ,୨୯।୧୧/ଏନ୍ଏନ୍ଏସ୍:** ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଶନିବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଶିକ୍ଷାଧିକାରୀ ହିମାଂସୁ ଶେଖର ଶତପଥି, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଷମା ଦାଶ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ବ୍ଲକ ବିଜ୍ଞାନ ମେଳା କମିଟି ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, ସହ ସମ୍ପାଦକ ପବିତ୍ର ମୋହନ ଜେନା ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମ୍ବ୍ରର ଅଧକ୍ଷ ଲଡୁକିଶୋର ରାୟ, ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ, ତପନ କୁମାର ମଲ୍ଲିକ୍, ଅଭିମନ୍ୟୁ ପ୍ରଧାନ,ସୁଦିପ୍ତ ପରିଡା, ଦୟାନିଧି ମାର୍ଥା,ଲୋକନାଥ ପ୍ରଧାନଙ୍କ ସମେତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନଟବର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସାଧାରଣଜ୍ଞାନ ପ୍ରତିଯୋଗିତାରେ ଜ୍ୟେଷ୍ଠ ଓ କନିଷ୍ଠ ବିଭାଗରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀଙ୍କ ପୌରହିତରେ ୨୦୨୪-୨୫ ଶିକ୍ଷାବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ଲକର ୫ଛାତ୍ରଛାତ୍ରୀଙ୍କୁ ଆଶିଷପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନସର୍ ପରାମର୍ଶ କକ୍ଷ

**ନୟାଗଡ଼,୨୯।୧୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନସର୍ ପରାମର୍ଶ କକ୍ଷ ଉଦଘାଟିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱର୍ଣ୍ଣ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୁଲ୍ୟରେ ଏହି ପରାମର୍ଶ କକ୍ଷ ଖୋଲାଯାଇଛି। ପ୍ରତ୍ୟେକ ଶନିବାର ସ୍ୱର୍ଣ୍ଣ ହସ୍ପିଟାଲରୁ କ୍ୟାନସର୍ ସ୍ପେଶାଲିଷ୍ଟ ଡାକ୍ତର ରୋଗୀଙ୍କୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ହସ୍ପିଟାଲ ସିଏମଡି ଡା. ପ୍ରିୟବ୍ରତ ଧର, ଡିଜିଏମ୍ ଅସିତ୍ କୁମାର ପ୍ରହରାଜ, ଜିଏମ୍ ସୌମେନ୍ଦ୍ର ମିଶ୍ରଙ୍କ ସହ ସ୍ଥାନୀୟ କର୍ମଚାରୀ ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଶାନ୍ତି କମିଟିର କାର୍ଯ୍ୟକାରିଣୀ ବୈଠକ



**ଫୁଲନଖରା,୨୯।୧୧/ଏନ୍ଏନ୍ଏସ୍:** ଆଞ୍ଚଳିକ ଶାନ୍ତି କମିଟି କଟକ ସଦର ଥାନାଞ୍ଚଳର କାର୍ଯ୍ୟକାରିଣୀ ବୈଠକ ପ୍ରତାପନଗରୀସ୍ଥିତ ମା'ଧାକୁଲେଇ ପୀଠରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସଭାପତି ନିମାଇଁଚରଣ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସ୍ୱାଧିନଚେତା ମହାନ୍ତି ଓ ପ୍ରମୋଦ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଉପଦେଷ୍ଟା ଡଃ.ଶରତକୁମାର ରଥ ଓ ଶ୍ରୀ ସନ୍ନ୍ୟାସୀଜୀ, ଉପସଭାପତି ରାଜେଶ ସ୍ୱାଇଁ, ଯୁଗ୍ମ ସମ୍ପାଦକ ନଳିନ ସେନାପତି, କୋଷାଧକ୍ଷ ସୁଶାନ୍ତ କୁମାର ମହାନ୍ତି, ଆଇନ ପରାମର୍ଶଦାତା କବିନାରାୟଣ ଜେନା, ସହ କୋଷାଧକ୍ଷ ବାଦଲକୁମାର ଜେନା, ଗୋବିନ୍ଦଚନ୍ଦ୍ର ରାଉତ, ଆଇନ ପରାମର୍ଶଦାତା ଦିଲୀପ ମହାରଣା, ଆଦିତ୍ୟକୁମାର ଛୋଟରାୟ, ପ୍ରମୋଦ ଓଝା, ତନ୍ମୟ ପରିଜା, ବିଭୂତିଭୂଷଣ ତରାଇ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ସହିତ ଆସନ୍ତା ୭ତାରିଖରେ ଦାରୁଠେଙ୍ଗସ୍ଥିତ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ କମିଟିର ବାର୍ଷିକ ବନ୍ଧୁମିଳନ ଉତ୍ସବ ଆୟୋଜନ ନିମନ୍ତେ ସ୍ଥିର ହୋଇଥିଲା। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଦର ଥାନା ଅଞ୍ଚଳର ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗଦେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। କଳ୍ପତରୁ ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**କଣାସ,୨୯।୧୧/ଏନ୍ଏନ୍ଏସ୍:** ଆଜି କଣାସ ବ୍ଲକ ବିଦ୍ୟାଳୟସ୍ତରୀୟ ୩୧ତମ ବିଜ୍ଞାନ ମେଳା ବିଦ୍ଧଣ ଗ୍ରାମପଞ୍ଚାୟତର ନୂଆ ପୋଖରୀଠାରେ ପ୍ରତିଷ୍ଠିତ ଆଞ୍ଚଳିକ ଗୌରୀଚନ୍ଦ୍ର ସଂଯୁକ୍ତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଶିକ୍ଷକମାନଙ୍କୁ କଡା ନିର୍ଦ୍ଦେଶ ଯୋଗୁ ୧୭୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦଘାଟନ ଉତ୍ସବରେ କଣାସ ବ୍ଲକ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ମୂକ୍ୟ ଅତିଥୀଭାବେ ଯୋଗଦେଇ ଜଗତର ବଡ ଠାକୁର ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଉଦଘାଟନ କରିଥିଲେ। ଉଦଘାଟନ ସମୟରେ ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସ୍ଥାନୀ ୟ ସରପଞ୍ଚ ମଞ୍ଜୁଲତା ନାୟକ, ସମିତି ସଭ୍ୟ ସଂଗ୍ରାମ କେଶରୀ ଭୁଜବଳ, ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ କଣାସ ତହସିଲିଦାର ହିମାଂଶୁ ଶେଖର ଗିରି, ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ଓ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



## ଚୌଦ୍ୱାର କଲେଜରେ ସାରସ୍ୱତ ଓ ସାଂସ୍କୃତିକ ସାପ୍ତାହିକ ମହୋତ୍ସବ




**ଚୌଦ୍ୱାର,୨୯।୧୧/ଏନ୍ଏନ୍ଏସ୍:** ସାତ ଦିନ ଧରି ଚୌଦ୍ୱାର ମହାବିଦ୍ୟାଳୟରେ ଚାଲିଥିବା ସାରସ୍ୱତ ଓ ସାଂସ୍କୃତିକ ସାପ୍ତାହିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧକ୍ଷା ରଶ୍ମୀ ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିବା ବେଳେ କେନ୍ଦ୍ରାପଡ଼ାର ବ୍ରାହ୍ମଣୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ମନୋରଞ୍ଜନ ସାହୁ ମୁଖ୍ୟଅତିଥି ଓ ସ୍ତମ୍ଭକାର ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ମୁଖ୍ୟବକ୍ତା ଭାବେଯୋଗ ଦେଇ ଓଡ଼ିଆ ଭାଷାର ଭବିଷ୍ୟତ ଓ ମୂଲ୍ୟବୋଧ ଭିତିକ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ଡ. ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଜନୀକାନ୍ତ ସାହୁ, ଅଧ୍ୟାପିକା ରଚିତା ବେହେରା ଓ ଶୁଭସ୍ମିତା ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ କର୍ମଚାରୀ ଏସ୍‌କେ କାସିମ୍ ଓ ଭରତଚନ୍ଦ୍ର ବାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବନିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ



**ନୟାଗଡ଼,୨୯।୧୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ, ଓଡିଶାଙ୍କ ସଂଯୁକ୍ତ ଉଦ୍ୟମରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ -୨୦୨୫ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। ଉତ୍ସବର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କର ସାହିତ୍ୟିକ, ସାଂସ୍କୃତିକ, କଳାକୌଶଳ, ସଙ୍ଗୀତ ଓ ନେତୃତ୍ୱ ସମ୍ଭାବନାକୁ ଉତ୍ସାହିତ ଓ ପ୍ରଚାର କରିବା। ଜିଲ୍ଲାର ବିଭିନ୍ନ ଶିକ୍ଷା ସଂସ୍ଥା ଓ ଯୁବ ସଂଗଠନର ପ୍ରତିନିଧିମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉତ୍ସବ ମାଧମରେ ଜିଲ୍ଲାସ୍ତରରୁ ଚୟନିତ ପ୍ରତିଭାଶାଳୀ ଯୁବମାନେ ପରବର୍ତ୍ତୀ ରାଜ୍ୟସ୍ତରୀୟ ଯୁବ ଉତ୍ସବ ୨୦୨୫ରେ ନୟାଗଡ଼ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅରିତିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼ ଅଧକ୍ଷ, ବିପିନ ବିହାରୀ ପଟ୍ଟନାୟକ ଏବଂ ସୁଜାତା କୁମାରୀ ସାହୁ, ଜିଲ୍ଲା କ୍ରିଡା ଅଧିକାରୀ, ନୟାଗଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ ପରିଚାଳନା କରିଥିଲେ।

## ପ୍ରାଥମିକ ଓ ନିମ୍ନ ପ୍ରାଥମିକ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ଟିଗିରିଆ,୨୯।୧୧/ଏନ୍ଏନ୍ଏସ୍:** ଟିଗିରିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ମେଧାବୃତ୍ତି, ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି, ନିମ୍ନ ପ୍ରାଥମିକ ମେଧାବୃତ୍ତି ଓ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ଫଳାଫଳ ଆଜି ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଚିଠି ନଂ-୨୫୧୪, ୨୫୧୭, ୨୫୦୮ ଓ ୨୫୧୧ ପ୍ରକାଶ ପାଇଛି। ଚଳିତ ବର୍ଷ ପାଇଁ ପ୍ରାଥମିକ ମେଧାବୃତ୍ତି ତାଲିକାରେ ଶ୍ରେୟାଂଶୁ କୁମାର କୁଣ୍ଡୁ, ସିଦ୍ଧାର୍ଥ ଶଙ୍କର ସାହୁ, ଓମ୍ ପ୍ରକାଶ କଟୁଆଳ, ଆଶୁତୋଷ ସାହୁ, ବିଶ୍ୱରୂପା ବେହେରା, ସ୍ମୃତି ରଞ୍ଜନ ସାହୁ, ଦିବ୍ୟସ୍ମିତା ପାତ୍ର ପ୍ରାଥମିକ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଅଙ୍କିତା ବେହେରା, ସାଇ କ୍ରିଷ୍ଣା ଜେନା, ଶକ୍ତି ପ୍ରସାଦ ଦାସ, ପୁଷ୍ପଲତା ବେହେରା, ଜ୍ଞାନରଞ୍ଜନ ରାଉତ, ରୋଜାଲିନ ପ୍ରିୟଦର୍ଶିନୀ ରାଉତ ଓ ଅଶ୍ମୀମାନ ରଣା ଯୋଗ୍ୟ ବିବେଚିତ ହୋଇଥିବା ବେଳେ ନିମ୍ନ ପ୍ରାଥମିକ ମେଧାବୃତ୍ତି ପାଇଁ ଅନିମେଶ ସାହୁ, ମାଧୁରୀ ମଧୁପଣ୍ଡା, ସୌମ୍ୟରଞ୍ଜନ ଦାସ, ସୁଭାଶିସ ବାହାଡି, ପ୍ରିତୀ ପଲ୍ଲବୀ ଦାଶ, ଶ୍ରୀୟାନ୍ସ ଶେଖର ସାହୁ ଓ ବିଷ୍ଣୁ ପ୍ରସାଦ ଦାସ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନୁରୁପ ଭାବେ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଆରାଧନା ସାମନ୍ତସିଂହାର, ତପନ କୁମାର ସାମଲ, ଅୟୁଷ କୁମାର ସ୍ୱାଇଁ, ଆଶୁତୋଷ ରାଉତ, ବିଦୁସ୍ମିତା ବେହେରା, ତେଜସ୍ୱିନୀ ଦାଶ ଓ ସ୍ୱୟଙ୍ଗଶ୍ରୀ ପରିଡା ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଭିନ୍ନ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷା ଅଧିକାରୀ ଶ୍ରୀ ମହାରଣାଙ୍କ ସମେତ ସହ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ସିଆରସିସି ବିଶ୍ୱରଂଜନ ଜେନା, ଉମାଶଙ୍କର ରାଉତ, ମହେଶ୍ୱର ସେଠୀ, ପ୍ରଶାନ୍ତ କୁମାର ଘଡ଼ାଇ, ଚନ୍ଦ୍ର ମଣି ସ୍ୱାଇଁ, ନିଶାକର ଖଟୁଆ, ଅଶୋକ କୁମାର ଦାସ ଏବଂ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର, ମାୟାଧର ସାହୁ, କର୍ଣ୍ଣାର୍ଜୁନ ନାଏକ, ପ୍ରମୋଦ କୁମାର ଗୋଛି ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ବିଭିନ୍ନ ସମସ୍ୟାର ସମାଧାନ ନେଇ ବୈଠକ

**ବୟାଳିଶମୌଜା,୨୯।୧୧/ଏନ୍ଏନ୍ଏସ୍:** କଟକ ସଦର ୪୨ମୌଜା ଅନ୍ତର୍ଗତ ଆଇତଳଙ୍ଗ ସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଙ୍କ ପୀଠ ରେ ଅଭିନବ ୪୨ମୌଜା ସଙ୍ଗଠନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ସଂଗଠନ ର ସଭାପତୀ ଅଲେଖ ଭୋଇଙ୍କ ସଭାପତିତ୍ୱରେ ୪୨ମୌଜାର ସର୍ବାଙ୍ଗୀନ ଉନ୍ନତି ସମ୍ବନ୍ଧୀୟ ଅନେକ ବିଷୟ ବସ୍ତୁ ଉପରେ ଆଲୋଚନ କରାଯାଇଥିଲା। ୪୨ମୌଜା ରେ ତୃଣମୂଳ ସ୍ତରରୁ ସିକ୍ଷା ଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ଗମନା ଗମନ ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟା ପର୍ଯ୍ୟନ୍ତ କିଭଳି ଉନ୍ନତୀ କରାଯାଇ ପାରିବ ଏ ସଂକ୍ରାନ୍ତ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ସଂଗଠନ ର ସଭାପତି ଅଲେଖ ଭୋଇ, ଉପ-ସଭାପତି ଦେବରାଜ ପଣ୍ଡା, ସହସମ୍ପାଦକ ଦୁର୍ଗାମାଧବ ପତି, କୋଷାଧକ୍ଷ ଜ୍ୟୋତିରଂଜନ ମହାପାତ୍ର, ସଂଗଠନ ର ବରିଷ୍ଠ ସଦସ୍ୟା ସବିତରାଣି ଦାଶ, ତୃପ୍ତିମୟୀ ମହାନ୍ତି, ସତ୍ୟବ୍ରତ ଦିକ୍ଷୀତ, ତୃପ୍ତିରଞ୍ଜନ ପତି, ଅମିତ୍ ମହାପାତ୍ର, ବିଶ୍ୱଜିତ୍ ପତି, ବିଘ୍ନେଶ୍ୱର ଜେନା, ଅଜିତ୍ କୁମାର ପରିଡ଼ା, ଶାନ୍ତନୁ ପତି, ଖଗେଶ୍ୱର ଦିକ୍ଷୀତ, ଯୁବରାଜ ନାୟକ ପ୍ରମୁଖ ଅଞ୍ଚଳବାସୀଙ୍କ ସହଯୋଗ ସହିତ ଉପେନ୍ଦ୍ର ତ୍ରିପାଠୀ, ବିଶେଷକରି ସ୍ୱପ୍ନେଶ୍ୱର ମହାଦେବଙ୍କ ପୂଜକ ସୁଧାକର ଦେବତାଙ୍କ ପ୍ରମୁଖ ସହଯୋଗ ରହିଥିଲା।

## ସାର୍ବଜନୀନ ହେବ ବହୁ ପ୍ରତୀକ୍ଷିତ ଶୌଚାଳୟ

**କଣ୍ଟିଲୋ,୨୯।୧୧/ଏନ୍ଏନ୍ଏସ୍:** ଦୀର୍ଘ ୪୩ ମାସ ପରେ ବହୁ ଚର୍ଚ୍ଚିତ ଓ ପ୍ରତୀକ୍ଷିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପୂର୍ବପାର୍ଶ୍ୱ ଗାଡି ପାର୍କିଂ ପ୍ଲେସରେ ଥିବା ଶୌଚାଳୟ ସର୍ବସାଧାରଣ ଜନତାଙ୍କ ପାଇଁ ସାର୍ବଜନିନ ହେବାକୁ ଯାଉଛି। ସୂଚନାରୁ ପ୍ରକାଶ ଯେ, ୨୦୨୨ ମସିହାରୁ ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରର ବିକାଶ ପାଇଁ ତତ୍କାଳୀନ ସରକାର ମଞ୍ଜୁର କରିଥିବା ୧୦୦କୋଟି ଟଙ୍କା ମଧ୍ୟରୁ ଗାଡି ପାର୍କିଂ ପ୍ଲେସରେ ଥିବା ଶୌଚାଳୟ ଅନ୍ୟତମ। ପ୍ରତ୍ୟେକ ଆବଶ୍ୟକୀୟ କାର୍ଯ୍ୟ ଶେଷ ହୋଇଥିଲେ ମଧ ବର୍ଷ ବର୍ଷ ଧରି ଏହି ଶୌଚାଳୟକୁ ସାର୍ବଜନୀନ କରୁ ନଥିବାରୁ, ସାର୍ବଜନୀନ କରିବା ପାଇଁ ବହୁବାର ଗଣମାଧମରେ ଖବର ପ୍ରକାଶିତ ହୋଇଥିଲା। ତେଣୁ ଦୀର୍ଘ ୪୩ ମାସର ପ୍ରତୀକ୍ଷାର ଅବସାନ ଘଟିଛି। ଖୁବ୍‌ଶୀଘ୍ର ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଉକ୍ତ ଶୌଚାଳୟଟି ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସର୍ବ ସାଧାରଣ ଜନତାଙ୍କ ପାଇଁ ସାର୍ବଜନୀନ କରିବାକୁ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ସୂଚନା ଦେବା ସହ ଏଥି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ଗୋପ,୨୯।୧୧/ଏନ୍ଏନ୍ଏସ୍:** ଗୋପ ବ୍ଲକ ଅଧୀନ ହାପି କଲୋନୀ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୦ତମ ବାର୍ଷିକ କ୍ରୀଡା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ତତ୍ତ୍ୱାବଧାନରେ ୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା କ୍ରୀଡା ଉତ୍ସବରେ ସମାଜସେବୀ ବସନ୍ତ କୁମାର ସେନାପତି, ସତ୍ୟନାରାୟଣ ସେନାପତି, ରଶ୍ମିରଞ୍ଜନ ପଟ୍ଟନାୟକ, ସମ୍ପାଦକ ସନତ କୁମାର ସେନାପତି,ଉପସଭାପତି ବାଳକୃଷ୍ଣ ସେନାପତି, ସହ ସମ୍ପାଦକ ପବିତ୍ର କୁମାର ଦାସ, କୋଷାଧକ୍ଷ ଶ୍ରୀସତ ରଞ୍ଜନ ପ୍ରଧାନ, ସଭ୍ୟା ପ୍ରମୋଦିନୀ ସାହୁ, ପ୍ରଣତି ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଆଚାର୍ଯ୍ୟ ତୋଫାନ ଦଳାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ବବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ନିତିଦିନ NITIDIN
ରବିବାର, ୩୦ ନଭେମ୍ବର, ୨୦୨୫

ନିତି ଭାରତୀ

ତଥ୍ୟ ଅନେକ, କିନ୍ତୁ ସତ୍ୟ ଏକ।
- ରବୀନ୍ଦ୍ର ନାଥ ଠାକୁର

# ଶିଷ୍ଟ, ଦୁଷ୍ଟ ଓ ଭକ୍ତ ଅଜାମିଳର କଥା



ଶ୍ରୀ ସନ୍ନ୍ୟାସୀ ଜୀ

ଜୀବନର ଧାରା କେବେ ଏକା ପ୍ରକାରର ହୋଇ ନଥାଏ। ନଈଟିଏ ଯେମିତି ଅଙ୍କାବଙ୍କା ହୋଇ ବହି ଯାଇଥାଏ, ପ୍ରତ୍ୟେକ ଜୀବନର ଗତି ଠିକ୍ ସେହିପରି ହୋଇଥାଏ। ସମୁଦ୍ରରେ ଏକାକାର ହେବା ଯେମିତି ପ୍ରତ୍ୟେକ ପ୍ରବହମାନ ନଦୀର ଏକମାତ୍ର ଲକ୍ଷ୍ୟ ହୋଇଥାଏ, ଠିକ୍ ସେମିତି ପ୍ରତ୍ୟେକ ଜୀବର ଲକ୍ଷ୍ୟ ଭଗବତ୍ ସାକ୍ଷାତ୍କାର ବା ଈଶ୍ୱର ପ୍ରାପ୍ତି ନିମନ୍ତେ ଧାବମାନ ହେବା ଉଚିତ।

ଏ କଥାଟିକୁ ସମସ୍ତେ ବୁଝନ୍ତି, କିନ୍ତୁ ସମସ୍ତେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି ନାହିଁ। ଏଥିପାଇଁ ଲୋଡ଼ା ଟିକିଏ ପ୍ରଭୁ କୃପା। ସନ୍ଥ କୃପା। ପରିବର୍ତ୍ତନମୟ ପରିସ୍ଥିତିର ଆବହାୱା ଭିତରେ ଜୀବନଟି କେତେବେଳେ ଲକ୍ଷ୍ୟ ଆଡ଼କୁ ମାଡ଼ିଚାଲେ ତ କେତେବେଳେ ଲକ୍ଷ୍ୟଚ୍ୟୁତ ହୋଇ ଅବାଟରେ ଏଣେ ତେଣେ ଘୂରି ବୁଲେ। ଅବାଟରେ ଚାଲୁଥିବା ସମୟରେ କାଣିଚାଏ ବିଭୁ କୃପା ମିଳିଗଲେ ନରକ ପଥର ଯାତ୍ରୀ ସାଜିଥିବା ମଣିଷଟି ପୁଣି ସରଗ ପଥର ପଥିକ ସାଜି ଲକ୍ଷ୍ୟସ୍ଥଳ 'ଈଶ୍ୱର ପ୍ରାପ୍ତି' ଆଡ଼କୁ ମୁହାଁଇ ଥାଏ। ଅଜାମିଳଙ୍କ ଜୀବନରେ କ'ଣ ଘଟିଲା କି ଆଉ?

କାନ୍ୟକୁବ୍ଜର ଜଣେ କୁଳୀନ ବ୍ରାହ୍ମଣ ଥିଲା ଅଜାମିଳ। ସେ ବେଦଜ୍ଞ, ଧର୍ମଜ୍ଞ, ଅତ୍ୟନ୍ତ ଶୀଳବନ୍ତ, ସୁଜ୍ଞାନୀ ଥିଲା। ଅଜାମିଳର ଦୈନିକ ଜୀବନଚର୍ଯ୍ୟା ଧ୍ୟାନ, ଧାରଣା, ପାରାୟଣ ଓ ପ୍ରାଣାୟାମ ଆଦି ସାଧନାରେ ବିତୁଥିଲା। ସୁଶୀଳ ବୃତ୍ତି ଅବଲମ୍ବନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲା। ଅଜାମିଳର ସୁଗୁଣ ବାବଦରେ ଭାଗବତକାର ଆଉ ଯାହା ଅଧିକ ବର୍ଣ୍ଣନା କରିଛନ୍ତି, ତାହା ଠିକ୍ ଏହିପରି- 'ମୃଦୁ ମନ୍ତ୍ରଜ୍ଞ ଶୁଚିଦାତା/ ସତ୍ୟ ବଚନ ଧୃତବ୍ରତା।/ ଅତିଥି ବୃଦ୍ଧ ଗୁରୁ ଅଗ୍ନି/ ଏହାଙ୍କ ସେବା ଶିରେ ଘେନି।/ ସର୍ବ ଭୂତରେ ମିତ୍ରପଣ/ କୋପ ବର୍ଜିତ ସାଧୁଗୁଣ।/ ଅଶେଷ ଗୁଣ ସ୍ଥାନ ଏହି, ସୁଶୀଳ ବୃତ୍ତିରେ ଜିଅଇ।'

କ୍ଲାସରେ ଭଲ ପାଠ ପଢ଼ି ସର୍ବଦା ଶ୍ରେଷ୍ଠ ସ୍ଥାନ ଅର୍ଜନ କରୁଥିବ, କଥାବାର୍ତ୍ତା ଖୁବ୍ ଧୀରସ୍ଥିର ହୋଇଥିବ। ଏପରି ସୁଚରିତ୍ରବାନ ଛାତ୍ରଟି ରାତି ପାହିଲା ବେଳକୁ ଯଦି ମଦ୍ୟପାନ କରି ରାସ୍ତା କଡ଼ରେ ପଡ଼ିଥିବ, ଜୁଆ ଖେଳିବା ଆରମ୍ଭ କରି ଦେଇଥିବ, ଚୋରିରେ ଲିପ୍ତ ରହୁଥିବ, ସୁନ୍ଦରୀ ଲଳନାମାନଙ୍କ ପିଛା ପଡୁଥିବ ଏବଂ ସ୍ୱ କିବା ଆନ ଗୃହରୁ ଚୋରି କରି ଧନ ଆଣି ପାଣି ପରି ସେମାନଙ୍କ ପିଛାରେ ଉଡ଼ାଉ ଥିବ, ସେତେବେଳେ ମେଧାବୀ ଛାତ୍ରଟିର ହଠାତ୍ ଏପରି ଅସ୍ୱାଭାବିକ ପରିବର୍ତ୍ତନକୁ ଦେଖି ଆପଣ ଆଶ୍ଚର୍ଯ୍ୟଚକିତ ହେବେ କି ନାହିଁ?

ଆଜ୍ଞା, ଠିକ୍ ସେମିତି ଏକ ବିଚିତ୍ର ଏବଂ ବିକଳ ଚିତ୍ରଟିଏ ଦେଖିବାକୁ ମିଳିଲା ଶିଷ୍ଟ ଅଜାମିଳଙ୍କ ଜୀବନରେ। ପିତାଙ୍କ ଆଜ୍ଞା ମାନି ପୁଷ୍ପ, ଫଳ ଓ ସମିଧାଦି ସଂଗ୍ରହ କରି ବନ ପ୍ରଦେଶରୁ ଦିନେ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏକ କାମୀ ଶୂଦ୍ର ଦମ୍ପତିଙ୍କ ଶୃଙ୍ଗାର ଦୃଶ୍ୟ ଅଜାମିଳଙ୍କ ଦୃଷ୍ଟିରେ ପଡ଼ିଗଲା। ମଦ୍ୟପାନପୂର୍ବକ ନିର୍ଲଜ ଶୂଦ୍ର ଜଣକ ସେଇ ଚିତ୍ତହରଣକାରୀ ସୁନ୍ଦରୀ ଶବରୀ ଗଣିକା ସହିତ ରତିକ୍ରୀଡ଼ାରେ ରତ ଥିଲା। ଗଣିକାଟି ବି ମଦିରା ପାନ କରି ଅସଂଯତ ଥିଲା। ଏ କାମକ୍ରୀଡ଼ାକୁ ଦେଖି ଅଜାମିଳ ପୂରା କାମାନ୍ଧ ଏବଂ ପାଗଳ ହୋଇଗଲା। ଏଇଠୁ ବଦଳି ଗଲା ଧାର୍ମିକ ଅଜାମିଳର ଜୀବନ।

ଏବେ ସ୍କୁଲ କଲେଜରେ ପଢୁଥିବା ସବୁ ପୁଅ ଝିଅଙ୍କ ହାତରେ ମୋବାଇଲ। ମୋବାଇଲର ଅଭାବ ନାହିଁ କି ସେଥିରୁ ଅଶ୍ଳୀଳ ଦୃଶ୍ୟ ଦେଖିବାର ବାଧା ନାହିଁ କି ମନା ନାହିଁ। ସେଥିପାଇଁ ଆଜି ଖୁବ୍ କମ୍ ବୟସରେ ଆମ ପିଲାଏ ମାନସିକ ବିକାରଗ୍ରସ୍ତ ହୋଇ ବିଭିନ୍ନ ଅପରାଧମାନ ଘଟାଇ ବସୁଛନ୍ତି। ଏଥିପାଇଁ ପିତା ମାତା ଓ ଶିକ୍ଷକମାନେ ଟିକେ ସଚେତନ ହେବା ଉଚିତ୍। ଆଗାମୀ ପିଢ଼ିଙ୍କୁ ଏକ ନିଶ୍ଚିତ ଅଧଃପତନର ଦ୍ୱାରଦେଶରୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯାତ୍ରା ଦେଖି ଫେରୁଥିବା ଦୁଇ ନାବାଳିକାକୁ ଅଠର ଜଣ ନାବାଳକ ମିଶି ଇଜ୍ଜତ ନେବା, ନବମ ଶ୍ରେଣୀର ଛାତ୍ରୀ ଅଷ୍ଟମ ଶ୍ରେଣୀର ଛାତ୍ର ଦ୍ୱାରା ଗର୍ଭବତୀ ହେବା ଘଟଣା ଖବରକାଗଜରେ ପ୍ରକାଶିତ ହେବା ଆଜିର ଦିନରେ ଏକ ନିତିଦିନିଆ ଖବର ହୋଇ ଗଲାଣି। ଏହାର ଏକମାତ୍ର କାରଣ ହେଉଛି, ମୋବାଇଲର ଅସଦ୍ ବ୍ୟବହାର। ଆଜିକାର ସମୟରେ କି ଶିକ୍ଷିତ କି ଅଶିକ୍ଷିତ, ସମସ୍ତେ ସେଇ କାମୋଦ୍ଦୀପକ ଦୃଶ୍ୟକୁ ଲୁଚିଛପି ଦେଖି ଖୁବ୍ କମ୍ ବୟସରୁ ନିଜ ମାନସିକ ନିର୍ମଳତାକୁ ହରାଇ ବସୁଛନ୍ତି। ସରକାର ମଧ୍ୟ ସେଭଳି ଦୃଶ୍ୟକୁ କିପରି ଇଣ୍ଟରନେଟରେ ନ ଆସିବ, ସେଥିପାଇଁ ଚିନ୍ତା କରିବା ଜରୁରୀ। ଅଜାମିଳ ଥରେ ମାତ୍ର ସେ ଦୃଶ୍ୟକୁ ଦେଖିଥିଲା। ତା ଜୀବନଟା କିଭଳି ବିଷାକ୍ତ ହୋଇଗଲା, ଏବେ ଜାଣିବା। ଯେଉଁ କୋମଳମତି ପିଲାଏ ସେଭଳି ଦୃଶ୍ୟକୁ ବାରବାର ଦେଖୁଛନ୍ତି, ସେମାନେ ଅଜାମିଳ ଜୀବନରୁ କିଛି ଶିକ୍ଷା କରନ୍ତୁ।

କାମ ବାସନାରେ ଆକ୍ରାନ୍ତ ହୋଇ ସାରିବା ପରେ ଏବେ ଅଜାମିଳ ଆଉ ଧ୍ୟାନ, ପ୍ରାର୍ଥନା, ସ୍ତୁତି, ପୂଜା ଆଦି କିଛି କଲାନି। ସେଇ ଗଣିକାକୁ ଆପଣେଇ ତାକୁ ହିଁ ସବୁକିଛି ମାନିଗଲା। ଗଣିକା ପାଖରେ ଦିନ ରାତି ରହିଲା। ମଦ୍ୟରେ ଭାସିଲା। ଗୋମାଂସ, କୁକ୍କୁଟ ଓ ଘୁଷୁରି ଆଦିଙ୍କ ମାଂସ ଭକ୍ଷଣ କଲା। ଘରଦ୍ୱାର, ପିତା ମାତା ଓ ନିଜ ସୁଶୀଳା ପତିବ୍ରତା ସ୍ତ୍ରୀକୁ ଛାଡ଼ି ଦେଲା। ନିଜ ଜାଗାବାଡ଼ି ସେଇ ଶବରୀ ଗଣିକା ନାଁରେ କରିଦେଲା। ବ୍ରାହ୍ମଣ ବେଉସା ବନ୍ଦ କରି ଚୌର୍ଯ୍ୟ ବୃତ୍ତିରେ ଲିପ୍ତ ରହିଲା। ପର ଧନ ଲୁଣ୍ଠନ କଲା। କାହାର ତଣ୍ଟି କାଟିଲା ତ ଏକୁଟିଆ ରମଣୀଙ୍କୁ ଦେଖି ବଳପୂର୍ବକ ରମଣ କଲା। ଧର୍ମଶାଳା, ଶିବଲିଙ୍ଗ, ବିଷ୍ଣୁ ପ୍ରତିମା ଆଦିଙ୍କୁ ଭାଙ୍ଗି ପକାଇଲା। ନିଛାଟିଆ ସ୍ଥାନରେ ଲୁଚିଛପି ରହି ସାଧୁ ସନ୍ଥ, ବ୍ରାହ୍ମଣ ବୈଷ୍ଣବ ଆଦିଙ୍କୁ ପିଟାପିଟି କରି ତାଙ୍କ ପାଖରେ ଯାହା ଥିଲା ସବୁ ଛଡ଼ାଇ ନେଲା। ଏହିପରି ଭାବେ ଦୁଷ୍ଟ ଅଜାମିଳର ଉତ୍ପାତ ଖଣ୍ଡମଣ୍ଡଳକୁ ବ୍ୟାପିଗଲା।

ପ୍ରକୃତରେ 'ଅଜାମିଳ' ଆଉ କିଏ କି? 'ଅଜା' ଶବ୍ଦର ଅର୍ଥ ହେଉଛି 'ମାୟା'। ମାୟାସକ୍ତ ଜୀବ ହେଉଛି ଅଜାମିଳ। ଏ ଦୃଷ୍ଟିରୁ ଦେଖିଲେ ଆମେ ସମସ୍ତେ ଜଣେ ଜଣେ ଅଜାମିଳ। ଯେଉଁମାନେ କାମିନୀ କାଞ୍ଚନ ଆକର୍ଷଣରୁ ନିଜକୁ ସୁରକ୍ଷିତ ରଖି ନ ପାରନ୍ତି, ସେମାନେ ହେଉଛନ୍ତି ଅଜାମିଳ। ଶ୍ରୀମଦ୍ ଭାଗବତର ଷଷ୍ଠ ସ୍କନ୍ଦର ପ୍ରଥମ ଅଧ୍ୟାୟର ୨୩ ନମ୍ବର ଶ୍ଳୋକ 'ଏବଂ ନିବସତସ୍ତସ୍ୟ ଲାଳୟାନସ୍ୟ ତତ୍ ସୁତାନ୍। କାଲୋଽତ୍ୟଗାନ୍ମହାନ୍ ରାଜନ୍ନଷ୍ଟାଶୀତ୍ୟାୟୁଷଃ ସମାଃ।।' ଅନୁଯାୟୀ ଏମିତି ଏମିତିରେ ଅଜାମିଳର ଜୀବନରେ ୮୮ ବର୍ଷ ଅତିକ୍ରାନ୍ତ ହେଲା। ସେତେବେଳକୁ ସେଇ ଶବରୀ ଗଣିକାର ସଂସର୍ଗରୁ ୯ଟି ପୁତ୍ରର ଜନକ ହୋଇ ସାରିଥାଏ ଅଜାମିଳ। ୧୦ ନମ୍ବର ପୁତ୍ରଟି ଗର୍ଭରେ ଥାଏ।

ଦିନେ ଦଳେ ସାଧୁ ଅଜାମିଳ ଘରେ ଆସି ପହଞ୍ଚି ଗଲେ। ଅଜାମିଳର ପତ୍ନୀ ସାଧୁମାନଙ୍କୁ ଯଥୋଚିତ ସତ୍କାର କଲା। କିନ୍ତୁ ଅଜାମିଳର ଏଥିରେ କିଛି ଆଗ୍ରହ ଥିଲା ପରି ଜଣା ପଡୁ ନଥିଲା। ସାଧୁ ତ ଯାହା ଘରେ ଅନ୍ନ ଭୋଜନ କରନ୍ତି, ସେ ଦାତାର କଲ୍ୟାଣ କାମନା କରନ୍ତି। ସାଧୁମାନେ ଅଜାମିଳକୁ ପାଖକୁ ଡାକି କହିଲେ- ଭୋଜନ ତ ମିଳିଗଲା। ଏବେ ଦକ୍ଷିଣା କାହିଁ? ଏତିକିରେ ଅଜାମିଳର ରାଗ ପଞ୍ଚମକୁ ଉଠିଗଲା। କହିଲା, ତୁମମାନଙ୍କର ଭାଗ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଭଲ ଯେ ମୁଁ ତୁମମାନଙ୍କୁ ଲୁଟ୍ କରିନାହିଁ। ଯାଠାରୁ ଆଉ ବଡ଼ ଦକ୍ଷିଣା କ'ଣ ଥାଇପାରେ? ମୁଁ ସାଧୁସନ୍ଥଙ୍କୁ ଭଲପାଏ ନାହିଁ। ଗୋଟେ ପାହୁଲା ବି ଦେବିନି। ଆଉ ଅନ୍ୟ କିଛି ମାଗିପାର।

ଅଜାମିଳର ସ୍ତ୍ରୀ ସେତେବେଳକୁ ଗର୍ଭବତୀ ଥାଏ। ସାଧୁମାନଙ୍କ ଦୃଷ୍ଟି ତେଣେ ପଡ଼ିଲା। ଜଣେ ସାଧୁ ଅଜାମିଳକୁ କହିଲେ- ଆଚ୍ଛା ହେଉ, ଯଦି ଧନ ନଦେବ ନାହିଁ। କିନ୍ତୁ ଗୋଟିଏ କାମ ଯଦି କରିବ, ତାହା ହିଁ ଆମର ଦକ୍ଷିଣା ହେବ। ଅଜାମିଳ ଆଶ୍ଚର୍ଯ୍ୟରେ ଚାହିଁବାରୁ ସାଧୁ କହିଲେ, ତୁମର ଏ ଯେଉଁ ପୁଅଟି ହେବ ତା' ନାଁ 'ନାରାୟଣ' ରଖିବ। - ଏଥିରେ ତୁମମାନଙ୍କର ଲାଭ କ'ଣ ହେବ? - ଆମ ଇଷ୍ଟଙ୍କ ନାଁ ନାରାୟଣ ତ। ନାରାୟଣ ଡାକ ଶୁଣିଲେ ଆମେ ଢେର୍ ଖୁସି ହେବୁ ଏବଂ ତା' ସଙ୍ଗେ ସଙ୍ଗେ ତୁମର ବି ନାମ ସ୍ମରଣ ହୋଇଯିବ। ଜବାବ ଦିଅ। ଏତିକି କଲେ ତାହା ହିଁ ହେବ ଆମ ଦକ୍ଷିଣା। ଅଜାମିଳ କହିଲେ, ଠିକ୍ ଅଛି। ଇଏ କୋଉ ବଡ଼ କାମ ଯେ? ହଉ, ଏବେ ଆପଣମାନେ ଏଠୁ ଶୀଘ୍ର ବିଦା ହୁଅନ୍ତୁ।

ସମୟକ୍ରମେ ଦଶମ ଗର୍ଭଟି ଜନ୍ମ ନେଲା। ପୁଅ ଥିବାରୁ ଅଜାମିଳ ସାଧୁଙ୍କୁ ଦେଇଥିବା କଥା ଅନୁସାରେ ତା ନାଁ ରଖିଲା ନାରାୟଣ। କନିଷ୍ଠ ସନ୍ତାନ ଥିବାରୁ ଅତ୍ୟଧିକ ସ୍ନେହ ଯୋଗୁଁ ଅଜାମିଳ ତାକୁ ପ୍ରାଣଠାରୁ ବି ଅଧିକ ଭଲ ପାଉଥିଲା। ଦଣ୍ଡେ ମାତ୍ର ବି ପୁଅକୁ କୁଆଡ଼େ ଛାଡୁ ନଥିଲା। ହେ ନାରାୟଣ! ଖାଇବ ଆସ; ହେ ନାରାୟଣ! ପାଣି ଗ୍ଲାସେ ଆଣ... ଏମିତି ବିଭିନ୍ନ କାର୍ଯ୍ୟ ପାଇଁ ଅଜାମିଳ ଗୋଟିଏ ଦିନରେ ବୋଧହୁଏ ଶହେରୁ ଊର୍ଦ୍ଧ୍ୱ ଥର ନାରାୟଣ... ନାରାୟଣ ବୋଲି ଡାକି ହେଉଥାଏ। ଏମିତି ସମୟ ଗଡ଼ି ଚାଲୁଥାଏ। ଦିନକୁ ଦିନ ନାରାୟଣ ବଡ଼ ହେଉଥାଏ। ଅଜାମିଳ ସର୍ବତ୍ର କେବଳ ନିଜ ପୁତ୍ର ନାରାୟଣକୁ ହିଁ ଦେଖୁଥାଏ; ନାରାୟଣ କଥା ହିଁ ଚିନ୍ତା କରୁଥାଏ। ପୁତ୍ର ନାରାୟଣ ପ୍ରତି ଆସକ୍ତି ଏତେ ବଢ଼ି ଯାଇଥାଏ ଯେ ସେ ନିଜେ ଆଦୌ ମରିବନି, ଅର୍ଥାତ୍ କାଳ କାଳକୁ ଅମର ହୋଇ ରହିବ- ଏମିତି ଏକ ଭାବନା ଅଜାମିଳ ମନକୁ ଗ୍ରାସ କଲା। (ବାକି ଆର ଥରକୁ)■

ସମ୍ପାଦକ, 'ଦିବ୍ୟାଲୋକ ସନ୍ଧାନେ'
ରାମନଗର, ତେଲେଙ୍ଗାପେଣ୍ଠ, କଟକ
ମୋ: ୯୪୩୭୨୯୨୬୯୯

# ଚାଲ ମୂଳକୁ ଫେରିଯିବା



ମିହିର ପ୍ରତାପ ଦାସ

ବିଶ୍ୱ ସାହିତ୍ୟରେ ଅନେକ ଜଣ ଲେଖକ 'ରିଟର୍ଣ୍ଣ ଟୁ ଦ ସୋର୍ସ' ନାମକରଣ କରି ପୁସ୍ତକ ରଚନା କରିଛନ୍ତି। ସେଥି ମଧ୍ୟରୁ ତିନି ଜଣ ଲେଖକଙ୍କର ରଚନା ବିଶ୍ୱବ୍ୟାପି ଆଦର ଲାଭ କରିଛି। ସର୍ବାଧିକ ବିକ୍ରି ହୋଇଥିବା ରିଟର୍ଣ୍ଣ ଟୁ ଦ ସୋର୍ସ ପୁସ୍ତକକୁ ରଚନା କରିଥିଲେ ଇଟାଲୀର ଲାଞ୍ଜା ଡେଲ ଭାସ୍ତୋ। ତାଙ୍କର ଭାରତ ଭ୍ରମଣ, ଦୋଆବ ଅଞ୍ଚଳ ପରିଦର୍ଶନ ଓ ମହାତ୍ମା ଗାନ୍ଧୀଙ୍କ ସହିତ କାଳ ଯାପନକୁ ମୁଖ୍ୟ ବିଷୟ କରି ଏହି ପୁସ୍ତକ ରଚନା କରା ଯାଇଥିଲା। ଏହା ୧୯୪୩ ମସିହାରେ ପ୍ରକାଶିତ ହୋଇଥିଲା। ରିଟର୍ଣ୍ଣ ଟୁ ଦ ସୋର୍ସର ଭାରତୀୟ ଭାଷାନ୍ତର ହେଉଛି ଚାଲ ମୂଳକୁ ଫେରିଯିବା। ୧୯୦୧ ମସିହା ସେପ୍ଟେମ୍ବର ୨୯ ତାରିଖରେ ଭାସ୍ତୋ ଇଟାଲୀର ସାନ ଭିଟୋ ଡେଇ ନୁରମାନୀରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟ କାଳ ଶାନ୍ତ ପରିବେଶରେ ବିତିଥିଲା। ଆଧ୍ୟାତ୍ମିକ ବିଚାର ତାଙ୍କ ପରିବାରରେ ଭରି ରହିଥିଲା। ତାଙ୍କର ଜନ୍ମଭୂମି ଭୂମଧ୍ୟ ସାଗର ନିକଟରେ ଥିଲା। ଏହି ଉତ୍କୃଷ୍ଟ ଜଳବାୟୁ ତାଙ୍କ କୈଶୋରକୁ ପ୍ରାଣବନ୍ତ କରିଥିଲା। ସେହି ଅଞ୍ଚଳ ଅନେକ ବିଦ୍ୱାନ ଓ ଗୁଣୀ ଜ୍ଞାନୀ ମଣିଷଙ୍କ ଦ୍ୱାରା ପ୍ରଭାବିତ ଥିଲା। ସେହିଠାରେ ଲା ଡେଲ ଭାସ୍ତୋ ଜୀବନର ପ୍ରାରମ୍ଭିକ ସମୟ ବିତାଇ ଉପଲବ୍ଧି କରିଥିଲେ ଯେ ମଣିଷ ମଣିଷ ମଧ୍ୟରେ ଭାଇଚାରାର ସମ୍ପର୍କ ସବୁଠାରୁ ପ୍ରାଥମିକ ଆବଶ୍ୟକତା। ମଣିଷ ଅପେକ୍ଷା ସମ୍ପର୍କ ମହତ୍ତ୍ୱପୂର୍ଣ୍ଣ। ତାଙ୍କ ଅନ୍ତରରୁ ଏହିପରି ସୁନ୍ଦର ମୌଳିକ ବିଚାରଟିଏ ପ୍ରସ୍ଫୁଟିତ ହୋଇଥିଲା। ୧୯୧୧ ମସିହାରେ ତାଙ୍କର ଜନ୍ମଦାତା ପରିବାରଠାରୁ ଦୂରେଇ ଗଲେ। ୧୯୧୩ ମସିହାରେ ମାତ୍ର ୧୨ ବର୍ଷ ବୟସରେ ସେ, ତାଙ୍କ ମାତା ଓ ତାଙ୍କର ଦୁଇ ଭାଇ ପ୍ୟାରିସକୁ ବସବାସ କରିବାକୁ ଚାଲି ଯାଇଥିଲେ। କୋଣ୍ଡସେଟ ଉଚ୍ଚ ବିଦ୍ୟାଳୟରେ ସେ ପାଠ ପଢ଼ିବାକୁ ଗଲେ। ସେଠାରେ ପାଠ ପଢୁଥିବା ବେଳେ ତାଙ୍କର କବିତା ଲେଖିବାର ଗୁଣ ପ୍ରକାଶିତ ହେଲା। ସେ ଅନେକ କବିତା ରଚନା କରିଥିଲେ। ଉଚ୍ଚଶିକ୍ଷା ପାଇଁ ସେ ଫ୍ଲୋରେନ୍ସ ଗଲେ। ଦର୍ଶନ ଶାସ୍ତ୍ରରେ ନାମ ଲେଖାଇଲେ। କବିତା ରଚନା ଅବାରିତ ଚାଲିଥିଲା। ତାଙ୍କ ଜ୍ଞାନର ଗଭୀରତା ସମ୍ପର୍କରେ ସବୁଆଡ଼େ ଚର୍ଚ୍ଚା ହୋଇଥିଲା। ପିସା ବିଶ୍ୱବିଦ୍ୟାଳୟରୁ ସେ ଗବେଷଣା କାମ ସାରିଥିଲେ। ଏଥିପାଇଁ ତାଙ୍କୁ ସାତ ବର୍ଷ ସମୟ ଲାଗିଥିଲା। ତାଙ୍କର ସନ୍ଦର୍ଭ 'ଆପ୍ରୋଚ୍ ଟୁ ସ୍ପିରିଚୁଆଲ ଟ୍ରିନିଟି' ଅନ୍ୟତମ ଶ୍ରେଷ୍ଠ କୃତୀ ଭାବରେ ଗଣା ଯାଇଥାଏ।

ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କର ଯୁବକ ଅବସ୍ଥାରେ ତାଙ୍କୁ ଜଣେ ଦାର୍ଶନିକ, ନିରପେକ୍ଷ ପ୍ରବକ୍ତା ଭାବରେ ସମଗ୍ର ୟୁରୋପରେ ପରିଚୟ ମିଳିଥିଲା। ୧୯୨୫ ମସିହାରେ ସେ ସେଣ୍ଟ ଥୋମାସଙ୍କ ରଚନାବଳୀ ପଢ଼ିଥିଲେ। ଏହା ଦ୍ୱାରା ପ୍ରଭାବିତ ହୋଇ ସେ ଖ୍ରୀଷ୍ଟିଆନ ଧର୍ମର ପୁସ୍ତକ ଟେଷ୍ଟାମେଣ୍ଟକୁ ଗଭୀର ଭାବରେ ପାଠ କରିଥିଲେ। ପ୍ରାଚୀନ ନୀତିକଥାରୁ ଅନେକ ଉପଯୋଗୀ ପ୍ରସଙ୍ଗ ଆଣି ତାଙ୍କର ଗବେଷଣା ସନ୍ଦର୍ଭରେ ସ୍ଥାନ ଦେଇଥିଲେ। ୧୯୨୮ ଜୁନ୍ ୨୮ରେ ସେ ଡକ୍ଟରେଟ ଉପାଧି ପାଇଥିଲେ। ୧୯୨୮ଠାରୁ ୧୯୪୮ ପର୍ଯ୍ୟନ୍ତ ସେ ବିଶ୍ୱ ଭ୍ରମଣ କରିଥିଲେ। ବିଶ୍ୱରେ ଭ୍ରାତୃଭାବ ଓ ଶାନ୍ତି ସୁରକ୍ଷିତ ରଖିବାକୁ ସେ ସମସ୍ତ ସଭ୍ୟତା ଓ ସମସ୍ତ ଉତ୍ସକୁ ଅନୁଭବ କରିବାକୁ ନିରନ୍ତର ଉଦ୍ୟମ କରିଥିଲେ। ତାଙ୍କର ପ୍ରତିଦିନର ଲିପିକୁ ସଂଗ୍ରହ କରିବା ଦୁଷ୍କର ଥିଲା, କାରଣ ଅନେକ ସ୍ଥାନକୁ ସେ ଏକାକୀ ପାଦରେ ଚାଲିକରି ଯାଇଥିଲେ। ସେ ଇଟାଲୀ, ଗ୍ରୀସ୍ ଅତିକ୍ରମ କରି ଭାରତ ଓ ଭାରତ ମଧ୍ୟରେ ଥିବା ଧର୍ମ ଉପାସନା କେନ୍ଦ୍ର ଆଦି ଭ୍ରମଣ କରିଥିଲେ। ଜର୍ମାନୀର ବର୍ଲିନରେ ମଧ୍ୟ ଅବସ୍ଥାନ କରିଥିଲେ। ନୂଆ ଦର୍ଶନ, ନୂଆ ବିଚାର ଓ ଆବଶ୍ୟକୀୟ ଜୀବନଶୈଳୀ ପ୍ରସ୍ତୁତ କରିବା ଯୋଜନାରେ ସେ ନିମଗ୍ନ ରହୁଥିଲେ।

ଗ୍ରାବିଏଲ ମାରସେଲ, ମାଉରିସ ଗାଣ୍ଡିଲାକ, ସିମନ ଉଏଲ, ଲୁକ ଡେଇଚ ତାଙ୍କର ଘନିଷ୍ଠ ସହଯୋଗୀ ଥିଲେ। ୧୯୩୦ ମସିହାରେ ସେ ଏକ ମାସ ଜର୍ମାନୀରେ ବିତାଇ ଥିଲେ। ୧୯୩୨ରେ ପ୍ୟାରିସ ଗଲେ। ୧୯୩୨ରୁ ୧୯୩୪ ପର୍ଯ୍ୟନ୍ତ ଇଟାଲୀରେ ରହି ମିଲାନ, ପାଲେରମୋ ଓ ରୋମରେ ତାଙ୍କର ଅନୁସନ୍ଧାନ ଚାଲୁ ରଖିଥିଲେ। ୧୯୩୪ରେ ସେ ଜୁଡାସକୁ ଗସ୍ତ କରିଥିଲେ। ପୁଣି ୧୯୩୫ରେ ପ୍ୟାରିସ ଫେରି ଆସିଲେ। ୧୯୩୬ରେ ସେ ନୌକା ଯୋଗେ ଭାରତର ଗୋଆରେ ଆସି ପହଞ୍ଚିଲେ। ୧୯୩୭



ଜାନୁଆରୀ ମାସରୁ ୧୯୩୮ ମାର୍ଚ୍ଚ ମାସ ଯାଏଁ ଭାରତରେ ଅବସ୍ଥାନ କରିଥିଲେ। ୧୯୩୭ ଜାନୁଆରୀ ୨୯ ତାରିଖରେ ଗାନ୍ଧିଜୀଙ୍କୁ ସାକ୍ଷାତ କରିଥିଲେ। ୱାର୍ଦ୍ଧା ଆଶ୍ରମରେ ତିନି ମାସ ବିତାଇ ଥିଲେ। ମେ' ମାସଠାରୁ ଜୁନ ମାସ ପର୍ଯ୍ୟନ୍ତ ହିମାଳୟ ଅଞ୍ଚଳରେ ପାଦରେ ଚାଲି ଚାଲି ବୁଲିଥିଲେ। ଅଗଷ୍ଟ ମାସରେ ବେଙ୍ଗଲ ଯାଇ ରବୀନ୍ଦ୍ରନାଥ ଟାଗୋରଙ୍କୁ ସାକ୍ଷାତ କରିଥିଲେ। ପୁଣି ସେପ୍ଟେମ୍ବର ମାସରେ ଗାନ୍ଧିଜୀଙ୍କ ସହିତ ତିନି ସପ୍ତାହ ବିତାଇ ଥିଲେ। ୧୯୩୮ ଫେବୃଆରୀ ତିନି ତାରିଖରେ ଗାନ୍ଧୀଜୀଙ୍କଠୁ ବିଦାୟ ନେଇ ଯାଇଥିଲେ।

୧୯୩୯ରୁ ୧୯୪୦ ମଧ୍ୟରେ ସେ ଇଜିପ୍ଟ, ତୁର୍କି, ସିରିଆ, ଲେବାନନ, ବେଥେଲହାମ ପାଦରେ ଚାଲି ଚାଲି ପରିଭ୍ରମଣ କରିଥିଲେ। ଫେରିବା ପରେ ସ୍ୱିଜରଲ୍ୟାଣ୍ଡ ଗଲେ। ସେଠାରେ କିଛି କାଳ ଶିକ୍ଷକତା କରିଥିଲେ। ୧୯୪୦ରୁ ୧୯୪୪ ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଲା। ୧୯୪୨ ବେଳକୁ ନାଜି ଶକ୍ତି ଯୁଦ୍ଧରେ ଅଂଶଗ୍ରହଣ କରି ନଥିବା ଅନେକଗୁଡ଼ିଏ ନିରପେକ୍ଷ ଦେଶଙ୍କୁ ଅଧିକାର କରି ନେଇଥିଲେ। ୧୯୪୩ରେ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟ, ଶାନ୍ତି, ସତ୍ୟାଗ୍ରହକୁ ଭିତ୍ତି କରି ସେ ରିଟର୍ଣ୍ଣ ଟୁ ଦ ସୋର୍ସ ପୁସ୍ତକ ରଚନା ଆରମ୍ଭ କରିଥିଲେ। ଅକ୍ଟୋବର ମାସରେ ଏହା ପ୍ରକାଶିତ ହୋଇଥିଲା। ଏହି ବହି ସମଗ୍ର ୟୁରୋପରେ ଅଭୂତପୂର୍ବ ଆଦର ପାଇଥିଲା। ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପାଶ୍ଚାତ୍ୟ ଦେଶମାନେ ଟିକିନିଖି କଥା ଜାଣି ପାରିଲେ। ତାଙ୍କ ବିଚାରକୁ ଗ୍ରହଣ କରିବାକୁ ବ୍ୟାକୁଳ ହେଲେ। ୧୯୪୫ରେ ବିଶ୍ୱରେ ଶାନ୍ତି ଅତୁଟ ରଖିବାକୁ ଭାସ୍ତୋ ଜାନୁଆରୀ ୨୬ ତାରିଖରେ ଆର୍କ ଅନୁଷ୍ଠାନ ଶୁଭାରମ୍ଭ କରିଥିଲେ।

୧୯୪୮ ମସିହାରେ ଲା ଡେଲ ଭାସ୍ତୋ ବିବାହ କରିଥିଲେ। ତାଙ୍କ ପତ୍ନୀଙ୍କର ନାମ ଚାଣ୍ଟରେଲା ଥିଲା। ଆର୍କ ସଂଗଠନର ଭିତ୍ତିଭୂମି ପାଇଁ ସେ ଅର୍ଥ ଯୋଗାଡ଼ କରି ଦେଇଥିଲେ। ତିନୋଟି ବିଶାଳକାୟ ଆଶ୍ରମ ତିଆରି କରା ଯାଇଥିଲା। ଗାନ୍ଧିଜୀଙ୍କ ବିଚାରଧାରାରେ ବିଶ୍ୱାସ କରୁଥିବା ଦେଢ଼ ଶହ ମଣିଷ ସେଠାରେ ରହି ସୂତାକଟା, କୁଟୀରଶିଳ୍ପ, ଲୁଗାବୁଣା ଇତ୍ୟାଦି ରଚନାତ୍ମକ କାର୍ଯ୍ୟ କରିବାକୁ ନିଜକୁ ସମର୍ପଣ କରିଦେଲେ। ସକାଳୁ ପ୍ରାର୍ଥନା କରିବା, ହାତରେ ପାଇଖାନା ସଫା, ବାସନ ମଜା ଇତ୍ୟାଦି କାର୍ଯ୍ୟ ସାବରମତୀ, ୱାର୍ଦ୍ଧା ଅନୁସରଣରେ କରାଗଲା। ଅନେକ ପରିଦର୍ଶକ ଆଶ୍ରମ ଜୀବନ ପ୍ରତି ଆକର୍ଷିତ ହୋଇ ସେଠାରେ ରହିବାକୁ ଆରମ୍ଭ କରିଥିଲେ। ସେଠାକାର ଗୋଷ୍ଠୀ ଜୀବନର ପ୍ରଣେତା ତଥା ଆଶ୍ରମଗୁଡ଼ିକର ପ୍ରତିଷ୍ଠାତା ଭାସ୍ତୋ ଗୋଟିଏ ସ୍ଥାନରେ ସ୍ଥିର ନ ରହି ୟୁରୋପର ବିଭିନ୍ନ ଅଞ୍ଚଳ ବୁଲି ସଂଘଗତ ଜନ ଜୀବନ ଚଳଣି ପାଇଁ ଗୋଷ୍ଠୀ ତିଆରି କରିବା ସହିତ ଅହିଂସାର ପ୍ରଚାର ପାଇଁ ବରାବର ଉଦ୍ୟମ କରୁଥିଲେ। ୧୯୫୭ରେ ସେ ଆଲଜେରିଆର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇ ଥିଲେ। ୧୯୫୮ରେ ସେ ଆଣବିକ ଅସ୍ତ୍ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଖ୍ରୀଷ୍ଟିଆନ ସମାଜକୁ ଆଣବିକ ଅସ୍ତ୍ର ନିର୍ମାଣରୁ ନିବୃତ୍ତ ରହିବାକୁ ସେ ପୋପଙ୍କର ଭାଟିକାନ ପରିଷଦର ସଭା ସମୟରେ ରୋମରେ ଚାଳିଶ ଦିନ ବ୍ୟାପି ଅନଶନ କରିଥିଲେ। ୧୯୭୮ ମସିହାରେ ବାସଚ୍ୟୁତ ଚାଷ ଜମି ହରାଇଥିବା କୃଷକମାନଙ୍କ ପାଇଁ ସେ ସତ୍ୟାଗ୍ରହ କରାଇ ଥିଲେ। ଏହି କ୍ରାନ୍ତିକାରୀ ପଦକ୍ଷେପ ପାଇଁ ତାଙ୍କୁ ଶାନ୍ତିର ଦେବଦୂତ ଭାବରେ ସମ୍ବୋଧନ କରାଗଲା। ଏହା ପୂର୍ବରୁ ସେ ୧୯୭୭ ମସିହାରେ ଭାରତ ବୁଲି ଆସିଥିଲେ। ଏହା ଥିଲା ତାଙ୍କର ପ୍ରିୟ ଗାନ୍ଧିଜୀଙ୍କର ଜନ୍ମ ମାଟିକୁ ଶେଷ ଦର୍ଶନ। ୧୯୮୧ ମସିହାରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କୁ ଅନେକ ଇଟାଲୀର ଗାନ୍ଧୀ କୁହନ୍ତି, ଆଉ କେତେକ ଫ୍ରାନ୍ସର ଗାନ୍ଧୀ କୁହନ୍ତି। ପୁଣି କେତେକ ୟୁରୋପର ଗାନ୍ଧୀ ମଧ୍ୟ କହିଥାନ୍ତି। ■

ମୋ: ୯୯୩୭୮୬୩୫୨୮

# ଜର୍ମାନୀରେ ପଞ୍ଚଷଠି ବର୍ଷ



ରାଜେନ୍ଦ୍ର ନାରାୟଣ ଦାସ

ମୋର ଜନ୍ମମାଟି ଓଡ଼ିଶା (ଭାରତବର୍ଷ) ଛଡ଼ା ଆଉ ଯେଉଁ ଗୋଟିଏ ଦେଶକୁ ମୁଁ ସବୁଠାରୁ ଭଲ ଭାବରେ ଜାଣିଛି, ତାହା ହେଉଛି ଜର୍ମାନୀ। ଠିକ୍ ୬୫ ବର୍ଷ ପୂର୍ବେ (ତା ୨୭.୧୧.୧୯୬୦ ରିଖ) ମୁଁ ସେହି ଦେଶରେ ପ୍ରଥମେ ପାଦ ଦେଇଥିଲି। ଆରମ୍ଭରେ ପ୍ରଥମ ୬ ବର୍ଷ ଜର୍ମାନୀରେ ଇଞ୍ଜିନିୟରିଂ ପଢ଼ିବା ପାଇଁ ପୂରାପୂରି ଜର୍ମାନୀରେ ରହିଥିଲି। ଏଯାବତ୍ ବାକି ୫୯ ବର୍ଷ ଅନେକ ଥର ବୃତ୍ତିଗତ କାର୍ଯ୍ୟରେ ଅଳ୍ପ କିଛି ଦିନ ପାଇଁ ଜର୍ମାନୀ ବାହାରକୁ ଯାଇଛି। ବହୁ ବାର ଓଡ଼ିଶାକୁ ଯିବାର ମଧ୍ୟ ସୁଯୋଗ ପାଇଛି।

ଆଜି ଦୀର୍ଘ ୬୫ ବର୍ଷ ପରେ ଜଣେ ପ୍ରବାସୀ ଓଡ଼ିଆ ଭାବରେ ଏତେ ବର୍ଷ ଧରି ଜର୍ମାନୀରେ ବସବାସ କରି ରହିବା ଦ୍ୱାରା ମୋର ଅନୁଭୂତିଗୁଡ଼ିକୁ ସଂକ୍ଷେପରେ ସେ ବିଷୟରେ ମୋର ଓଡ଼ିଆ ଭାଇ ଭଉଣୀମାନଙ୍କୁ ଏଇ କ୍ଷୁଦ୍ର ପ୍ରବନ୍ଧରେ ଅବଗତ କରାଇବାକୁ ପ୍ରୟାସ କରିଛି। ମୋର ଜର୍ମାନୀରେ ଅଭିଜ୍ଞତା ପ୍ରତିଷ୍ଠିତ କରିବାକୁ ବା ନିଜର କିଛି ଗୋଟାଏ ଅଭୂତପୂର୍ବ ସାଫଲ୍ୟକୁ ପ୍ରତିଷ୍ଠିତ କରିବାକୁ ଜାଣି ଜାଣି ଏଇ ପ୍ରବନ୍ଧରେ କେବେହେଲେ ପ୍ରୟାସ କରିନାହିଁ। ମୁଁ ଯେତେବେଳେ ଜର୍ମାନୀକୁ ପ୍ରଥମ ଥର ପାଇଁ ଦେଖିବାକୁ ପାଇଥିଲି, ସେତେବେଳେ ଜର୍ମାନ ଭୂଇଁରୁ ବା ଜର୍ମାନ୍‌ମାନଙ୍କ ମନରୁ ଯୁଦ୍ଧର ଦାଗ ମଧ୍ୟ ଲିଭି ନଥାଏ। କେବଳ ଅବସ୍ଥାର ଚାପରୁ ବୋଧହୁଏ ଏହା ବାହାରକୁ ପ୍ରକାଶ ପାଇବାର ବାଟ ପାଉ ନଥାଏ। ଏହା ଜର୍ମାନୀର ମଣିଷମାନଙ୍କୁ ଦଗ୍ଧ କରି ରଖିଥାଏ। ବର୍ତ୍ତମାନର ଜର୍ମାନୀ ଆଉ ସେ କାଳର ଜର୍ମାନୀ ହୋଇ ନାହିଁ। ଜର୍ମାନୀ ଦୁଇଟା ମହାସମରରେ ହାରି ଯାଇଥିବାର ତିଳେମାତ୍ର ଲକ୍ଷଣ ଆମେ ବର୍ତ୍ତମାନର ଜର୍ମାନୀରୁ ଦେଖିବାକୁ ପାଇବା ନାହିଁ।

ପାଶ୍ଚାତ୍ୟ ଜାତି ମଧ୍ୟରେ ଜର୍ମାନ୍ ଜାତି ଆଜି ନିଜର ଜାତୀୟତା ଲାଗି ଗର୍ବିତ। ସେମାନେ ଦ୍ୱିତୀୟ ମହାସମରରେ ଖାଲି ଶୋଚନୀୟ ଭାବରେ ପରାସ୍ତ ହୋଇ ନଥିଲେ, ତାହାର ପୂର୍ବ ଭାଗ (ପୂର୍ବ ଜର୍ମାନୀ) ସୋଭିଏତ୍ ୟୁନିଅନ୍‌ର ଏକ ଅନୁଗତ ରାଜ୍ୟ ହୋଇଗଲା। ଏଥିରେ ରାଜଧାନୀ ବର୍ଲିନ୍ ସହରର ଫାଳେ ରହିଗଲା ଗଣତାନ୍ତ୍ରିକ ପଶ୍ଚିମ ଜର୍ମାନୀରେ ତ ଫାଳେ ରହିଗଲା ପୂର୍ବ ଜର୍ମାନୀରେ। ପଶ୍ଚିମ ଜର୍ମାନୀ ପଚିଶ ବର୍ଷ ମଧ୍ୟରେ ପୁଣି ଏକ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଗଲା; ଅବଶ୍ୟ ଅସ୍ତ୍ରଶସ୍ତ୍ର ଦିଗରେ ନୁହେଁ; ଶିକ୍ଷାଦୀକ୍ଷା ଓ ପ୍ରାବଧିକ ଉନ୍ନତି ବଳରେ ମଧ୍ୟ। ୧୯୮୯ ମସିହାରେ ବର୍ଲିନ୍ ସହରରୁ ବିଭାଜିତ କରିଥିବା ପ୍ରାଚୀର ଭାଙ୍ଗିଲା। ସେତେବେଳକୁ କମ୍ୟୁନିଷ୍ଟ ଶାସନାଧୀନ ପୂର୍ବ ଜର୍ମାନୀ ଥିଲା ଅପେକ୍ଷାକୃତ ଦରିଦ୍ର। ଏହି ମିଶ୍ରଣ ପରେ ପଶ୍ଚିମ ଜର୍ମାନୀକୁ ଯଦିଓ ଆର୍ଥିକ ବୋଝ ସହିବାକୁ ହେଲା, କିନ୍ତୁ ଜର୍ମାନୀ ଜାତି ଅବଲୀଳାକ୍ରମେ ସେହି ବୋଝକୁ ସହି ସଂଯୁକ୍ତ ଜର୍ମାନୀ ଭାବେ ଶ୍ରେଷ୍ଠତମ ୟୁରୋପୀୟ ରାଷ୍ଟ୍ର ରୂପେ ଏବେ ପରିଚିତ।

ମୋର ଦୀର୍ଘ ୬୫ ବର୍ଷର ବିଦେଶ ଜୀବନ ଅନୁଭୂତି ମୋତେ ଉଭୟ ସୁଖ, ବ୍ୟର୍ଥତା ଓ କର୍ମପ୍ରବଣତାର ଆନନ୍ଦ ଯୋଗାଇ ଦେଇଛି। ଜୀବନରେ ସୂର୍ଯ୍ୟ ଓ ଚନ୍ଦ୍ର ସହିତ ବିଭିନ୍ନ ଦେଶରେ ବହୁବିଧ ପରିବେଶରେ ଭେଟ ହୋଇଛି। ବୃତ୍ତିଗତ ଜୀବନରେ ଏକ ପ୍ରକାର ପୃଥିବୀ ପରିକ୍ରମା କରିଛି, କେଉଁ ଦେଶକୁ କେତେ ବାର ଯାଇଛି, ମନେ ନାହିଁ। ସବୁ ଦେଶରେ ମୁଁ ନିଜକୁ ସେହି ଦେଶର ଅତି ଏକାନ୍ତ ଆପଣାର ବୋଲି ମନେକରି ମୋ କର୍ତ୍ତବ୍ୟ ପଥରେ ଅଗେଇ ଯାଇଛି ଓ ଅନେକ ବ୍ୟକ୍ତିବିଶେଷଙ୍କ ଶ୍ରଦ୍ଧାଭାଜନ ହେବାର ସୌଭାଗ୍ୟ ଲାଭ କରିଛି। ମୋ ଜୀବନ ଉପରେ ଜର୍ମାନୀର ପ୍ରଭାବ ଅତ୍ୟନ୍ତ ବିଚିତ୍ର। କେବଳ ଏହି ଜର୍ମାନୀ ଦେଶ ହିଁ ମୋତେ ଭାରତକୁ, ବିଶେଷକରି ମୋର ଜନ୍ମଭୂମି ଓଡ଼ିଶାକୁ ଅତ୍ୟନ୍ତ ନିବିଡ଼ ଭାବରେ ପୂର୍ଣ୍ଣତାର ସହିତ ଚିହ୍ନିବା ଲାଗି ସବୁବେଳେ ଖୋରାକ ଯୋଗାଇ ଆସିଛି। ଜର୍ମାନୀରେ ପାଠୁଆ ଲୋକମାନଙ୍କଠାରୁ ମୁଁ ବହୁତ କିଛି ଶିଖିଛି। ଏମାନେ ନିଜ ଦେଶରେ ନିଜକୁ ସ୍ୱତନ୍ତ୍ର ଭାବରେ ଦେଖେଇ ହେବାକୁ କେବେହେଲେ ଇଚ୍ଛା ପ୍ରକାଶ କରନ୍ତି ନାହିଁ, ଯାହାକି ଆମ ଦେଶରେ ଏହା ଅତି ସ୍ୱତନ୍ତ୍ର ଭାବରେ ପରିଲକ୍ଷିତ ହୋଇଥାଏ।

ଆମ ଦେଶରେ ଶିକ୍ଷିତମାନଙ୍କର ଅଗଣିତ ଦରିଦ୍ରଙ୍କ ଭିତରେ ବାବୁ ବୋଲି ଦେଖେଇ ହେବାର ଖୋଇଗୁଡ଼ାକ ସେମାନଙ୍କୁ ସମାଜରେ ଚିହ୍ନା ପକାଇ ଦିଏ। ଜର୍ମାନୀରେ ସମସ୍ତେ ମଣିଷକୁ ମଣିଷ ଭଳି ବ୍ୟବହାର କରନ୍ତି। ଅଳ୍ପ ପାଠ ପଢ଼ିଥିବା ଲୋକମାନଙ୍କୁ ଭୁଲ୍‌ରେ ହେଲେ ହୀନ ଚକ୍ଷୁରେ ଏମାନେ ଦେଖନ୍ତି ନାହିଁ। ନିଜର ଜନ୍ମ ମାଟିକୁ ନେଇ ଗର୍ବ କରନ୍ତି ଓ ଜନ୍ମ ମାଟିକୁ ଯଥାର୍ଥ ସମ୍ମାନ ଦିଅନ୍ତି। ସମୟ ନଷ୍ଟ କରି ଭଗବାନଙ୍କୁ ଖାଲି ପୂଜା କରି ତାଙ୍କ ଦ୍ୱାରା ସବୁକିଛି ପାଉଛନ୍ତି ବୋଲି ସଦାସର୍ବଦା କୃତଜ୍ଞତା ଜଣାଇବା ଜର୍ମାନୀ ଦେଶର ଶିକ୍ଷିତ ବର୍ଗଙ୍କର କ'ଣ, ସାଧାରଣ ଲୋକମାନଙ୍କର ଜାତକରେ ସୁଦ୍ଧା ନାହିଁ। ଏଥିପାଇଁ ବୋଧହୁଏ ସେମାନେ ଜୀବନ ଯାତ୍ରାରେ ବାଟବଣା ହୋଇ ନାହାନ୍ତି। ଜର୍ମାନୀ ଦେଶର ଲୋକମାନଙ୍କର ନିଜର କର୍ତ୍ତବ୍ୟ କରିବାରେ ସେମାନଙ୍କର ଯେଉଁ ସାଧୁ ଉଦ୍ୟମ ଓ ତତ୍ପରତା, ସେଗୁଡ଼ିକ ମୋତେ ମୋର ଜୀବନଯାକ ଏଠାରେ ଆକୃଷ୍ଟ କରିଛି। ମୋର ଭବିଷ୍ୟତର କର୍ମକ୍ଷେତ୍ର ଲାଗି ମୁଁ ଏହି ଜର୍ମାନୀରୁ ସବୁ ପ୍ରକାର ଶିକ୍ଷାଲାଭ କରିଛି।

ଜର୍ମାନୀରେ ମଣିଷକୁ ମାଧ୍ୟମ କରି ମୁଁ ବସ୍ତୁକୁ ଚିହ୍ନିବାକୁ ସବୁବେଳେ ପ୍ରୟାସ କରିଛି। ମୋ ମତରେ, ଆମ ଦେଶରେ ବସ୍ତୁ ଲାଭ ୟୁରୋପ୍ ତୁଳନାରେ ଅନେକ ଅଧିକ ପରିମାଣରେ ଅଛି। ଆମ ଦେଶରେ ଯଥେଷ୍ଟ ଅଳ୍ପ ଲୋକଙ୍କ ପାଖରେ ଅଧିକ ଧନ ଜମା ହୋଇଥିବାରୁ ସେମାନଙ୍କୁ ଲକ୍ଷ୍ମୀବନ୍ତ ବା ଭାଗ୍ୟବାନ୍ କୁହାଯାଏ। ଏହି ଲକ୍ଷ୍ମୀବନ୍ତ ଭାଗ୍ୟବାନମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କଲା ବେଳେ କେବଳ ଧନ ହିଁ ମାଗନ୍ତି ଏବଂ କେବଳ ନିଜର ପିଲାମାନେ ଆହୁରି କିପରି ଧନୀ ହେବେ, ସେଥିପାଇଁ ପ୍ରାର୍ଥନା କରନ୍ତି। ସେମାନେ କେତେ ତତ୍ପରତାର ସହିତ ଅର୍ଥ ଖର୍ଚ୍ଚ କରି ଭଗବାନଙ୍କୁ ଆପ୍ୟାୟିତ କରିଥାନ୍ତି। ଜର୍ମାନୀରେ ବାପା ମାଆମାନେ ପିଲାମାନଙ୍କୁ ୧୬ ବର୍ଷ ପୂରିବା ପରେ ନିଜେ ସ୍ୱାଧୀନ ଜୀବନଯାପନ କରିବା ପାଇଁ ଛାଡ଼ି ଦିଅନ୍ତି। ସେମାନେ ଘରୁ ଅଧିକାଂଶ ବାପାମାଆଙ୍କଠାରୁ ଅଲଗା ରୁହନ୍ତି ଓ ଯଦିବା କେହି କେହି ରୁହନ୍ତି, ସେମାନଙ୍କ ଖାଇବା ଖର୍ଚ୍ଚ ବାପାମାଆଙ୍କୁ ଦିଅନ୍ତି। ଆମ ଦେଶ ପରି ନିଜେ ମଲା ପର୍ଯ୍ୟନ୍ତ ପିଲାମାନଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରି ସେମାନଙ୍କୁ ପଙ୍ଗୁ କରି ଦିଅନ୍ତି ନାହିଁ, ଯାହାଦ୍ୱାରା କି ଅନେକ ସ୍ଥଳରେ ସ୍ୱାମୀ ସ୍ତ୍ରୀ ଭିତରେ ମନୋମାଳିନ୍ୟ ସୃଷ୍ଟି ହୋଇଥାଏ। ତା' ମାନେ ନୁହେଁ ଯେ ଜର୍ମାନୀରେ ବାପାମାଆମାନେ ହୃଦୟହୀନ।

ଓଡ଼ିଶା ମୋର ଜନ୍ମଭୂମି। ଜର୍ମାନୀ ମୋର କର୍ମଭୂମି। ଓଡ଼ିଆ ମୋର ମାତୃଭାଷା। ତା' ମାନେ ମୋର ଆପଣାର ଭାଷା। ଜର୍ମାନୀରେ ମୁଁ ଯେତିକି ଯେତିକି ଜର୍ମାନ ଭାଷା ଶିଖିଛି ଓ ଭଲ ଭାବରେ କହି ପାରିଛି, ମୋ ଓଡ଼ିଆ ଭାଷାକୁ ସେତିକି ସେତିକି ଭଲ ପାଇଛି। ତେଣୁ ଜର୍ମାନ ଭାଷା ଶିଖିବାକୁ ବା କହିବାକୁ ମୋର କୌଣସି ପ୍ରକାର ଅସୁବିଧା ହୋଇନାହିଁ। ନିଜର ମାତୃଭାଷାକୁ ନିବିଡ଼ ଭାବରେ ଭଲ ପାଇଥିବାରୁ ବୋଧହୁଏ ଜର୍ମାନ୍ ଭାଷାକୁ ଅତି ସହଜରେ ଶିଖି ପାରିଛି। ଓଡ଼ିଶାକୁ ଅନେଇ ସେଠାରେ ଜୀବନ କଟାଉ ଥିବା ଓ ନିଜକୁ ବୁଦ୍ଧିଜୀବୀ ବୋଲାଉ ଥିବା ଏବଂ ଉଚ୍ଚ ପଦ ପଦବୀରେ ରହି ସରକାରକୁ ତଥା ଦେଶକୁ 'ପୋଲା' କରୁଥିବା ଲୋକମାନେ ପ୍ରାୟତଃ ଏଠାରେ କିଛି ହେବନାହିଁ ବା ଦୂବ ଘାସଟିଏ କଅଁଳିବ ନାହିଁ ବୋଲି କୁହନ୍ତି। ଏହିପରି ଲୋକମାନେ ନିଶ୍ଚିତ ଭାବରେ କିନ୍ତୁ ପ୍ରକୃତରେ ଓଡ଼ିଶାରୁ ସବୁକିଛି ଭୋଗ କରୁଥାନ୍ତି। ସମ୍ଭବତଃ ସେଇଥିପାଇଁ ରସ ପାଇବାକୁ ଏପରି କୁହନ୍ତି। ଯେଉଁମାନେ ସରକାରରେ ଅଛନ୍ତି, ସେମାନେ ସବୁ ପ୍ରକାର ନବରଙ୍ଗ କରନ୍ତି, ତେବେ ମଧ୍ୟ କୁହନ୍ତି ଯେ ସରକାର ଦ୍ୱାରା କିଛି ହେବନାହିଁ। ସେମାନେ କେବେ ଭାବିଛନ୍ତି କି ଜର୍ମାନୀ ଓ ଅନ୍ୟ ଦେଶରେ ଏହା ଯଦି ସମ୍ଭବ ହୋଇ ପାରୁଛି, ଓଡ଼ିଶାରେ କାହିଁକି ହେବନାହିଁ? ସେମାନେ ନିଜ କାମକୁ ବିଶ୍ୱାସ କରନ୍ତି ନାହିଁ ବୋଲି ଏପରି କହି ଥାଆନ୍ତି। ଯାହାର ନିଜ କାମ ପାଇଁ ବିଶ୍ୱାସ ନାହିଁ, ସେ ବିଚରାମାନଙ୍କ ପାଖରେ ସବୁକିଛି ଖଞ୍ଜିଦେଲେ ମଧ୍ୟ ସେମାନେ କ'ଣ କରି ପାରିବେ- ଏହା ଭାବିବାର କଥା।ଏହି ଅଳ୍ପ ଲୋକମାନେ ଓଡ଼ିଶାର ପ୍ରାୟ ୯୫ ଭାଗ ଲୋକଙ୍କୁ ଶାସନ କରନ୍ତି, ଯେଉଁମାନେ ଏହି ଅଶିକ୍ଷିତ ଓଡ଼ିଆମାନଙ୍କୁ ଅନ୍ଧାରରେ ରଖି କେବଳ ଲୁଣ୍ଠନ କରିଥିବାରୁ ଦେଶଟିକୁ ବଳି ଦେବାର ସମ୍ଭାବନା ଦିନକୁ ଦିନ ଅସମ୍ଭବ ହୋଇ ପଡୁଛି।

ଜର୍ମାନୀରେ ପ୍ରତ୍ୟେକ ଲୋକ କେବଳ ନିଜ ପାଇଁ ନୁହେଁ, ଦେଶର ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖେ। ମୋ ମତରେ, ଆମ ଦେଶରେ ଯିଏ ଶିକ୍ଷାରେ ଅଛି, ସ୍ୱାସ୍ଥ୍ୟରେ ଅଛି, ନିର୍ମାଣରେ ଅଛି ବା ଶିଳ୍ପରେ ଅଛି, ପ୍ରଶାସନ ଓ ରାଜନୀତିରେ ଅଛି, ସିଏ ତଥାକଥିତ ସରକାରଙ୍କଠାରୁ ନିଜ ପାଇଁ ଫାଇଦା ଉଠାଏ ଓ ଆରାମରେ ଶୁଏ। କିନ୍ତୁ ଶୋଇଲା ବେଳେ ମଧ୍ୟ ଦେଶ ପାଇଁ ତା'ର ଦାୟିତ୍ୱ କ'ଣ ଅଛି, ସେ ବିଷୟରେ ମୋଟେ ହେଲେ ସ୍ୱପ୍ନ ଦେଖେନାହିଁ। ସେଥିପାଇଁ ସ୍ୱାଧୀନତା ପରେ ଓଡ଼ିଶାରେ ଧନୀ ଲୋକଙ୍କ ସଂଖ୍ୟା ବଢ଼ିଛି ସତ; କୋଠାବାଡ଼ି, ସୁନ୍ଦର ସୁନ୍ଦର ଗହଣା ଦୋକାନ, ପଞ୍ଚତାରକା ହୋଟେଲ ହୋଇଛି ସତ, କିନ୍ତୁ ଗରିବ ଲୋକମାନେ ଗରିବ ହୋଇଛନ୍ତି ବୋଲି କହି ନିଜକୁ ଧନୀ ବୋଲାଉ ଥିବା ଲୋକମାନଙ୍କ ନିକଟରେ ସମାଲୋଚିତ ହେବାକୁ ଚାହୁଁନାହିଁ।

ଓଡ଼ିଶାର ସଂସାରକୁ ମୁଁ ମୋର ପିଲାଦିନର କୋଡ଼ିଏ ବର୍ଷ ଭିତରେ ଯେପରି ଅନ୍ତରଙ୍ଗ ଓ ନିବିଡ଼ ଭାବରେ ଚିହ୍ନିଛି, ଏକ ପ୍ରକାର ପୃଥିବୀ ପରିକ୍ରମା କରି ଆଜକୁ ଦୀର୍ଘ ୬୫ ବର୍ଷ ଧରି ଜର୍ମାନୀରେ ବସବାସ କରୁଥିଲେ ମଧ୍ୟ କୌଣସି ଦେଶକୁ ମୋର ଜୀବନରେ କେବେହେଲେ ଏପରି ଭାବରେ ଦେଖିବାଟା ମୋ ପକ୍ଷରେ ସମ୍ଭବ ହେବନାହିଁ। ସେଥିପାଇଁ ବୋଧହୁଏ ଓଡ଼ିଶା ସହିତ ମୋର ବନ୍ଧନ ବା ଆକର୍ଷଣ ସୂତ୍ରଟି ମୋତେ ଏତେ ଅସାଧାରଣ ଭାବେ ନିବିଡ଼ରୁ ନିବିଡ଼ତର ମନେ ହେଉଛି। ବାରମ୍ବାର ଓଡ଼ିଶା ଆସିବାର ସୁଯୋଗଟି ବୋଧହୁଏ ମୋ ଭଳି କୌଣସି ପ୍ରବାସୀ ଓଡ଼ିଆଙ୍କୁ ମିଳିନାହିଁ।

ଆଜିର ଓଡ଼ିଶାରେ ବନ୍ଧୁତା ନିବିଡ଼ ହେବା ନିମନ୍ତେ ଯେଉଁ ବ୍ୟକ୍ତିଗତ ସାହଚର୍ଯ୍ୟର ପ୍ରୟୋଜନ, ସେ ସୁଯୋଗ ଆଜିର ଜୀବନଶୈଳୀ ଅପହରଣ କରି ନେଇଛି। ତେବେ ମଧ୍ୟ ଓଡ଼ିଶାର ସମସ୍ତଙ୍କର କେବଳ ବନ୍ଧୁ ହେବାକୁ ମୁଁ ଚାହୁଁଛି। ବର୍ତ୍ତମାନର ଓଡ଼ିଶାକୁ ଅନେଇ ତା'ର ପୂର୍ବ ଅତୀତକୁ ବିଶ୍ୱାସ କରି ପାରୁ ନାହିଁ। ଆତ୍ମିକ ଦୃଷ୍ଟିରୁ ମୁଁ ମୋର ଜନ୍ମ ମାଟି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ରହିଛି ଓ ରହିଥିବି। 'ମୁଁ ପୁଣି ଆସିବି ଫେରି ମଲା ପରେ କଟକ ସହର/ ଦେଖିବି କିପରି ଦିଶେ ଅମଳିନ ଧବଳ ଟଗର' ('କଟକ', ଦେବଦାସ ଛୋଟରାୟ)।■

ଗିଲ୍‌ବାଖ୍ ଷ୍ଟ୍ରାସେ ୯୫ଇ,
୪୧୪୬୬ ନଏସ୍, ଜର୍ମାନୀ
drrajendradas.germany@gmail.com

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଧୂଳି ଧୂଆଁମୟ ଜାତୀୟ ରାଜପଥ, ତାତିଲେ ଲୋକେ



**ଧର୍ମଶାଳା,୨୯।୧୧/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରସସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳ ଧୂଳି ଧୂଆଁରେ ଭର୍ତ୍ତି ହେଉଥିବା ପ୍ରତିବାଦରେ କଣ୍ଟିଗଡ଼ିଆ ଛକରେ ଆଜି ସ୍ଥାନୀୟଲୋକେ ରାଜପଥ ଅବରୋଧ କରିଥିଲେ। ଉକ୍ତ ରାସ୍ତାରେ ଯାଉଥିବା ଗାଡି ଅଟକାଇ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥାର ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ସହ ରାଜପଥରେ ଯାତାୟତ କରୁଥିବା ଜନସାଧାରଣ କିପରି ଧୂଳି ଧୂଆଁରୁ ସୁରକ୍ଷା ପାଇବେ ସେଥିପାଇଁ ପ୍ରତିବାଦ କରିଥିଲେ। ପ୍ରକାଶ, ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା କମ୍ପାନୀ ଏଆଇପିଏଲ୍ ରାସ୍ତା ନିର୍ମାଣ କରୁଥିବା ବେଳେ ରାସ୍ତା ଉପରେ ପାଣି ଛିଞ୍ଚନ କରୁନାହାଁନ୍ତି। ଯାହାଫଳରେ ଏହି ରାସ୍ତାଦେଇ ପ୍ରତିଦିନ ଠିକା କମ୍ପାନୀର ଗାଡି ମୋଟର ସହ ଶତାଧିକ ଗାଡି ଯାତାୟତ କରୁଛି। ରାସ୍ତାରେ ଧୂଳି,ବାଲି ଜମାହୋଇ ରହୁଥିବାରୁ ପାଣି ଛିଞ୍ଚନ ନହେବାରୁ ରାସ୍ତା ଧୂଳି ଧୂଆଁମୟ ହେଉଛି। ତତସହିତ କଣ୍ଟିଗଡ଼ିଆ ଛକରେ ଏଆଇପିଏଲ କମ୍ପାନୀର ଦୁଇଟି କ୍ରସର ରହିଥିବାରୁ ସେଥିରୁ ନିର୍ଗତ ଧୂଳି ଧୂଆଁ ରାଜପଥ ସହ ସ୍ଥାନୀୟ ଗ୍ରାମ ଗୁଡିକ ମଧ୍ୟ ଧୂଳି ଧୂଆଁମୟ ହେଉଛି। ଦିନରୁ ରାତିଯାଏ ଏହି ରାସ୍ତା ଧୂଳି ଧୂଆଁମୟ ଯୋଗୁ ରାସ୍ତାରେ ଯାତାୟତ କରୁଥିବା ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହ ନିକଟରେ ଥିବା ଗ୍ରାମଗୁଡିକର ଜନସାଧାରଣ ଧୂଳି ଧୂଆଁ ଯୋଗୁ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କଲେବି କିଛି ସୁଫଳ ମିଳୁନଥିବା ବେଳେ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆଜି ମଧ୍ୟାହ୍ନ ସମୟରେ କଣ୍ଟିଗଡ଼ିଆ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଓ ସ୍ଥାନୀୟ ଅଞ୍ଚଳବାସୀ ଲୋକଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାସ୍ତାରେ ପାଣି ଛିଞ୍ଚନ କରିବା ଓ ନିକଟରେ ଥିବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ବ୍ୟବସ୍ଥା କରିବା ଆଦି ଦାବିନେଇ ରାଜପଥରେ ଯାତାୟତ କରୁଥିବା ଗାଡିମୋଟର ବନ୍ଦ କରିଥିଲେ। ଖବରପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏଆଇପିଏଲ କମ୍ପାନୀର ଅଧିକାରୀ ଓ ସରପଞ୍ଚ ଶ୍ରୀ ରାଉତଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ୍ ହଟିଥିଲା।

# ମାରଣାସ୍ତ୍ର ଦେଖାଇ ଚମ୍ପଟ ମାରିଲେ ଗୋ-ମାଫିଆ



**କାମାକ୍ଷନଗର,୨୯।୧୧/ଏନ୍‌ଏନ୍‌ଏସ୍:** ଚୋରା ଗୋରୁଚାଲାଣ କରିବା ବେଳେ ଧରାପଡିବା ପରେ ମାରଣାସ୍ତ୍ର ଦେଖାଇ ଚମ୍ପଟ ମାରିଲେ ଗୋ-ମାଫିଆ। ଦୁଇ ବୋଲେରୋ ସହ ଦଶ ଗୋରୁ ଜବତ କଲେ ସ୍ଥାନୀୟ ଲୋକେ। କାମାକ୍ଷାନଗର ଥାନା ଜିରିଡାମାଳି ଛକ ନିକଟରେ ଗୋରୁ ଚାଲାଣ ବେଳେ ଏକ ବୋଲେରୋକୁ ଧରିବା ସହ ପାଞ୍ଚ ଗୋରୁକୁ ଅଟକ ରଖିଲେ ସ୍ଥାନୀୟ ଲୋକେ। ପ୍ରକାଶ, ଦୁଇଟି ବୋଲେରୋ ଯୋଗେ ଯାଜପୁର ଅଞ୍ଚଳରୁ ତାଳଚେର ଅଭିମୁଖେ ଗୋରୁ ଚାଲାଣ ହେଉଥିବା ନେଇ କାମାକ୍ଷାନଗର ଅଞ୍ଚଳର କିଛି ସ୍ଥାନୀୟ ଲୋକେ ଓ ସଂଗଠନ ଜାଣିବାକୁ ପାଇଥିଲେ। ପରେ ସେମାନେ ବାଲିଗୋରଡ଼ ଠାରେ ଗୋରୁ ଭର୍ତ୍ତି ହୋଇଥିବା ବୋଲେରୋକୁ ଅଟକାଇବା ସହ ସହ ପୁଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ। ତେବେ ଗୋଟିଏ ବୋଲେରୋ ବାଲିଗୋରଡ଼ ନିକଟରେ ଅଟକାଇବାରେ ଲୋକମାନେ ସଫଳ ହେବାପରେ ଜିରିଡାମାଳି ଛକ ନିକଟରେ ଅନ୍ୟ କିଛି ଲୋକ ସଂଗଠନ ଓ ପୁଲିସ ଗୋରୁଭର୍ତ୍ତି ଅନ୍ୟ ବୋଲରୋକୁ ଅଟକାଇଥିଲେ। ତେବେ ଗାଡ଼ିରେ ଥିବା ଗୋ-ମାଫିଆମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଗୋରୁଭର୍ତ୍ତି ବୋଲେରୋକୁ ସ୍ଥାନୀୟ ଲୋକ ଜବତ କରିଥିବା ବେଳେ ସେଥିରେ ଥିବା ଦଶ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଉତ୍ୟକ୍ତ ଲୋକେ ଗୋ-ଚାଲାଣରେ ବ୍ୟବହୃତ ହୋଇଥିବା ଦୁଇଟି ବୋଲେରୋକୁ ଭାଙ୍ଗି ଦେଇଥିବା ବେଳେ କାମାକ୍ଷାନଗର ଅଞ୍ଚଳ ଦେଇ ବାରମ୍ବାର ଗୋ-ଚାଲାଣ ହେଉଥିବା ବେଳେ ପ୍ରଶାସନର ଅପାରଗତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ପୁଲିସ ପହଞ୍ଚି ଉଭୟ ବୋଲେରୋକୁ ଥାନାକୁ ନେଇ ଜବତ କରିଥିବା ବେଳେ ଅଧିକ ତଦନ୍ତ ଆରମ୍ଭ କରିଛି।

# ରଜାଙ୍ଗ ଉପ୍ରାବିଦ୍ୟାଳୟରେ ଶିଳାନ୍ୟାସ



**ଗାନ୍ଧୋଲ,୨୯।୧୧/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ରଜାଙ୍ଗ ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶାନ୍ତି ବାଲମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟର ଭିତିଭୂମିର ବିକାଶ ପାଇଁ ଶୁଭ ଶିଳାନ୍ୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ସମ୍ମାନିତ ଅତିଥିଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଭୂମିପୂଜନ ସହ ଶୁଭ ଶିଳାନ୍ୟାସ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମହିମା ସ୍ୱାଇଁ, ରଜାଙ୍ଗ ଗ୍ରାମର ୱାର୍ଡସଭ୍ୟ ପ୍ରକାଶ ଘଡ଼େଇ, ସୁଶାନ୍ତ ମଲିକ, ଶିକ୍ଷାବିତ୍ ରଞ୍ଜନ ସ୍ୱାଇଁ, ବୈରାଗୀ ଚରଣ ପଣ୍ଡା, ଶୀତଳ କୁମାର ସ୍ୱାଇଁ, ଅକ୍ଷୟ କୁମାର ପଣ୍ଡା, ଗ୍ରାମର ମହିଳା ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡିକର୍ମୀ ଓ ଗ୍ରାମର ମୁରବୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ବାଲମନ୍ଦିର ଟ୍ରଷ୍ଟର ସଞ୍ଜୟ, କ୍ରିଷ୍ଣମୋହନ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ବାଲ ମନ୍ଦିର ଟ୍ରଷ୍ଟ ତରଫରୁ ଏହି ଗ୍ରାମରେ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିବା ପାଇଁ ସରକାରଙ୍କ ତରଫରୁ ୫ଏକର ଜମି ଯୋଗାଇ ଦିଆଯାଇଛି। ଏହାଛଡ଼ା ଗ୍ରାମର ଏହି ବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ ସହିତ ଚର୍ତୁପାର୍ଶ୍ୱରେ ପାଚେରୀ ଓ ବିଦ୍ୟାଳୟ ପରିସରରେ ଏକ ବଗିଚା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ।

# ନଦୀରେ ବୁଡ଼ି ଯାଉଥିବା ବ୍ୟକ୍ତି ଉଦ୍ଧାର

**ଧର୍ମଶାଳା,୨୯।୧୧/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ଉତ୍ତରପ୍ରତାପ ଗ୍ରାମର ଗୌରାଙ୍ଗ ରାଉତ(୫୫) ଶୁକ୍ରବାର ପୂର୍ବାହ୍ନ ସମୟରେ କେଲୁଅ ନଦୀରେ ଗାଧୋଇବା ପାଇଁ ଯାଇଥିବା ବେଳେ କୌଣସି କାରଣରୁ ନଦୀରେ ବୁଡି ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀ ପୁରୁଷୋତମ ନାୟକ ତାଙ୍କୁ ବଞ୍ଚାଇଛନ୍ତି। କେଲୁଅ ନଦୀ କୂଳରେ ପୁରୁଷୋତ୍ତମଙ୍କ ଦାଦାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ଚାଲୁଥିଲା। ପୁରୁଷୋତ୍ତମ ଓ ଅନ୍ୟ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ। ସେହି ସମୟରେ ଗୌରାଙ୍ଗ ନଈରେ ଗଧୋଇ ଥିଲେ। କୌଣସି କାରଣରୁ ସେ ପାଣିରେ ବୁଡିଯାଇ ଚିତ୍କାର କରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀ ପୁରୁଷୋତ୍ତମ ଏହା ଦେଖି ତତ୍‌କ୍ଷଣାତ ନଈକୁ ଡେଇଁ ପଡ଼ିଥିଲେ। ଏବଂ ତାଙ୍କୁ ଉଦ୍ଧାର କରି ନଈକୂଳକୁ ନେଇ ଆସିଥିଲେ। ଖବରପାଇ ଗାଁ ଲୋକେ ଆସି ତାଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ। ଏବଂ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ସୂଚନାମିଳିଛି। ପୁରୁଷୋତ୍ତମଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଗୌରାଙ୍ଗ ନୂଆ ଜୀବନ ପାଇଥିବାରୁ ସ୍ଥାନୀୟ ଲୋକେ ପୁରୁଷୋତ୍ତମଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।

# ଶୋଭାଗିନୀ ଦେବୀଙ୍କୁ ଓଡ଼ିଶା ରତ୍ନ ଆୱାର୍ଡ



**ତାଳଚେର,୨୯।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷୀରୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ଶରତ ମହୋତ୍ସବ ଅବସରରେ ତାଳଚେରର ଶିକ୍ଷାବିତ୍ ତଥା ସମାଜସେବୀ ଏବଂ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସୁଶ୍ରୀ ଶୋଭାଗିନୀ ଦେବୀଙ୍କୁ ଓଡିଶା ରତ୍ନ ଆୱାର୍ଡ ସମ୍ମାନରେ ସମ୍ମାନୀତ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସନ ତଥା ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅନ୍ୟତମ ଅତିଥି ଭାବେ ତ୍ରିଲୋଚନ ବରାଳ, ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଶଶଧର ପଣ୍ଡା, ଜାତୀୟ ପୁରସ୍କାର ପ୍ରାପ୍ତ ତଥା ପ୍ରତିଷ୍ଠାତା ବସନ୍ତ କୁମାର ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଭିଜିତ୍ ସିଂ ପ୍ରମୁଖ ଯୋଗଦେଇ ସୁଶ୍ରୀ ଦେବୀଙ୍କୁ ଫୁଲତୋଡା, ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ । ସୁଶ୍ରୀ ଦେବୀ ନିଜର ଜୀବନକୁ ଶିକ୍ଷା, ସାହିତ୍ୟ, ସଂସ୍କୃତି ପାଇଁ ସଂଗ୍ରାମୀ ଜୀବନ ଭାବେ ବିତାଇଛନ୍ତି ଏବଂ ମାତୃଭୂମି ପାଇଁ ସେବା ଓ ଅବଦାନ ସ୍ୱରୂପ ଉତ୍ସର୍ଗୀକୃତ କରିଛନ୍ତି । ଜୀବନକାଳ ମଧ୍ୟରେ ୩ଟି ପୁସ୍ତକ ଯଥା-ରାଜା ସୌଭାଗ୍ୟ ଚନ୍ଦ୍ର ଦେବ, ରାଜା ହୃଦୟଚନ୍ଦ୍ର ଏବଂ ବିପ୍ଳବ କାବ୍ୟ କ୍ରାନ୍ତିଦୂତ ଉଦ୍ଧବ ଇତ୍ୟାଦି ପ୍ରକାଶ କରିଛନ୍ତି । ଏହାବ୍ୟତୀତ ଓଡିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ସାହିତ୍ୟ ସମାରୋହରେ ଯୋଗଦେଇ ଉତ୍କୃଷ୍ଟ ମାନର କବିତା ଆବୃତ୍ତି କରି ପ୍ରଶଂସିତ ମଧ୍ୟ ହୋଇଛନ୍ତି । ସମାଜସେବାରେ ଛାତ୍ରୀ ଜୀବନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବିଭିନ୍ନ ସେବା କରି ଚାଲିଅଛନ୍ତି । ତାଳଚେରରେ ପ୍ରଥମ କରି ମହିଳା ମହାବିଦ୍ୟାଳୟ, ସୈନିକ ସ୍କୁଲ ସ୍ଥାପନ କରିଛନ୍ତି । ଏଥିସହିତ ଓଡିଶାର ବାଙ୍କୀ ରାଣୀ ଶୁକଦେଇଙ୍କ ନାମରେ ମହିଳା ପାଇକ ଯୋଦ୍ଧା ବାହିନୀ ଗଠନ କରି ନାରୀ ଶକ୍ତିର ପରାକାଷ୍ଠା ଦେଖାଇଛନ୍ତି । ଛାତ୍ରୀମାନଙ୍କୁ ନୀତି ଆଦର୍ଶ ଓ ଦେଶ ପ୍ରେମର ଶିକ୍ଷା ଦେବା ସହିତ ଶସକ୍ତ କରଣ କରିପାରିଛନ୍ତି । ତ୍ୟାଗ ଆଉ ସମର୍ପଣ ଭାବ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ଏଥିପାଇଁ ମଧ୍ୟ ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରଶଂସା ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି ।

# ଶିକ୍ଷକଙ୍କ ପିତୃ ବିୟୋଗ

**ତାଳଚେର,୨୯।୧୧/ଏନ୍‌ଏନ୍‌ଏସ୍:** ଶିକ୍ଷକ ତଥା ସର୍ବାଧିକ ରକ୍ତଦାତା ସାନ୍ତନୁ ସାହୁଙ୍କ ପିତା ଗିରିଧାରୀ ସାହୁ ୭୩ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଡାକ୍ତରଖାନାରେ ଆଜକୁ ୨୦ଦିନ ହେବ ଚିକିତ୍ସା ହେଉଥିଲେ। ଦୁର୍ଭାଗ୍ୟର କଥା ଗତକାଲି ବିଳମ୍ବିତ ରାତ୍ରୀରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନକୁ ଶିକ୍ଷକ, ଶିକ୍ଷୟତ୍ରୀ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ସେ ଦୀର୍ଘ ବର୍ଷ ହେବ ଟିଟିପିଏସ୍ ଏନଟିପିସିରେ ଚାକିରି କରି ଅବସରର ଗ୍ରହଣ କରିଥିଲେ। ତାଙ୍କ ଚାକିରି କାର୍ଯ୍ୟକାଳ ମଧ୍ୟରେ କର୍ମଠ, ଭଦ୍ର ଓ ଶାଳିନତା ଯୋଗୁଁ ବେଶ୍ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ସହୃଦୟବ୍ୟକ୍ତି, ପରୋପକାରୀ ଓ ଭାଗବତ, ଗୀତାରେ ରୁଚି ରଖୁଥିଲେ। ତାଙ୍କର ମରଶରୀକୁ ତାଳଚେର ଟାଉନ ମଣ୍ଡାପାଳ ସ୍ଥିତ ଶାନ୍ତିଧାମ ଶ୍ମଶାନ ଘାଟକୁ ନିଆଯାଇ ସେଠାରେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇ ତାଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା।

# ଅର୍ଦ୍ଧସମ୍ପ୍ରସାରଣ କର୍ମଚାରୀଙ୍କୁ ନେଇ କର୍ମଶାଳା

**ଆଠମଲ୍ଲିକ,୨୯।୧୧/ଏନ୍‌ଏନ୍‌ଏସ୍:** ଆଠମଲ୍ଲିକ ସହରରେ ଥିବା କୃଷି କାର୍ଯ୍ୟାଳୟ ପରିସରରେ ଅର୍ଦ୍ଧ ସମ୍ପ୍ରସାରଣ କର୍ମଚାରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ କୃଷି ବୈଜ୍ଞାନିକ ଡଃ ଦେବାଶିଷ ମିଶ୍ର, ବ୍ଲକ୍ କୃଷି ଅଧିକାରୀ ଜଗନ୍ନାଥ ବାରିକ, କିଶୋରନଗର ବ୍ଲକ କୃଷି ଅଧିକାରୀ ଦେବି ପ୍ରସାଦ ପୃଷ୍ଟି, ପୂର୍ବତନ କୃଷି ଜିଲ୍ଲା ଅଧିକାରୀ ବିମ୍ବାଧର ସାହୁ ପ୍ରମୁଖ ଯୋଗଦେଇ ଉନ୍ନତ ଜ୍ଞାନ କୌଶଳରେ ଚାଷ କଲେ କମ ଜମିରୁ ମଧ୍ୟ ଅମଳ ହୋଇଥାଏ ଓ ଧାନ ଅମଳ ପରବର୍ତ୍ତୀ ଚାଷ ପାଇଁ ସରକାର ଗୁରୁତ୍ୱ ଦେଇ ମୁଗ ବିରି ଚାଷ ପାଇଁ ପ୍ରୋତ୍ସାହନ ଯୋଗେଇ ଦେବେ ବୋଲି ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାରେ ତୀର୍ଥବାସୀ ସାମଲ, ବିଚିତ୍ରା ନନ୍ଦ ବାରିକ, ଉଷାରାଣି ପରିଡା,, ଭିଏଲ୍‌ଡବ୍ଲ୍ୟୁ ପଞ୍ଚାନନ ପ୍ରଧାନ, ପଦ୍ମିନୀ ଷଡ଼ଙ୍ଗୀ, ସୁନିଲ ମାହାଲି, ସୁନିଲ ପ୍ରଧାନ ପ୍ରମୁଖ ସମେତ ଉପଖଣ୍ଡର କୃଷି କର୍ମଚାରୀମାନେ ଯୋଗ ଦେଇଥିଲେ।

# ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନାଚକ୍ର

**ପରଜଙ୍ଗ,୨୯।୧୧/ଏନ୍‌ଏନ୍‌ଏସ୍:** ପରଜଙ୍ଗ ମହାବିଦ୍ୟାଳୟ ପରିସର ଭିତରେ ମହାବିଦ୍ୟାଳୟସ୍ତରୀୟ ଜାତୀୟ ଶିକ୍ଷା ନୀତି ୨୦-୨୦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଆଲୋଚନା ଚକ୍ରର ଅଧକ୍ଷତା କରିଥିଲେ ମହାବିଦ୍ୟାଳୟର ଅଧକ୍ଷା ସ୍ମିତାରାଣୀ ସାହୁ। ମୁଖ୍ୟ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନ ସରାଙ୍ଗର ଉତ୍ପାଦନ ଓ ଯାନ୍ତ୍ରିକ ବିଭାଗର ମୁଖ୍ୟ ଡ. ଧୀରେନ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ପ୍ରଧାନ ଓ ଗଣିତ ବିଭାଗ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ସାମିଲ ହୋଇଥିଲେ। ଅଧ୍ୟାପକ ବିଶିକେଶନ କର୍ଣ୍ଣ, ସମୀର ମୁକୁଟ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ରହି ଜାତୀୟ ଶିକ୍ଷା ନୀତି ୨୦-୨୦ ଉପରେ ଆଲୋଚନା ଚକ୍ରରେ ଭାଗ ନେଇଥିଲେ।

# ଅସହାୟା ବୃଦ୍ଧାଙ୍କୁ ଥଇଥାନ କଲେ ସ୍ୱେଚ୍ଛାସେବୀ



**ହିନ୍ଦୋଳ,୨୯।୧୧/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଛୋଟ ଏକ ପ୍ରୟାସ' ର ବିଭିନ୍ନ ସମାଜସେବା କାର୍ଯ୍ୟକ୍ରମ ପାଇଁ ଅନେକ ଅସହାୟଙ୍କ ଦୁଃଖ ଦୂର ହୋଇପାରିଛି । କେତେବେଳେ ନିଃସହାୟ ପାଇଁ ବାସଗୃହ ନିର୍ମାଣ ତ କେତେବେଳେ ଖାଦ୍ୟପନୀୟ ବ୍ୟବସ୍ଥା, କେତେବେଳେ ସ୍ୱାସ୍ଥ୍ୟ ସେବା ତ କେତେବେଳେ ରକ୍ତଦାନ ଏହିପରି ଅନେକ ସାମାଜିକ କାର୍ଯ୍ୟକ୍ରମ କରି ଗରିବ ନିଃସହାୟଙ୍କ ସୁଖ ଦୁଃଖରେ ଆସି ଛିଡା ହୋଇପଡୁଛନ୍ତି ଏହି ସଂଗଠନର ସଦସ୍ୟଗଣ। ତେବେ ଜନସାଧାରଣ ବି କରୁଛନ୍ତି ଉଚ୍ଚପ୍ରଶଂସା। ଆଜି ଜଣେ ଅସହାୟ ବୃଦ୍ଧାଙ୍କୁ ଏକ ବୃଦ୍ଧାଶ୍ରମରେ ଥଇଥାନ ବ୍ୟବସ୍ଥା କରି ତାଙ୍କ ବଞ୍ଚିବାର ରାହା ଦେଖାଇ ଏହିପରି ଏକ ମହତକାର୍ଯ୍ୟ କରିଛନ୍ତି ଏହି ସଂଗଠନ। ପ୍ରକାଶ, ହିନ୍ଦୋଳ ଏନଏସି ୱାର୍ଡନଂ ୧୨ ବନମାଳିପୁର ଗ୍ରାମରେ ଦୀର୍ଘ ବର୍ଷ ଧରି ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବରେ ଆଶ୍ରୟ ନେଇଥିବା ଅସହାୟା ବୃଦ୍ଧା ପ୍ରମିଳା ସାହୁ (୭୭)ଙ୍କ ଦୁଃଖ ଶୁଣି ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ' ପକ୍ଷରୁ ପ୍ରମିଳାଙ୍କ ସମ୍ମତିକ୍ରମେ ତାଙ୍କୁ ଅନୁଗୁଳ ସ୍ଥିତ ମାନବସେବା ଶ୍ରମ ଡଃ ଚିନ୍ମୟୀ ଦିଦିଙ୍କ ଅଧୀନରେ ରଖାଇବାର ସୁବ୍ୟବସ୍ଥା ଆଜି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ସମାଜସେବୀ ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାହୁ, ବସନ୍ତ ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ତାଳଚେର,୨୯।୧୧/ଏନ୍‌ଏନ୍‌ଏସ୍:** ମହାନଦୀ କୋଲଫିଲଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତ ବିହାର କଲୋନୀର ଡିଏଭି ପବ୍ଲିକ ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକ ଏବଂ ମଟରଯାନ ନିରିକ୍ଷକ ତପନ ବେଟି ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ଅଞ୍ଜନ ମୁଦୁଲି ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଉପସ୍ଥିତି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ପରିବହନ ଅଧିକାରୀ ସଡ଼କ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସହଦୃଷ୍ଟାନ୍ତ ଆଲୋଚନା କରି ଛାତ୍ରଛାତ୍ରୀ ଏବଂ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ଅଧିକାରୀମାନେ ପୁରସ୍କୃତ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଆୟୋଜିତ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟ ଶିକ୍ଷକ ଡଃ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଛାତ୍ରମିତ୍ର ସମ୍ମାନ ଶିକ୍ଷାବିତ୍‌ଙ୍କ ୯୬ତମ ଜୟନ୍ତୀ



**କୁଆଖିଆ,୨୯।୧୧/ଏନ୍‌ଏନ୍‌ଏସ୍:** ଛାତ୍ରମିତ୍ର ସମ୍ମାନ ପ୍ରଦାନ ସମାରୋହ ସହିତ ରସୁଲପୁର ପଞ୍ଚ ଗୋଛିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ଦୋବାଇଙ୍କର ୯୬ତମ ଜୟନ୍ତୀ ଅବସରରେ ଛାତ୍ରମିତ୍ର ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଆର୍ଥିକ ଦୁଃସ୍ଥିତି ସତ୍ତ୍ୱେ ଶିକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଯାଜପୁର ଜିଲ୍ଲାର ୧୦ଜଣ ଛାତ୍ରଛାତ୍ରୀଙ୍କୁ ନଗଦ ୨୦ହଜାର ଟଙ୍କା ସହ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଆଜି ପୂର୍ବାହ୍ନରେ ଏହି ଉପଲକ୍ଷେ ରସୁଲପୁର ବ୍ଲକ ଅନ୍ତର୍ଗତ ପାଞ୍ଚଗୋଛିଆ ଗାଁର ଦେବୀ ଜାଗୁଲାଇଙ୍କ ପୀଠରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ବିଧାନ ବିଶେଷଜ୍ଞ ତଥା ପ୍ରାଧ୍ୟାପକ ମାନସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଇଂରାଜୀ ଅଧ୍ୟାପକ ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଏବଂ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶିବ ଚରଣ ମାଝି, ଅଧ୍ୟାପକ ବିଜୟ କୁମାର ଦାଶ, ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ, ଶିକ୍ଷକନେତା ସଚ୍ଚିଦାନନ୍ଦ ରାଉତ, ଅତିଥି ଭାବରେ ଯୋଗ ଦେଇଥିଲେ। ମଞ୍ଚ ଉପବିଷ୍ଟ ଜୟନ୍ତୀ ପୁରୁଷ ଶ୍ରୀ ଦୋବାଇଙ୍କ ଜୀବନ ବୃତ୍ତାନ୍ତରୁ ସଂକ୍ଷିପ୍ତ ଉଦାହରଣ ଦେଇ ଦାରିଦ୍ର୍ୟର ତାଡ଼ନା ଭିତରୁ ଜନ୍ମ ନେଇଥିବା ତାଙ୍କ ପରି ଜଣେ ଦକ୍ଷ ଶିକ୍ଷକ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା, ସାମାଜିକ ପ୍ରଗତିର ପୁରୋଧା ତଥା ବିଚକ୍ଷଣ ସାହିତ୍ୟ ସାଧକଙ୍କୁ ଅନନ୍ୟ ଉଦାହରଣ ଭାବରେ ଗ୍ରହଣ କରାଯାଉଛି ବୋଲି ଅତିଥିମାନେ ମତ ଦେଇଥିଲେ। ଶ୍ରୀ ଦୋବାଇଙ୍କରେ ବଡ଼ ଜାମାତା ତଥା ବୈଧ ମାପ ବିଜ୍ଞାନ ବିଭାଗର ସହକାରୀ ନିୟନ୍ତ୍ରକ ପଦରୁ ଅବସର ନେଇଥିବା ଦେବେନ୍ଦ୍ର ନାଥ ପଣ୍ଡାଙ୍କ ଦ୍ୱିତୀୟ ପୁସ୍ତକ ସଙ୍କଳନ 'ଆଳିମାଳିକା'କୁ ଲୋକାର୍ପଣ କରାଯାଇଥିଲା।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ




**ରାଜନଗର,୨୯।୧୧/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ହାଟ ପଡିଆଠାରେ ବିଜେପି ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତ୍ତି ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ନେତା ବିକ୍ରମ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁଚରଣ ଦାସ ଯୋଗଦେଇ ବନ୍ଦେ ମାତରମ କେବଳ ଏକ ଜାତୀୟ ସଙ୍ଗୀତ ନୁହେଁ । ଭାରତୀୟମାନଙ୍କର ଏହା ହୃତସ୍ପନ୍ଦନ । ବଙ୍କିମ ଚନ୍ଦ୍ରଙ୍କ ଲିଖିତ ଏହି ସଙ୍ଗୀତ ଦେଶର ସ୍ୱାଧିନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲା । ଏହି ସଙ୍ଗୀତ ଗାନ କରି ସ୍ୱାଧିନତା ସଂଗ୍ରାମୀମାନେ ଫାଶୀ ଖୁଣ୍ଟରେ ଝୁଲି ପଡିଥିଲେ ବୋଲି କହିଥିଲେ । ବିଜେପି ନେତା ଲଳିତ କୁମାର ବେହେରା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କୋଣ ଅନୁକୋଣରେ ଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ନିଭାଉଛନ୍ତି। ଭାରତ ଆତ୍ମନିର୍ଭରଶୀଳ ହେଲେ ବିଶ୍ୱଗୁରୁ ଆସନରେ ଆସୀନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ବନ୍ଦେ ମାତରମର ଜିଲ୍ଲା ସଂଯୋଜକ ଶ୍ରୀଧର ପ୍ରଧାନ, ଆତ୍ମନିର୍ଭର ଭାରତର ସଂଯୋଜକ ମାନସ ରଞ୍ଜନ ଦାସ, ବିଜେପି ନେତା ସନ୍ତୋଷ ମହାନ୍ତି, ଦିଲ୍ଲୀପ ରାଉତ, ଜୋନ୍ ସଭାପତି ରାଜୀବଲୋଚନ ନାୟକ, ନିରଞ୍ଜନ ମହାନ୍ତି, ଅଶୋକ ସାହୁ, ଶଙ୍କର୍ଷଣ ସେଠୀ, ସ୍ୱାଗତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସାନବଡ ଗୋପାଳପୁର ଛକରୁ ରାଜ୍ୟ ଉପସଭାପତି ଶ୍ରୀ ଦାସଙ୍କୁ ସ୍ୱାଗତ କରିବା ସହ ଏକ ଭବ୍ୟ ମଟର ସାଇକେଲ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ବିଭିନ୍ନ ସ୍ଥାନରେ ମଧ୍ୟ ଶ୍ରୀ ଦାସଙ୍କୁ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଓ ଯୁବକମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ ଗାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

**ଚାରିଛକ,୨୯।୧୧/ଏନ୍‌ଏନ୍‌ଏସ୍:** ସରକାରୀ ଉଚ୍ଚ ବିଦ୍ୟାଳୟ ନିମାପଡା ପରିସରରେ ଗତ ଶୁକ୍ରବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଃଅତିଥି ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ମୁଖ୍ୟଃବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡି.ଆଇ.ଇ.ଟି ପୁରୀ ଚଣ୍ଡେଶ୍ୱର ମହାପାତ୍ର, ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଓସେପା ହିମାଂଶୁ ଭୁଷଣ ସମରଥ, ବିଡିଓ ଡଃ ଅଭିଜିତ ଷଡଙ୍ଗୀ, ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଅତିରିକ୍ତ ମଣ୍ଡଳଶିକ୍ଷାଧିକାରୀ ଅଭୟ କୁମାର ବେହେରା, ଏବିଇଓ ଗୀତାଞ୍ଜଳି ନାୟକ, ଏବିଇଓ ପୁଷ୍ପମିତ୍ରା ମିଶ୍ର, ସାଂସଦଙ୍କ ଏନଏସି ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ମୁଖ୍ୟବକ୍ତାଭାବେ ନିମାପଡା କଲେଜ ଅଧ୍ୟକ୍ଷା ପ୍ରଫେସର ଅମିତା ମହାନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ତହସିଲଦାର ଡଃ ମନୋଜ କୁମାର ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଜ୍ଞାନ ମେଳାରେ କୁନି କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ସ୍ଥାନ ପାଇଥିବା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ପରିଶେଷରେ ଏବିଇଓ ସୁଦର୍ଶନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




# ପଠାଣି ସାମନ୍ତ ଉପାୟନ ପ୍ରଦାନ ଉତ୍ସବ

**ନୟାଗଡ଼,୨୯।୧୧/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ 'ନୟାଗଡ଼ ଗୌରବ' ସମ୍ମାନ ପାଇବା ପାଇଁ ବୌଦ୍ଧ ଏବଂ ସଂସ୍କୃତି ଯଶସ୍ୱୀ ଗବେଷକ ପ୍ରବୀର କୁମାର ପଟ୍ଟନାୟକ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ବିଜ୍ଞାନସ୍ରଷ୍ଟା ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ 'ପଠାଣି ସାମନ୍ତ ପ୍ରତିଭା ସମ୍ମାନ', ସାରସ୍ୱତ ସାଧକ ଭାରତୀ ଭୂଷଣ ମିଶ୍ର 'ପଠାଣି ସାମନ୍ତ ସାହିତ୍ୟ ସମ୍ମାନ', ସମାଜସେବୀ ପ୍ରଫୁଲ୍ଲ କୁମାର ନାୟକ 'ପଠାଣି ସାମନ୍ତ ସେବା ସମ୍ମାନ', ପୂଜ୍ୟ ଗୁରୁଜୀ ଶ୍ରୀଧର ସାହୁ 'ପଠାଣି ସାମନ୍ତ ଶିକ୍ଷ୍ୟାଜ୍ୟୋତି ସମ୍ମାନ', ସଙ୍ଗୀତ ସାଧକ ଶିବନାରାୟଣ ପଟ୍ଟନାୟକ 'ପଠାଣି ସାମନ୍ତ ସଙ୍ଗୀତ ପ୍ରତିଭା ସମ୍ମାନ',କ୍ରୀଡ଼ାବିତ୍ ତଥା ଫୁଟବଲ ପ୍ରେମୀ ହଜରତ୍ ଅଲ୍ଲୀ ଖାଁ ' ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ', ସ୍ୱନାମଧନ୍ୟ ସଙ୍ଗଠକ ରାମେଶ୍ୱର ଶତପଥୀ ' ପଠାଣି ସାମନ୍ତ ଜନ ସଂଗଠକ ସମ୍ମାନ', କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶଙ୍କୁ 'ପଠାଣି ସାମନ୍ତ ସ୍ୱରସୁଧା ସମ୍ମାନ' ଏବଂ କବି ଡ. ନିର୍ମଳ ଚନ୍ଦ୍ର ଶୂରଦେଓଙ୍କୁ 'ଦାସିଆ ଅଜା ସାହିତ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବ। ବିଶ୍ୱ ବିଶ୍ରୁତ ଜ୍ୟୋର୍ତିବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୧ ତମ ଜନ୍ମ ସ୍ମାରକୀ ପାଳନ ଅବସରରେ ପୁରୁଣାସହର ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟସ୍ଥ ଯଦୁମଣି ମଣ୍ଡପ ଠାରେ ଚଳିତ ଡିସେମ୍ବର ମାସ ୧୩ ତାରିଖ ସନ୍ଧ୍ୟାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଭଜନ ଗାୟକ ଏବଂ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ଭଜନ ସମାରୋହର ଆୟୋଜନ କରାଯାଉଛି ବୋଲି ସଭାପତି ପ୍ରମୋଦ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଜଟଣୀ ମଣ୍ଡଳସ୍ତରୀୟ ଯୁବ ମହୋତ୍ସବ




**ଖୋର୍ଦ୍ଧା,୨୯।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବ୍ଲକ ଜଟଣୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ 'ଜଟଣୀ ମଣ୍ଡଳ ସ୍ତରୀୟ ଯୁବ ମହୋତ୍ସବ ୨୦୨୫' ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଜଟଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ବିକାଶ ଦିଗରେ ଯୁବ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ବିକଶିତ କରି ରାଷ୍ଟ୍ର ନିମିତ୍ତ ସମର୍ପିତ ହେବା ପାଇଁ ଯୁବ ସମାଜକୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସ୍ୱପ୍ନା ମଲ୍ଲିକ ଯୁବ ମହୋତ୍ସବର ତାତ୍ପର୍ଯ୍ୟକୁ ପ୍ରତିପାଦିତ କରିଥିଲେ।ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ବେହେରା ଏବଂ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ ସୁଶାନ୍ତ ବାରିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଜଟଣୀ ବ୍ଲକରେ ଅବସ୍ଥିତ ସମସ୍ତ ମହାବିଦ୍ୟାଳୟର ୧୦୦ଜଣ ଛାତ୍ରଛାତ୍ରୀ ମୋ ଭାରତ ପୋର୍ଟାଲରେ ପଞ୍ଜିକରଣ କରି ୭ଟି ବିଭାଗରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନିତ ହୋଇଥିଲେ। ପ୍ରାୟତଃ ଜଟଣୀ ମହାବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ତପସ୍ୟା ସାହୁ, କବିତା ଲିଖନ ରେ ସିଦ୍ଧାର୍ଥ ଦାସ, ଗଳ୍ପ ଲିଖନରେ ଇତିଶ୍ରୀ ଦାସ ପ୍ରଥମ ହୋଇଥିବା ବେଳେ ଦଳଗତ ପ୍ରତିଯୋଗିତା ଲୋକନୃତ୍ୟ, ଲୋକ ଗୀତ, ବିଜ୍ଞାନ ମେଳାରେ ମଧ ଜଟଣୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସନାତନ ହରିଚନ୍ଦନ ମଦନପୁର ମହାବିଦ୍ୟାଳୟ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡ଼ଃ ରଶ୍ମିତା ନାୟକ ଓ ଟୁଲୁ ଦେଇ ମଞ୍ଚ ପରିଚାଳନା କରିଥିଲେ। ଡ଼ଃ ଅନୁପ କୁମାର ମହାନ୍ତି, ଡ଼ଃ ତପନ ମିଶ୍ର, ଡ଼ଃ ପିକେ ପାଣିଗ୍ରାହୀ, ଡ଼ଃ ପୁଷ୍ପାଞ୍ଜଳି ସାମଲ, ଡ଼ଃ ଅନ୍ତର୍ଯ୍ୟାମୀ ପ୍ରଧାନ, ଅଜୟ କୁମାର ବରାଡ଼, ଉଗ୍ରସେନ ସୁନ୍ଦରାୟ, ଜିତ ରଞ୍ଜନ ମହାପାତ୍ର ପ୍ରମୁଖ ଏବଂ ଜଟଣୀ ବ୍ଲକର ସମସ୍ତ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ, ଯାହାଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିଲା। ପରିଶେଷରେ ଡ଼ଃ ସୁଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ 'ପ୍ରେରଣା'

**ନୟାଗଡ଼,୨୯।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ, ନିୟମିତ ଉପସ୍ଥିତି, ଶିକ୍ଷା ପ୍ରତି ରୁଚି ତଥା ଆତ୍ମବିଶ୍ୱାସ ବୃଦ୍ଧି,ଭବିଷ୍ୟତ ପାଇଁ ପ୍ରସ୍ତୁତି, ନକାରାତ୍ମକ ପ୍ରବୃତ୍ତି ହ୍ରାସ ଏବଂ ଭଲ ଆଚରଣ ଗଠନ ପାଇଁ ଏନଏସି ଉଚ୍ଚ ବିଦ୍ୟାଳୟ, ନୟାଗଡ଼ରେ ଅନୁଭବ ଆଧାରିତ ଶିକ୍ଷା କାର୍ଯ୍ୟକ୍ରମ 'ପ୍ରେରଣା' ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣର ପୂର୍ବତନ ସଦସ୍ୟ ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ ଯୋଗଦାନ କରି ପିଲାମାନେ କିପରି ଭଲ ମଣିଷ ହୋଇ ଭବିଷ୍ୟତରେ ନିଜର ରୁଚି ଓ ଦକ୍ଷତା ଅନୁଯାଇ କ୍ୟାରିୟର ଗଠନ କରି ପାରିବେ ତାହା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ଏବଂ ଲକ୍ଷ୍ମୀଧର ସାହୁ ପିଲାମାନଙ୍କୁ ଭବିଷ୍ୟତ ପ୍ରସ୍ତୁତି ଏବଂ ଭଲ ଆଚରଣ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, ଜ୍ୟୋତିର୍ମୟୀ ରଥ, ଭବାନୀ କୁମାରୀ ଆଚାର୍ଯ୍ୟ, ସୌଦାମିନୀ ପ୍ରଧାନ ଏବଂ ସ୍ୱାଗତିକା ଦଳେଇ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ମା' ମହାମାୟୀଙ୍କ ଷଷ୍ଠ ପ୍ରତିଷ୍ଠା ଦିବସ

**କଣ୍ଟିଲୋ,୨୯।୧୧/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷଭଳି ଚଳିତବର୍ଷ ଶନିବାର ଫକିର ଅତବୁଦ୍ଧି ପାଟଣା ଅନ୍ତର୍ଗତ ମହିମା ଅଲେଖ ଟୁଙ୍ଗୀ ସମୁଖ ମହାନଦୀ ତଟ ଦେଶରେ ପ୍ରତିଷ୍ଠିତ ମା' ମହାମାୟୀ ଠାକୁରାଣୀଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ନଦିଆ କୀର୍ତ୍ତନ, ଘଣ୍ଟଘଣ୍ଟା, କାହାଳୀ, ଶଙ୍ଖ ଓ ବିଭିନ୍ନ ଢୋଲ ବାଜା ଓ ଡିଜେ ବାଦ୍ୟଯନ୍ତ୍ରର ତାଳେତାଳେ ପାରମ୍ପରିକ ରୀତି ନୀତିରେ ଶତାଧିକ ମହିଳା ଓ ପୁରୁଷମାନଙ୍କ କଳସଯାତ୍ରା ହୋଇଥିଲା। ଏହାପରେ ନୀତି ନିୟମ ଅନୁସାରେ ବିଧିବଦ୍ଧ ଭାବେ ଅଧିବାସ, ଅଙ୍କୁରା ରୋପଣ ଓ ଯଜ୍ଞାନୁଷ୍ଠାନ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ଦମ୍ପତି ରଞ୍ଜନ କୁମାର ପରିଡ଼ା ଓ ସୁମିତ୍ରା ପରିଡ଼ା କାର୍ଯ୍ୟନିର୍ବାହ କରିଥିଲା ବେଳେ ପୁରୋହିତ ଭାବେ ପ୍ରଦୀପ କୁମାର କର ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
E-mail : rw_dharmagarh@yahoo.com
O-1633

Notice No. 3158 Date : 29.11.2025

Corrigendum to Bid Identification No. DMGH/Online-10 of 2025-26

The tender invited vide TCN : DMGH/Online-10 of 2025-26 is hereby cancelled due to unavoidable circumstances.

Yours faithfully
Sd/- Superintending Engineer
Rural Works Division, Dharmagarh
OIPR-25100/11/0035/2526



DHARANIDHAR UNIVERSITY
KEONJHAR-758001
CAD-2535
No.3576 / Date : 29.11.2025

Corrigendum to the Advertisement No. 3117 Dt.18/10/2025

The last Date of submission of application for Guest faculty recruitment is hereby extended 07th December-2025 by 05 p.m. For further detail and other information visit our University website http://dduniversity.ac.in

Sd/-
Registrar
Dharanidhar University, Keonjhar
OIPR-11126/11/0025/2526



GOVERNMENT OF ODISHA
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
B-780
INVITATIONS FOR BIDS (IFB)

No. 5599 Date : 21.11.2025

1st Corrigendum to Tender Call Notice No. SEBDH-13/2025-26 dated 15.11.2025

The following changes are made in respect of the bid identification no. BDH. 13/2025-26

1. Date & time of availability of Bid documents in the portal : From 01.12.2025, 10.00 AM to 10.12.2025, 5.00 PM
2. Last date/time for seeking of tender clarification : 10.12.2025 up to 1.00 PM
3. Last date/time for receipt of bids in the portal : up to 5.00 PM of dated 10.12.2025
4. Date & time of opening of tender / Bid : 11.12.2025 at 11.30 AM
5. Tender call notice no. may be read as 14/2025-26 in place of 13/2025-26
6. Approx. Value of works (Rs.) for Sl. No. 01, 02 & 03 in Column No. 03 may be read as 85,07,140.00, 55,81,564.00 & 43,85,107.00 respectively.

Sd/- Superintending Engineer
Boudh (R&B) Division, Boudh
OIPR-34134/11/0028/2526


# ଜମିରେ ନଡ଼ା ପାଳ ପୋଡ଼ିବା ବନ୍ଦ କରିବାକୁ ଦାବିପତ୍ର



**ନୟାଗଡ଼,୨୯।୧୧/ଏନ୍‌ଏନ୍‌ଏସ୍:** ଭାରତୀୟ ଜନ ସ୍ୱରାଜ ସଂଗଠନ ତରଫରୁ ପ୍ରଦୂଷଣ ନିୟନ୍ତ୍ରଣ ଓ ଜମିରେ ନଡ଼ା ପାଳ ପୋଡ଼ି ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଜୀବୀ ସଂସାରୀ ସାହୁ, ପ୍ରକୃତିବନ୍ଧୁ ସୁକାନ୍ତ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଏଥିରେ ସାମିଲ ଥିବାବେଳେ ଭାରତୀୟ ଜନ ସ୍ୱରାଜ ସଂଗଠନ ରାଜ୍ୟ କମିଟି ସଦସ୍ୟ ରଣଜିତ ଦଳବେହେରା ଏହାର ନେତୃତ୍ୱ ନେଇଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିଲାବେଳେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଦାବିପତ୍ର ଗ୍ରହଣ କରିଥିଲେ। ଧାନ ଅମଳ ପରେ ଜମିରେ ପାଳ ନଡା ପୋଡ଼ି ଦେଉଥିଲା ବେଳେ ଏଥିରେ ଜମିର ଉର୍ବରତା ନଷ୍ଟ ହେବା ସହ ପରିବେଶ ପ୍ରଦୂଷିତ ହୋଇଥାଏ। ଏହାକୁ ନ ପୋଡି କିପରି ବର୍ଷା ଦିନେ ଜମିରେ ପୋତି ଦିଆଯାଇ ଜୈବିକ ସାର ଭାବେ ବ୍ୟବହାର କରାଯାଇ ପାରିବ ଏଥିପ୍ରତି ଜନ ସଚେତନତା କରିବାର ଆବଶ୍ୟକତା ରହିଛି। ଏଥିପାଇଁ ବିଧାନସଭାରେ ଆଇନ ପ୍ରଣୟନ କରାଯିବା ସହ ବହୁ ଦାବି ସଂଗଠନ ଉଲ୍ଲେଖ କରିଛି।

# ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

**ପିପିଲି,୨୯।୧୧/ଏନ୍‌ଏନ୍‌ଏସ୍:** ପିପିଲି ବଜାର ସ୍ଥିତ ବୈଦିକ ଟେକ୍ନୋ ସ୍କୁଲରେ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାୟ ୮୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ବିଭାଗ ଯୋଜନା ସଂଯୋଜକ ପବନି କୁମାର ପ୍ରଧାନ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରଭାତ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଅଳକା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସୃଜନଶୀଳତା ଓ ପ୍ରତିଭାର ବିକାଶ ବିଜ୍ଞାନ ଦ୍ୱାରା ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଚାରପତି ଭାବେ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଲେଖିକା ପ୍ରତିଭା ପ୍ରିୟଦର୍ଶିନୀ, ଶିକ୍ଷକ ବିକାଶ କୁମାର ଅଗ୍ରୱାଲା, ଦ୍ୱିତିକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ପ୍ରକଳ୍ପକୁ ନିରୀକ୍ଷଣ କରି ଉତ୍ସାହିତ କରିଥିଲେ। ସେହିପରି ପିପିଲି ଜଇସପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ମଧ ବିଜ୍ଞାନମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସଂଜିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଛାତ୍ରଛାତ୍ରୀମାନେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଶିକ୍ଷକ ଚିନ୍ତାମଣି ଓଝା, ରବିନାରାୟଣ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପକୁ ନିରୀକ୍ଷଣ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପାଣ୍ଡେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ବିଜ୍ଞାନମେଳାରେ ସାମିଲ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତାପ କୁମାର ଡାଙ୍ଗୁଆ, ଟିକନ ଭଟ୍ଟ, ମୋନାଲିଶା ବିଶ୍ୱାଳଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# 'ମହାବୀର ଡ୍ୟାନ୍ସ'ର ଦ୍ୱିତୀୟ ବାର୍ଷିକ ଉତ୍ସବ

**ନୟାହାଟ,୨୯।୧୧/ଏନ୍‌ଏନ୍‌ଏସ୍:** ନୟାହାଟ ଠାରେ ଶନିବାର ସନ୍ଧ୍ୟା ୭ଟା ରେ ମହାବୀର ଡ୍ୟାନ୍ସ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁନି କୁନି ପିଲାମାନଙ୍କୁ ନେଇ ନାଚଗୀତ ତାଲିମ୍ ଦେଉଥିବା ଅନୁଷ୍ଠାନର ମୁଖ୍ୟ ପଦ୍ମଚରଣ ରାଉତଙ୍କ ଅକ୍ଲାନ୍ତ ପରିଶ୍ରମରେ ଉକ୍ତ ଅନୁଷ୍ଠାନଟି ବଞ୍ଚିରହିଛି। ନୟାହାଟ ଅଞ୍ଚଳର କୁନି କୁନି ପିଲା ମାନଙ୍କୁ ସଙ୍ଗୀତ ଓ ନାଚ ମାଧ୍ୟମରେ କିଛି ସିଖଣିୟ ଜିନିଷ ସମାଜକୁ ଆକୃଷ୍ଟ କଲାଭଳି ପୋଗ୍ରାମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ଯୋଗ ଦେଇଥିଲା ବେଳେ ନୟାହାଟ ଅଞ୍ଚଳର ଜଣାଶୁଣା ସମାଜସେବୀ ଅଭିମନ୍ୟୁ ସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ମାନସ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସରୋଜ ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବୀର ଡ୍ୟାନ୍ସ ଗ୍ରୁପ୍ ଅନୁଷ୍ଠାନକୁ ଚଳାଉଥିବା କର୍ମକର୍ତ୍ତାମାନଙ୍କୁ ସମସ୍ତେ ପ୍ରଶଂସା କରିବା ସହିତ ଏହାର ଉନ୍ନତି କାମନା କରିଥିଲେ।


AFFIDAVIT

By virtue of an affidavit sworn before Notary Public, Balliguda dated 29.11.2025, I Amosha Digal, aged about 28 years, Son of Jameswar Digal of Village-Sukungia, P.O- Parampanga, P.S-Balliguda, Dist- Kandhamal, PIN-762109, Odisha have changed the name of my minor son from "IBRAHAM DIGAL" to "HEBRON DIGAL", and henceforth he shall be known as "**HEBRON DIGAL**" for all purpose.



AFFIDAVIT

By virtue of an affidavit sworn before The Executive Magistrate, Tangi, dtd. 29.11.2025 I, Sulochana Sethi (new name) resident of village At-Dadhibabanpur, Po- Jaripada, Ps - Tangi, Dist- Khordha, Odisha, Pin-752022 declare that I have changed my name from BABI SETHY (old name) to SULOCHANA SETHI. Henceforth, I shall be known as **SULOCHANA SETHI** for all purposes.

SULOCHANA SETHI



AFFIDAVIT

By virtue of an affidavit sworn before Executive Magistrate, Barbil, Dist-Keonjhar, dtd 19.10.2024, I, Hiramani Gope, W/o-late Sambhunath Mahakud, At-contractor colony, Joda, Po- Joda Dist-Keonjhar, Odisha-758035 do hearby declare that I have change my name from Hiramani Mhakud (Old name) to Hiramani Gope (new name). Henceforth, I shall be known as **Hiramani Gope** for all purpose.

Hiramani Gope



GOVERNMENT OF ODISHA
e-Procurement Notice
E-mail : rw_boudh@yahoo.co.in
O-1590
Bid Identification No.
Online tender / 08 / S.E.R.W BOUDH/2025-26
NATIONAL COMPETITIVE BIDDING THROUGH e-Procurement

Name of the work : Road work - 1 (One) No.
1. Estimated cost : Rs.18.91 lakh (approximately)
2. Period of completion : 02 (Two) calendar months
3. Date & time of availability of bid documents in the portal : From 01.12.2025, 10.00 AM to 10.12.2025, 5.00 PM
4. Last date/time for receipt of bids in the portal : 10.12.2025 up to 5.00 PM
5. Last date/time for seeking of tender clarification : 09.12.2025 up to 5.00 PM
6. Date & time of opening of tender / bid : 11.12.2025 at 11.00 AM
7. Name & Address of the officer inviting bid : Executive Engineer, R.W Division, Boudh

Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in.

Sd/-
Executive Engineer
R.W. Division, Boudh
OIPR-25061/11/0023/2526


# ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଓଡ଼ଗାଁ,୨୯।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକକ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ଉତ୍ସବରେ ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ସମିତିସଭ୍ୟା କନକ ପାତ୍ର ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ଅଧ୍ୟକ୍ଷ ରାମେଶ୍ୱର ପଣ୍ଡା ଯୋଗଦେଇଥିଲେ। କୁରାଳ ବିରାଜିତ ଶ୍ରୀଶ୍ରୀ ଦଧିବାମନ ଜିଉଙ୍କ ମନ୍ଦିରରୁ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଶାଲଯାତ୍ରା ଆରମ୍ଭକରି ବିଦ୍ୟାଳୟରେ ପହଞ୍ଚିବାପରେ ମୁଖ୍ୟଅତିଥି ଶ୍ରୀମତୀ ପ୍ରଧାନ କ୍ରୀଡାପତାକା ଉତ୍ତୋଳନକରି କ୍ରୀଡ଼ାଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶନିବାର ଉଦଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସିମାଞ୍ଚଳ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ଘୋଷଣା କରିବା ସହିତ କ୍ରୀଡାପତାକା ଅବତରଣ କରିଥିଲେ। ବିଦ୍ୟାଳୟର କ୍ରୀଡାଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ସମସ୍ତକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ସସ୍ମିତା ପାଣିଗ୍ରାହୀ, ପୁଷ୍ପିତା ପାଣିଗ୍ରାହୀ, ବନିତା ସ୍ୱାଇଁ, କଳ୍ପନା ପାଣିଗ୍ରାହୀ, ରାଜେଶ୍ୱରୀ ପାଣିଗ୍ରାହୀ, ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ଓ ଗୋଡ଼ିପଲୀ କଳାକାହ୍ନୁ ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ଅଚ୍ୟୁତାନନ୍ଦ ବେହେରା ସହଯୋଗ କରିଥିଲେ।




GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
DRAINAGE DIVISION, JAGATSINGHPUR-754103
A-1000
***
e-procurement Notice No. SEDD-JSPUR-06/2025-26
email Id :- eeddjspur@gmail.com

| | | | |
|---|---|---|---|
| 1. | Name of Works | : | 1. Improvement to Apachi & Siali D/C of Hansua Drainage System under DIP.<br>2. Construction of Control Structure on Haladipani D/C near village Jhimani under DIP. |
| 2. | Total number of works | : | 02 (Two) nos. of Package |
| 3. | Bid Identification No. | : | 1. SEDD-JSPUR/ERS–09/2025-26<br>2. SEDD-JSPUR/ERS–10/2025-26 |
| 4. | Estimated Cost | : | 1. Rs. 81.54 Lakhs<br>2. Rs. 81.87 Lakhs |
| 5. | Period of completion | : | 10 (Ten) Calendar months |
| 6. | Availability of Tender On - Line. | : | From 01.12.2025 at 16.30 Hours to 15.12.2025 upto 17.30 Hours. |
| 7. | Date of Opening of Technical Bid. | : | 16.12.2025 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. | Class of Contractor | : | "B" Class |
| 9. | EMD required | : | As per DTCN |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/-
Superintending Engineer
Drainage Division,
Jagatsinghpur
OIPR-32378/11/0005/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION BALANGIR
E-mail ID : eerw_blgr@yahoo.co.in
O-1585

"e" Procurement Notice

IFB IDENTIFICATION NO. EEBLGR-Online-18/2025-26

1. Name of work : Building works
2. Total no of works : 2 (Two) nos
3. Approximate Estimated cost : Rs.9.23 Lakh
4. Time for completion : 2 (Two) calendar months
5. Mode of Submission of tender : Tender should be submitted online in www.tendersodisha.gov.in
6. Other details are as follow : As per TCN No. EEBLGR-Online-18/2025-26

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Bolangir | EEBLGR-Online-18/2025-26 | 29.11.2025 at 11.00 AM | 05.12.2025 upto 5.00 PM | 04.12.2025 up to 1.00 PM | 06.12.2025 at 11.00 AM |

Further details can be seen from the website www.tendersodisha.gov.in
Any Corrigendum / Addendum will be displayed in the above e-tender website only.

Sd/- Executive Engineer
R.W. Division, Bolangir
OIPR-25068/11/0047/2526

## ପ୍ରଥମ ପୃଷ୍ଠାରୁ

## ପ୍ରତି ପଞ୍ଚାୟତରେ ନିଯୁକ୍ତ ...

ପିଅନ ରଖୁଥିଲେ । ସେମାନଙ୍କୁ ପଞ୍ଚାୟତ ପାଣ୍ଠିରୁ ଦରମା ମିଳୁଥିଲା । ପରିବର୍ତ୍ତିତ ପରିସ୍ଥିତିରେ ପ୍ରତି ପଞ୍ଚାୟତରେ ପିଅନଙ୍କ ଆବଶ୍ୟକତା ରହିଥିବା ସରକାର ଅନୁଭବ କରୁଛନ୍ତି । ଫଳରେ ଏବେ ସମସ୍ତ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପିଅନଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି ।ପୂର୍ବରୁ ରହିଥିବା ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ର ଧାରା ୧୨୩ ଏବଂ ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ ୨୦୧୪ର ନିୟମ ୧୨୫କୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏହି ଧାରା ଉଚ୍ଛେଦ କରି ସରକାର ପ୍ରତି ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ପିଅନ ପଦବୀ ସୃଷ୍ଟି କରିବେ । ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ, ବିଡିଓମାନଙ୍କୁ ଅବଗତ କରାଯାଇଛି ।

## ନୂଆ ବର୍ଷରେ ଏକାଥରକେ ...

ଅଧିକ ନୂଆ ହିତାଧିକାରୀ ଯୋଡ଼ି ହୋଇଛନ୍ତି । ୧୭,୮୩,୨୫୧ ମହିଳାଙ୍କୁ ଆନୁଷ୍ଠାନିକ ଭାବରେ ଯୋଜନାରେ ଯୋଡ଼ା ଯାଇଛି । ସେହିପରି ୯,୩୬,୨୮୩ ଆବେଦନକୁ ରିଜେକ୍ଟ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ସେପଟେ ଗତକାଲି ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଅତିରିକ୍ତ ବ୍ୟୟବରାଦ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ ହୋଇଛି ।

## ୬.୯୪ ଲକ୍ଷ ମୃତକଙ୍କ କଟିଛି ...

ଏହାକୁ ନେଇ ଗୃହ ସରଗରମ ହୋଇଥିଲା । ଶନିବାର ବିରୋଧୀ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ହୋଇଥିଲା ମୁଲତବି ପ୍ରସ୍ତାବ । ଏହି ଆଲୋଚନାରେ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟମାନେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲାବେଳେ ଶାସକ ସଭ୍ୟ ସବୁ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ । ଶେଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ମୁଲତବି ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ କହିଥିଲେ ଯେ ଇ-କେୱାଇସି ବା ଅନ୍ୟ କୌଣସି ସର୍ଭେ ଆଳରେ ରାଜ୍ୟ ସରକାର ଗତ ଜୁନ ୨୦୨୪ ଠାରୁ ଅଦ୍ୟାବଧି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ଼ କାଟିନାହାନ୍ତି । ଗତ ଜୁନ ୨୦୨୪ ଠାରୁ ଅଦ୍ୟାବଧି ରାଜ୍ୟ ସରକାର ପ୍ରତ୍ୟେକ ଆବଣ୍ଟନ ମାସରେ, ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ୨୦୧୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ହାରାହାରି ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ୬୭୩ ସଦସ୍ୟଙ୍କୁ ତାଙ୍କ ମାସିକ ଖାଦ୍ୟଶସ୍ୟ କୋଟା ବଣ୍ଟନ କରିଆସୁଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାସନ କାର୍ଡ଼ ତଥ୍ୟାବଳୀର ସର୍ଭେ ଏବଂ ଅଯୋଗ୍ୟ କାର୍ଡ଼ଧାରୀଙ୍କ ଚିହ୍ନଟ ପ୍ରକ୍ରିୟାଟି ନୂଆ ନୁହଁ । ନୂଆ ସରକାର ଆସିବା ପୂର୍ବରୁ ପ୍ରାୟ ୧୦.୫୪ ଲକ୍ଷ ପରିବାରର ୩୦.୬୯ ଲକ୍ଷ ସଦସ୍ୟଙ୍କୁ ବିଭିନ୍ନ ସର୍ଭେର ଆଳ ଦେଖାଇ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ରାସନ କାର୍ଡ଼ କଟାଯାଇଥିଲା । ପୂର୍ବ ସରକାର ବର୍ଷ ବର୍ଷ ଧରି ରାସନ କାର୍ଡ଼ ପୋର୍ଟାଲ ବନ୍ଦ୍ ରଖିବାର ନିତିଗତ ନିଷ୍ପତ୍ତି ନେଇଥିଲେ, ଯାହାକୁ ଆମ ସରକାର ଦୃଢ଼ ନିନ୍ଦା କରୁଛୁ । ମନ୍ତ୍ରୀ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟଳୟଙ୍କ ତତ୍ତ୍ୱାବଧାନରେ ରାସନ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ତଥା ମୃତ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେଇ ଯୋଗ୍ୟ ଆବେଦନକାରୀଙ୍କୁ ଏହି ସ୍ଥାନରେ ସାମିଲ କରିବା ଉଦ୍ଦେଶ୍ୟରେ ଇ-କେୱାଇସି ପ୍ରକ୍ରିୟାଟି ଗତ ଜୁଲାଇ ୨୦୨୪ ଠାରୁ ଆରମ୍ଭ କରଯାଇଥିଲା । ବର୍ତ୍ତମାନ ସୁଦ୍ଧା, ୩ କୋଟି ୧୨ ଲକ୍ଷ ୪୩ ହଜାର ୨୧୯ (ପ୍ରାୟ ୯୬%) ହିତାକାରୀଙ୍କ ଇ-କେୱାଇସି ସଫଳତାର ସହ ସମ୍ପାଦନ ହୋଇସାରିଛି । ଇତିମଧ୍ୟରେ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାର ସମୟସୀମାଟିକୁ ଆସନ୍ତା ୩୧ ଡିସେମ୍ବର୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ତେଣୁ ଇ-କେୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ କାର୍ଡ଼ କାଟିବା କଥା ସଂପୂର୍ଣ୍ଣ ମିଛ । ଆଗତ ମୁଲତବୀ ପ୍ରସ୍ତାବ ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ । ପରେ ବାଚସ୍ପତି ସୁରମା ପାଢ଼ୀ ଏହାକୁ କାଟ୍ କରିଥିଲେ ।

## ପାଣ୍ଡିଆନଙ୍କ ପାଇଁ ତୁତୁ ...

ଶୁକ୍ରବାର ବିଧାନସଭାରେ ପାଣ୍ଡିଆନଙ୍କ ନାଁ ନନେଇ ଏମିତି ଢଙ୍ଗରେ ଟାର୍ଗେଟ କରିଥିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମୁଲତବି ଆଲୋଚନାରେ ଉତ୍ତର ରଖି ତତ୍କାଳୀନ ବିଜେଡି ସରକାରର ଗୁମର ଖୋଲି ବିଜେଡି ସଦସ୍ୟଙ୍କୁ ଘେରିଥିଲେ । ଆଉ ଗତକାଲି ଆଇନମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆଜି ତେଜିଛି ରାଜନୈତିକ ବୟାନବାଜି । ବିଜେଡି ଏନେଇ ଦମ୍ଭୋକ୍ତି ଦେଖାଇଥିବା ବେଳେ ବିଜେପି ଓଲଟା ମାରିଛି ପ୍ରଶ୍ନ ବାଣ । ହେଲେ କଂଗ୍ରେସ କହିଛି ଦୁଇ ଦଳ ମିଶିକି ରହିଛନ୍ତି । ଚଟୁରେ ଚଟୁରେ କୋଳାକୋଳି ହେଉଛନ୍ତି ।ପାଣ୍ଡିଆନ୍‌ଙ୍କୁ ୭୨ ଜଣିଆ ସୁରକ୍ଷା କର୍ମୀ ପ୍ରସଙ୍ଗରେ ବିଜେଡି କହିଛି ଯଦି ସାହସ ଅଛି ବିଜେପି ସରକାର ତଦନ୍ତ କରୁ । ତଦନ୍ତକାରୀ ସଂସ୍ଥା ତାଙ୍କ ପାଖରେ ଅଛି । ବିଜେପି କହିଛି ପାଣ୍ଡିଆନ୍ କିଏ ? କାହିଁକି ତାଙ୍କୁ ଏତେ ସୁରକ୍ଷା ଦିଆଯାଇଥିଲା । ତଦନ୍ତ ନିଶ୍ଚିତ ହେବ ଏବଂ କାର୍ଯ୍ୟାନୁଷ୍ଠାନ ବି ନିଆଯିବ । କଂଗ୍ରେସ କହିଛି ଉଭୟ ଦଳ ଭିତରେ ବୁଝାମଣା ଥିବାରୁ ଏହା କେବଳ ବୟାନ ବାଜି ରେ ହିଁ ସୀମିତ ରହିବ । ପାଣ୍ଡିଆନଙ୍କ ବିରୋଧରେ ତଦନ୍ତ ହେବନି କି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ଆଜି ପୁଣି ମୁଲତବି ଆଲୋଚନା ବେଳେ ପାଣ୍ଡିଆନଙ୍କ ନାଁ ଉଠିଥିଲା । ପାଣ୍ଡିଆନଙ୍କ ସମୟରେ ବିଜେଡି ବିଧାୟକମାନେ କାଗଜ ବାଘ ଥିଲେ ବୋଲି କଟାକ୍ଷ କରି କହିଥିଲେ ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ।

## ଭାରତରେ ୨୦୦ ବିମାନ ...

ଏଥିରେ ଦର୍ଶାଯାଇଛି ଯେ, ଏ୩୨୦ ବିମାନ ସଫ୍ଟୱେୟାରରେ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଏହାକୁ ସ୍ୱାଭାବିକ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ଚେଷ୍ଟା ଜାରି ରହିଛି । ତେବେ ସଫ୍ଟୱେୟାର ଅପଗ୍ରେଡେସନ୍ ପାଇଁ କିଛି ସମୟ ଲାଗିପାରେ । ଏହି ସମୟ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଧୈର୍ଯ୍ୟ ରଖିବାକୁ ହେବ । ଯାତ୍ରୀମାନେ ବିମାନ ସମ୍ବନ୍ଧୀୟ ଅପଡେଟ୍ ପାଇବା ପରେ ହିଁ ସେମାନଙ୍କର ଯାତ୍ରା ଯୋଜନା ପ୍ରସ୍ତୁତ କରନ୍ତୁ ।

ଏସବୁ ମଧ୍ୟରେ ବିଶ୍ୱର ସର୍ବବୃହତ୍ ଫ୍ରାନ୍ସ ବିମାନ ନିର୍ମାଣକାରୀ କମ୍ପାନୀ ଏୟାରବସ୍ ଦର୍ଶାଇଛି ଯେ, ଏ୩୨୦ ସିରିଜ୍ ବିମାନଗୁଡ଼ିକ ତୀବ୍ର ସୌର ବିକିରଣର ବିପଦରେ ଅଛନ୍ତି । ଏହା ଉଡ଼ାଣ ନିୟନ୍ତ୍ରଣ ତଥ୍ୟକୁ ନଷ୍ଟ କରିପାରେ, ଯାହା ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ସୃଷ୍ଟି କରିଥାଏ । କମ୍ପାନୀ ଏହି ବିମାନଗୁଡ଼ିକ ପାଇଁ ସଫ୍ଟୱେୟାର୍ ଅପଡେଟ୍ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରିଛି । ପ୍ରକାଶ, ଭାରତରେ, ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଏ୩୨୦ ସିରିଜ୍ ବିମାନଗୁଡ଼ିକ ପରିଚାଳନା କରନ୍ତି । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ମୋଟ୍ ୩୩୮ଟି ବିମାନ ମଧ୍ୟରୁ ୧୮୯ଟି ଏ୩୨୦ ସିରିଜ୍ ବିମାନରେ ସଫ୍ଟୱେର୍ ଅପଗ୍ରେଡ୍ ସମାପ୍ତ ହୋଇଛି । ୩୦ ନଭେମ୍ବର ସକାଳ ୫:୨୯ ସୁଦ୍ଧା ସମସ୍ତ ବିମାନଗୁଡ଼ିକର ସଫ୍ଟୱେୟାର ଅପ୍‌ଗ୍ରେଡେସନ୍ ସମାପ୍ତ ହେବାର ଆଶା କରାଯାଉଛି । ତେବେ ଏହି ଏୟାରବସ୍‌ଗୁଡ଼ିକ ଭାରତରେ ସର୍ବାଧିକ ବ୍ୟବହୃତ ହୋଇଥାଏ । ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଏୟାରଲାଇନ୍ସ ପାଖରେ ଏହି ମଡେଲର ପ୍ରାୟ ୫୫୦ ବିମାନ ଅଛି ।

## ଆଜି ତାମିଲନାଡୁ ଉପକୂଳ ...

୫୪ଟି ବିମାନ ଉଡାଣକୁ ବାତିଲ କରାଯାଇଛି । ଚେନ୍ନାଇକୁ ବିମାନ ବାତିଲ ହେବା ଯୋଗୁଁ ଗତ ତିନି ଦିନ ଧରି ପ୍ରାୟ ୩୦୦ ଭାରତୀୟ ଯାତ୍ରୀ କଲମ୍ବୋ ବିମାନବନ୍ଦର(ଶ୍ରୀଲଙ୍କା)ରେ ଫସି ରହିଛନ୍ତି । ସେମାନେ ସମସ୍ତେ ଦୁବାଇରୁ ଶ୍ରୀଲଙ୍କା ଦେଇ ଭାରତ ଫେରିବାର କାର୍ଯ୍ୟକ୍ରମ ଥିଲା ।

ସେହିପରି ସ୍କୁଲ କଲେଜ୍‌ଗୁଡ଼ିକୁ ପରବର୍ତ୍ତୀ ଘୋଷଣା ଯାଏ ଛୁଟି ରଖିବା ନେଇ ଘୋଷଣା କରାଯାଇଛି । ପୁଡୁଚେରୀ ୟୁନିଭରସିଟି ବିଶ୍ୱବିଦ୍ୟାଳୟ ସ୍ତରୀୟ ପରୀକ୍ଷାଗୁଡ଼ିକୁ ସ୍ଥଗିତ ରଖିଛି । ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ପୁଡୁଚେରୀ ସଂଲଗ୍ନ ସମୁଦ୍ରତଟରେ ଉଚ୍ଚ ଲହରୀ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଛି । ପୁଲିସ୍ ସମୁଦ୍ର ଉପକୂଳକୁ ସାଧାରଣ ଏବଂ ପର୍ଯ୍ୟଟକଙ୍କ ପ୍ରବେଶକୁ ନିଷେଧ କରିଛି । ଡିଟୱାହା ଦ୍ୱାରା ତାମିଲନାଡୁର ପ୍ରଭାବିତ ଆଶଙ୍କା କରାଯାଉଥିବା ପ୍ରାନ୍ତରେ ପ୍ରାୟ ୨୮ଟି ବିପର୍ଯ୍ୟୟ ପ୍ରତିକ୍ରିୟା ଦଳକୁ ନିୟୋଜିତ କରାଯାଇଛି । ତାମିଲନାଡୁ ପରି ନଭେମ୍ବର ୩୦ ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର କିଛି ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆନ୍ଧ୍ର ସରକାର ମଧ୍ୟ ନିଜ ହିସାବରେ ପ୍ରସ୍ତୁତି କରିଛନ୍ତି । ଶ୍ରୀଲଙ୍କାରେ ତାଣ୍ଡବ ରଚନା କରିବା ପରେ, ଘୂର୍ଣ୍ଣିଝଡ଼ ଡିଟୱାହା ଦ୍ରୁତ ଗତିରେ ଭାରତର ତାମିଲନାଡୁ ଅଭିମୁଖୀ ସାଜିଛି । ଏହାର ପ୍ରଭାବରେ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଏବଂ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଆରମ୍ଭ ହୋଇସାରିଛି । ଶନିବାର ରାତି ସୁଦ୍ଧା ଏହା ଆହୁରି ତୀବ୍ର ହେବାର ଆଶା କରାଯାଉଛି । ଶ୍ରୀଲଙ୍କାରେ ଡିଟୱାହା ଜନିତ ବିପର୍ଯ୍ୟୟରେ ମୋଟ୍ ୧୨୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ନିଖୋଜ ରହିଛନ୍ତି । ଏପରି ଏକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତ ପକ୍ଷରୁ ଶ୍ରୀଲଙ୍କାକୁ ସହାୟତାର ହାତ ବଢ଼ାଯାଇଛି । ଶ୍ରୀଲଙ୍କାକୁ ସହାୟତା ପାଇଁ ଭାରତ ଅପରେସନ 'ସାଗର ବନ୍ଧୁ' ଆରମ୍ଭ କରିଛି । ଅପରେସନ୍ ଅନ୍ତର୍ଗତ ଭାରତୀୟ ବାୟୁସେନାର ଏକ ଆଇଏଲ୍-୭୬ ବିମାନ କଲମ୍ବୋରେ ପହଞ୍ଚିଛି । ପ୍ରାୟ ୨୭ ଟନ୍ ରିଲିଫ୍ ସାମଗ୍ରୀ ବାୟୁ ଏବଂ ସମୁଦ୍ର ମାଧ୍ୟମରେ ପଠାଯାଇଛି, ଯେଉଁଥିରେ ୮୦ ଜଣ ଏନ୍‌ଡିଆରଏଫ୍ କର୍ମଚାରୀଙ୍କ ଦଳ ମଧ୍ୟ ସାମିଲ ଅଛି ।

# ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ



**ଖୋର୍ଦ୍ଧା,୨୯।୧୧/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟିରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କସ୍ତୁରୀବାଳା ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମୁଚିତା ମଲ୍ଲିକ ମଞ୍ଚାସୀନ ଥିବାବେଳେ ଇପିକଲ ବୃହତ୍ ବୃତ୍ତିଗତ ସେବା ସଂସ୍ଥା, ସହଯୋଗୀ ସମୀର ଦାସ, ଏସ୍‌କେ ବେହେରା, ପରିଚାଳକ ତେଜସ କୁଲକର୍ଣ୍ଣି, ପରିଚାଳିକା, ସିକିଲ ମିଶ୍ର, ଟିମ୍ ଲିଡର, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦିପା) ଜୟ ପ୍ରକାଶ ସ୍ୱାଇଁ, ଆଇ.ପି.ଇ, (ଦୀପା ) ଓମ୍ ପ୍ରକାଶ ଶତପଥୀ, ଏ ପି ଇ,(ଦୀପା) ଲୋକନାଥ ବିଶ୍ୱାଳ ଯୋଗଦେଇଥିଲେ । ବିଶୟ ବିଶେଷଜ୍ଞ ତେଜସ୍ କୁଲକର୍ଣ୍ଣୀ ଓ ସିକିଲ୍ ମିଶ୍ର ସରକାରଙ୍କ ୪୬ ଗୋଟି ବିଭାଗର ବିଭିନ୍ନ ଯୋଜନାରେ ଜନସାଧାରଣ ମାନେ ଏକକ କୌଶଳ ସିଙ୍ଗିଲ ଉଇଣ୍ଡୋ ଅନଲାଇନ୍ ମାଧ୍ୟମରେ ହିତାଧିକାରୀ ମାନେ କିପରି ଉପକୃତ ହେବେ ସେ ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ବୈଠକରେ ଯୋଗ ଦେଇଥିବା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେବାସହ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଜିଲ୍ଲା ସ୍ତରରେ ଯେଉଁ ମାନେ ବ୍ୟବସାୟ କରିବା ନିମନ୍ତେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁ ଛନ୍ତି ସେମାନଙ୍କୁ ଇପିକଲ୍, ପି ଡବ୍ଲୁ ସି ତରଫରୁ ସୁବିଧା ଓ ସହଜ, ଡି ପି ଆର ପ୍ରସ୍ତୁତ କରିବା ଏବଂ ଜନସାଧାରଣ ମାନଙ୍କୁ ବ୍ୟାପକ ସଚେତନତା କରାଇବା, ବାଣିଜ୍ୟିକ ପ୍ରତିଷ୍ଠାନ ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସାଧନ ସୁବିଧା ସମସ୍ତ ତଥ୍ୟ ବିଭାଗ ଅନୁଯାୟୀ ଗୋସ୍ୱିଫ୍ଟରେ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଜନିତ ପ୍ରତ୍ୟେକ ବିଭାଗ ହିତାଧିକାରୀ ମାନଙ୍କୁ ସଠିକ୍ ସମୟରେ ସ୍ୱଚ୍ଛତା ବଜାୟ ରଖି ଯୋଜନାର ସୁଫଳ ପାଇ ପାରିବେ ବୋଲି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଜିଲ୍ଲା ନୋଡାଲ ଅଧିକାରୀ, ସାଧାରଣ ପରିଚାଳିକା ସମୁଚିତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ରଶ୍ମିତା ଦାସ, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ସୁମତି ତ୍ରିପାଠୀ, ଅବକାରୀ ଅଧିକ୍ଷକ, ଭୁବନେଶ୍ୱର, ଦେବାଶିଷ ପଟେଲ, ଜିଲ୍ଲ ପଂଚାୟତ ଅଧିକାରୀ ଶୁଭେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଅଶୋକ କୁମାର ବେହେରା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

### ପିପିଲିରେ କଳା ପଲ୍‌ସର୍ ଆତଙ୍କ

# ବିଭିନ୍ନ ସ୍ଥାନରୁ ଛିନ୍‌ତାଇ ଅଭିଯୋଗ

**ପିପିଲି,୨୯।୧୧/ଏନ୍‌ଏନ୍‌ଏସ୍:** ପିପିଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏବେ କଳା ପଲସର ଆତଙ୍କ ଖେଳାଇଛି । ଯାହା ପିପିଲି ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ପିପିଲି କଲେଜ ଛକରେ ଏକ କଳା ପଲସରରେ ୩ଜଣ ଯୁବକ ଆସି ଏକ ସପ୍ତମ ଶ୍ରେଣୀ ଛାତ୍ରୀକୁ ଅପହରଣ ପାଇଁ ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଇଁ ଅଳ୍ପକେ ବର୍ତ୍ତି ଯାଇଥିଲେ ନାବାଳିକା ଛାତ୍ରୀ । ଏହି ଘଟଣା ପିପିଲିରେ ଚର୍ଚ୍ଚା ଥମିନଥିବା ବେଳେ ବାଇପାସ ରାସ୍ତାରେ କଳାରଙ୍ଗର ପଲ୍‌ସର୍ ଦୁଇଟି ସ୍ଥାନରୁ ଛିନ୍‌ତାଇ କରି ଆତଙ୍କ ଖେଳାଇଥିବାରୁ ପିପିଲିରେ ଏବେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି । ଦିନ ଦିପ୍ରହରରେ ବାଇପାସ ରାସ୍ତାରେ ଯାତାୟାତ ପାଇଁ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନଥିବା ଅଭିଯୋଗ କରିଛନ୍ତି । ଉତ୍ତରାଠାରୁ ପିପିଲି ଥାନା ଅଞ୍ଚଳରେ ଜାତୀୟ ରାଜପଥ ପୁଲିସ ପାଟ୍ରୋଲିଙ୍ଗ ଗାଡି ପଇଁତରା ମାରୁଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ଖାତିରି ନକରି କଳା ପଲସରରେ ଆତଙ୍କ ରାଜ ଚଳାଇଛନ୍ତି । ଏହି ଘଟଣାରେ ପୃଥକ ପୃଥକ ଅଭିଯୋଗରେ ପିପିଲି ପୋଲିସ ମାମଲା ରୁଜୁ କରିଛି । ତେବେ ଅଭିଯୁକ୍ତ ମାନଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି । ମିଳିଥିବା ସୂଚନାନୁଯାୟୀ ଶୁକ୍ରବାର ମଧ୍ୟାହ୍ନ ସମୟରେ ସତ୍ୟବାଦୀ ଥାନା ଅଞ୍ଚଳର ଗୋବିନ୍ଦ ମହାପାତ୍ର ତାଙ୍କ ଧର୍ମ ପତ୍ନୀଙ୍କୁ ବାଇକ୍‌ରେ ବସାଇ ଯାଉଥିବା ବେଳେ ପିପିଲି ବାଇପାସ ରାସ୍ତା ନୁଆଶାସନ ଛକ ନିକଟରେ କଳା ରଙ୍ଗର ପଲସର ଗାଡିରେ ଦୁଇ ଜଣ ଯୁବକ ଆସି ତାଙ୍କ ପତ୍ନୀ ଧରିଥିବା ଭ୍ୟାନଟି ବ୍ୟାଗକୁ ଛଡାଇ ନେଇ ପିପିଲି ଟୋଲ୍‌ଗେଟ ଆଡକୁ ଦ୍ରୁତଗତିରେ ପଳାଇଥିଲେ । ସେହି ଭ୍ୟାନିଟି ବ୍ୟାଗରେ ୮ହଜାର ଟଙ୍କା, ରୁପା ଚେନ୍, ରୁପା କୁତ ସହିତ ରୁପା ପାଉଁଜି ମୋବାଇଲ ଫୋନ ରହିଥିବା ନେଇ ଶ୍ରୀ ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି । ସେହିପରୀ ବଳଙ୍ଗା ଥାନା ଅଞ୍ଚଳର ମନୋଜ ସାହୁ ତାଙ୍କ ଧର୍ମପତ୍ନୀ ସହ ଏକ ସ୍କୁଟି ଗାଡିରେ ଆସୁଥିବା ବେଳେ ପିପିଲି ବାଇପାସ ରାସ୍ତାର ଓଭର ବ୍ରିଜ ପୂର୍ବରୁ ଏକ କଳା ରଙ୍ଗର ପଲସର ଗାଡିରେ ଦୁଇ ଜଣ ଯୁବକ ଆସି ତାଙ୍କ ପତ୍ନୀଙ୍କ ଭ୍ୟାନିଟି ବ୍ୟାଗଟିକୁ ଛଡାଇ ନେଇ ପଳାଇଥିଲେ । ସେହି ଭ୍ୟାନିଟି ବ୍ୟାଗରେ ଥିବା ୯୨୦୦ଟଙ୍କା ସମେତ ମୋବାଇଲ ଫୋନ୍, ଗଡ୍ରେଜ୍ ଚାବି, ଏଟିଏମ୍ କାର୍ଡ ଆଦି ରହିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପିପିଲି ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଭିଜିଲାନ୍ସ ଜାଲରେ ନିମାପଡ଼ା ଏନ୍‌ଏସି ଅମିନ



**ନିମାପଡ଼ା,୨୯।୧୧/ଏନ୍‌ଏନ୍‌ଏସ୍:** ନିମାପଡ଼ା ଏନ୍‌ଏସିରେ ପ୍ଲାନ୍ ଆପ୍ରୁଭାଲ୍ ପାଇଁ ୧୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଡ଼ିଭିଜନରେ ସାତ ଜଣିଆ ଟିମ୍ ଏନ୍‌ଏସିର ଅମିନ ବିଜୟ ଗ୍ରହାଚାର୍ଯ୍ୟଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି । ଭିଜିଲାନ୍ସ ଟିମ୍‌ର ସୂଚନା ଅନୁଯାୟୀ ଗଡ଼ତୋରିହଁ ଗ୍ରାମର ରଘୁନାଥ ଦାସ ନିମାପଡ଼ା ଭୁବନିପୁରରେ ଏକ ଜାଗା କରିଥିଲେ । ସେଠାରେ ଘର କରିବା ପାଇଁ ପ୍ଲାନ୍ ଆବେଦନ କରିଥିବା ବେଳେ ଏନ୍‌ଏସିର ଅମିନ ବିଜୟ ଗ୍ରହଚାର୍ଯ୍ୟ ବିଭିନ୍ନ କିସ୍ତିରେ ୨୦ ହଜାର ଟଙ୍କା ନେଇଥିଲେ । ବିଜୟ ଗ୍ରହାଚାର୍ଯ୍ୟ ଆହୁରି ୩୦ହଜାର ଟଙ୍କା ଦାବି କରୁଥିଲେ । ଏ ସଂପର୍କରେ ରଘୁନାଥ ଦାସ ଭୁବନେଶ୍ୱର ଭିଜିଲାନ୍ସ ଡ଼ିଭିଜନ୍‌ରେ ଅଭିଯୋଗ କରିଥିଲେ । ଶନିବାର ସଂଧ୍ୟା ସମୟରେ ଏନ୍‌ଏସି ସରକାରୀ କାର୍ଯ୍ୟାଳୟରେ ରଘୁନାଥ ଦାସ ୧୭ ହଜାର ଟଙ୍କା ବିଜୟ ଗ୍ରହାଚାର୍ଯ୍ୟଙ୍କୁ ଲାଞ୍ଚ ଦେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ବିଜୟ ଗ୍ରହାଚାର୍ଯ୍ୟଙ୍କୁ ମାଡ଼ି ବସିଥିଲା । ବିଜୟ ଗ୍ରହାଚାର୍ଯ୍ୟ ଅମିନ ପୋଷ୍ଟରେ ଥିଲେ ମଧ୍ୟ ନିଜକୁ ପରିମଳ ଅଧିକାରୀ ବୋଲାଇ ଦୀର୍ଘଦିନ ହେବ ଅପରାଧିକ ସାମ୍ରାଜ୍ୟ ବିସ୍ତାର କରିଚାଲିଥିଲେ ।

# ୪୦ବର୍ଷ ହେଲା ପୂଜା ପାଉଛନ୍ତି ମାଟିରେ ନିର୍ମିତ ପ୍ରଭୁ ଶ୍ରୀଜଗନ୍ନାଥ



**ଭୁଷଣ୍ଡପୁର,୨୯।୧୧/ଏନ୍‌ଏନ୍‌ଏସ୍:** ଯୁଗ ଯୁଗ ଧରି କାଠ ବା ଦାରୁରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଚାରିଆଡ଼େ ପୂଜା ପାଇ ଆସୁଛନ୍ତି । ତେବେ ନିଆରା ପରମ୍ପରାରେ ଟାଙ୍ଗୀ ବ୍ଲକ ଅଧିନସ୍ଥ ସାନକୁସୁମୀ(ଅହିଅରା) ଗ୍ରାମରେ ଦୀର୍ଘ ୪୦ବର୍ଷ ହେଲା କୁମ୍ଭକାରମାନଙ୍କ ଦ୍ୱାର ମାଟିରେ ନିର୍ମିତ ସୁଉଚ୍ଚ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପାଞ୍ଚଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ପରେ ପାଣିରେ ବିସର୍ଜନ କରାଯାଉଥିବା ଜଣାପଡ଼ିଛି । କୁରାଳ ପଞ୍ଚମୀ ତଥା ଓଢଣା ଷଷ୍ଠୀ ଉତ୍ସବ ଅବସରରେ ଏହି ଗ୍ରାମବାସୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସହ ରାମନାଟକ ପରିବେଷଣ କରିବା ଏକ ପରମ୍ପରା । ଗତକାଲି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡଃ ଭାରତ ଭୂଷଣ ଜଗଦେବ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥାମୃତ ପ୍ରଚାର ପ୍ରସାର କରିଥିବା ବେଳେ ନିଜ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଲିଖିତ ଭକ୍ତି ରସାତ୍ମକ ପୁସ୍ତିକା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତ୍ରିନାଥ ମୁଦୁଲି, ନୀଳମଣି ମୁଦୁଲି, ଦିବାକର ମୁଦୁଲି, ମଦନମୋହନ ମୁଦୁଲି, ଦିଲ୍ଲୀପ ମୁଦୁଲି ପ୍ରମୁଖ ଗ୍ରାମବାସୀ ସହାୟତାରେ ଏହି ପୂଜା କରାଯାଇଥିବା ଜଣାପଡିଛି ।

### ମାଓବାଦୀଙ୍କୁ ବିଏସ୍‌ଏଫ୍ ଆଇଜିଙ୍କ କଡ଼ା ଚେତାବନୀ

# ଆତ୍ମସମର୍ପଣ ନକଲେ ଏନ୍‌କାଉଣ୍ଟର



**ଭୁବନେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:** ଆତ୍ମସମର୍ପଣ କଲେ ସହଯୋଗ ମିଳିବ, ମୁଖ୍ୟସ୍ରୋତରେ ଫେରିପାରିବେ । ଆତ୍ମସମର୍ପଣ କର ନଚେତ୍ ଏନ୍‌କାଉଣ୍ଟର ହେବ । ମାଓବାଦୀଙ୍କୁ ଏଭଳି କଡ଼ା ଚେତାବନୀ ଦେଇଛନ୍ତି ବିଏସ୍‌ଏଫ୍ ଆଇଜି ଶିବ୍ ଆଧାର ଶ୍ରୀବାସ୍ତବ । ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏଭଳି ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ପୁଲିସର ମାଓ ଅପରେସନ ବହୁତ ଭଲ ଭାବରେ ହେଉଛି । କେକେବିଏନ୍ ରିଜନ ବା ବିଛିନ୍ନାଞ୍ଚଳ ଉପରେ ବିଏସ୍‌ଏଫ୍ ବିଶେଷ ନଜର ରହିଛି । ବର୍ତ୍ତମାନ ଓଡ଼ିଶାରେ ମାଓବାଦୀ ଛୋଟ ଛୋଟ ଗ୍ରୁପରେ ବିଚରଣ କରୁଛନ୍ତି । ହିଡ଼ମା ଭଳି ପ୍ରତିଟି ମାଓ ଲିଡର ଉପରେ ନଜର ରହିଛି । ବିଶେଷ କରି କନ୍ଧମାଳ, ବୌଦ୍ଧ, ମାଲକାନଗିରି, କଳାହାଣ୍ଡିରେ ବିଏସ୍‌ଏଫ୍ ଅଧିକାରୀ ମାନେ ନିୟୋଜିତ ଅଛନ୍ତି । ନକ୍ସଲଙ୍କୁ ନିପାତ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟ କରୁଥିବା ବେଳେ ଦିନକୁ ଦିନ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ମାଓବାଦୀଙ୍କୁ ସାମ୍ନା କରୁଛି । ଆଉ ଓଡ଼ିଶା ପୋଲିସ ସହ ଅନ୍ୟ କେନ୍ଦ୍ରୀୟ ଓ ରାଜ୍ୟ ଅପେରସନ ଟିମ ସହ ମିଶି ୨୦୧୦ରୁ ଓଡ଼ିଶାରେ ବିଏସଏଫ କାର୍ଯ୍ୟ କରିଆସୁଛି । ବିଚ୍ଛିନ୍ନାଞ୍ଚଳରେ ବିଏସ୍‌ଏଫ୍ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହ ଗୋଟିଏ ଗୁଳି ଗୋଟିଏ ନକ୍ସଲ ପାଇଁ ରଖି 'ଜୀବନ ପର୍ଯ୍ୟନ୍ତ କର୍ତ୍ତବ୍ୟର ଲକ୍ଷ୍ୟ' ନେଇ ରାଜ୍ୟରେ ଶାନ୍ତି ସୁରକ୍ଷା ଓ ସମୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ବେଳେ ୨୦୨୬ ସୁଦ୍ଧା ଓଡ଼ିଶାରେ ବି ମାଓ ନିପାତ ହେବେ ବୋଲି ସେ କହିଛନ୍ତି । ତେବେ ରାଜ୍ୟ ପୁଲିସ ଓ ବିଏସଏଫ ବିଭିନ୍ନ ଆଣ୍ଟି ନକ୍ସଲ ଅପେରସନ କରିଥିବା ବେଳେ ଚଳିତ ବର୍ଷ ମିଳିତ ଅପରେସନରେ ୧୯ଜଣ ମାଓବାଦୀ ନିହତ ହୋଇଥିବାବେଳେ ୬ଜଣ ଆତ୍ମସମର୍ପଣ କରିଛନ୍ତି । ୮ଜଣ ଗିରଫ ହୋଇଥିବାବେଳେ ୧୦ଟି ଆଇଡି, ୮ଟି ବନ୍ଧୁକ ,୧୪୮ଟି ଗୁଳି ୨୬୦ ଗ୍ରାମ ବିସ୍ଫୋରକ ,୬୪ଟି ଡିଟୋନେଟର ଜବତ ହୋଇଛି । ୨୦୧୦ରୁ ଏଯାବତ ୧୪ ଜଣ ବିଏସଏଫ ଯବାନ ରାଜ୍ୟର ମାଓ ଅପେରସନ ମିଶନରେ ଶହୀଦ ହୋଇଛି ବୋଲି ବିଏସଏଫ ଆଜି କହିଛନ୍ତି ।

# ରୋଡ୍ ରୋମିଓ, ବେପରୱା ବାଇକ୍ ଚାଳନା ବିରୋଧରେ ପୁରୀ ପୁଲିସର ଅଭିଯାନ

**ପୁରୀ,୨୯।୧୧/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାରେ ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା/ ଅନାଚାରମୁକ୍ତ କରିବା ପାଇଁ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଥାନା ଅଧିକାରୀଙ୍କ ଦ୍ୱାରା ଆଜି ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ୍ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଛାପାମାରି ଅଭିଯାନ ପ୍ରଚଳିତ କରାଯାଇଥିଲା । ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସ୍‌ମେଣ୍ଟ, ରୋଡ୍ ରୋମିଓ ଆଚରଣ ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ପୁଲିସର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସ୍କୁଲ୍, କଲେଜ୍ ସମ୍ମୁଖରେ ଅନାବଶ୍ୟକ ଭିଡ଼ ଏବଂ ଯୁବକମାନଙ୍କ ଗ୍ରୁପିଂ ଉପରେ ନିୟନ୍ତ୍ରଣ କରାଯାଇଥିଲା । ହେଲମେଟ୍ ବିନା, ଟ୍ରିପଲ୍ ରାଇଡିଂ, ଓଭର ସ୍ପିଡ୍ ଓ ଷ୍ଟଣ୍ଟ ଭଳି ଅସୁରକ୍ଷିତ ବାଇକ୍ ଚାଳନାକୁ ଦମନ ପାଇଁ ପୁଲିସ ଡିଉଟି ଦିଆଯାଇଥିଲା । ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ଭୟମୁକ୍ତ ପରିବେଶ ସୃଷ୍ଟି କରାଯାଇଥିଲା । ପୁରୀ ସହର ସହିତ ଜିଲ୍ଲାର ଏକାଧିକ ସ୍କୁଲ୍, କଲେଜ୍ ଓ କୋଚିଙ୍ଗ୍ ଅଞ୍ଚଳରେ ପୁଲିସ ଦଳ ଦ୍ୱାରା ପ୍ଲେନ୍‌କଲୋଥ୍ ଟିମ୍ ଦ୍ୱାରା ନିରୀକ୍ଷଣ କରାଯାଇଥିଲା, ପି.ସି.ଆର୍ ଓ ମୋଟର ସାଇକେଲ୍ ପ୍ୟାଟ୍ରୋଲିଂ ଦ୍ୱାରା ସିଧାସଳଖ ଛାପାମାରି କରାଯାଇଥିଲା । ଏନେଇ ପୁରୀ ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ସ୍କୁଲ୍ ଓ କଲେଜ୍ ପରିସର ସବୁଥିରୁ ସୁରକ୍ଷିତ ହେବା ଆବଶ୍ୟକ । ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନଯୋଗ୍ୟତା ନୀତିରେ ଦେଖାଯିବ । ପୁରୀ ପୁଲିସ ଏହା ପାଇଁ ନିରନ୍ତର ଅଭିଯାନ ଚଲାଇବ ବୋଲି ସେ କହିଥିଲେ । ଅନୁଚିତ ଆଚରଣ ଦେଖିଲେ ପୁଲିସକୁ ସଙ୍ଗେ ସଙ୍ଗେ ୧୧୨ ରେ କଲ୍ କରି ଜଣାନ୍ତୁ ବୋଲି ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

# ଲୋକନାଥଦେବ କ୍ରିକେଟ୍: ଆଇଆର୍‌ବି ଓ ଯାଆଁଳା ଚାମ୍ପିଅନ୍



**ଖୋର୍ଦ୍ଧା,୨୯।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇ ଆର ବି ଦଳ ପଳାଶପୁର ଦଳକୁ ୫ ୱିକେଟରେ ପରାସ୍ତ କରିଛି । ପଳାଶପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଆଇ ଆର ବି ଦଳ ୧୪ ଓଭରରେ ଆବଶ୍ୟକ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ଦଳ ପକ୍ଷରୁ ହେମନ୍ତ ପ୍ରଧାନ ଧୂଆଁଧାର ୩୧ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ (ମିନି ନନ୍ ଆଧାର) ଟସରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସତ୍ୟ ସୁନ୍ଦର ପଟ୍ଟନାୟକ ୩୯ ରନ୍ ସଂଗ୍ରହ କରିଥିଲେ । ଜବାବରେ ମୁକୁନ୍ଦ ପ୍ରସାଦ ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା ଯାଆଁଳା ଦଳ ଏହି ମ୍ୟାଚକୁ ୪୮ ରନରେ ଜିତି ନେଇ ଚମ୍ପିୟାନ ହେଇଥିଲା । (ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୁଶିଲ ପ୍ରଧାନ, ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଧାନ ପୁରସ୍କୃତ ହୋଇଥିଲେ । ସେହିପରି( ମିନି ନନ ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ । ଆଜିର ସଭାରେ ମୁଖ୍ୟଅତିଥି ଭାବରେ ଜଟଣୀ ନିର୍ବାଚନମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ସଭାପତି (ବିଜେପି) ବିଶ୍ୱରଞ୍ଜନ ବଡ଼ଜେନା, ଟାଙ୍ଗିଆ ପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇସିଂ ଷ୍ଟାର କ୍ଲବର ସଭାପତି ସଞ୍ଜୟ ପାଇକରାୟ, ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତସିଂହାର, ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ଆଜିର ଖେଳକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ସୋଭକର ପାତ୍ର । ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ । ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ, ପାର୍ଥ ସାରଥୀ ରାଉତରାୟ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ । କାଜଲ ବଳିୟାର ସିଂ ରେଫରୀ ଦାୟିତ୍ୱ ତୁଲାଇଥିଲେ ।

## କାହାର ମୁଁ ସ୍ତ୍ରୀ



ମୂଳ ହିନ୍ଦୀ: ସବିତା ସିଂ
ଅନୁବାଦ: ଇପ୍ସିତା ଷଡ଼ଙ୍ଗୀ

'କାହାର ମୁଁ ସ୍ତ୍ରୀ, ମୋ ଭଗବାନ କିଏ,
ମୁଁ କାହାର ପାଦ ମାଲିସ୍ କରେ,
କାହାର ଖାଦ୍ୟ ଖାଏ, କାହାର ମାଡ ସହେ... '
ଏମିତି ଅନେକ ପ୍ରଶ୍ନ ଥିଲା
ମୋ ସହିତ ଟ୍ରେନରେ ଯାତ୍ରା କରୁଥିବା ମହିଳାଙ୍କର
ଯିଏ ମୋ ସାମ୍ନା ସିଟ୍‌ରେ ବସିଥିଲେ।

ପ୍ରାୟ ସତୁରି କି ପଞ୍ଚସ୍ତରି ବର୍ଷ ବୟସ ହେବ ତାଙ୍କୁ ,
ଆଖି ତାଙ୍କ କୋରଡରେ ପଶି ଯାଇଥିଲା।

ଦେହରୁ ମାଂସ ଝୁଲି ପଡ଼ିଥିଲା,
ଚେହେରାରେ ଥିଲା ଦୁଃଖର ଉପତ୍ୟକା,
ଏବଂ ଭର୍ତ୍ସନାର ଖାଇରେ ବୁଡିରହିଥିଲେ ସେ ଯେମିତି ।

ବହୁତ ଚିନ୍ତା କରିବା ପରେ କହିଲି ତାଙ୍କୁ-
'ମୁଁ କାହାର ସ୍ତ୍ରୀ ନୁହେଁ
ମୁଁ ମୋ ନିଜର ସ୍ତ୍ରୀ ହିଁ। ନିଜର ହିଁ ଖାଦ୍ୟ ଖାଏ।
ଯେତେବେଳେ ଇଚ୍ଛା ସେତେବେଳେ ଖାଏ ।
କାହାର ମାଡ଼ ସହେନି ମୁଁ,
ଏବଂ ମୋର କେହି ପରମେଶ୍ୱର ନାହାନ୍ତି।'

ଏକ ଅସହଜ ନୀରବତା ତାଙ୍କ ଆଖିରେ ଭରିଗଲା-
ଆହା ! ଏହି ମହିଳା ତାଙ୍କ ଜୀବନ କିପରି ବିତାଇବେ ?

ସବୁକିଛି ବୁଝି ଗଲାପରେ
ସଂଶୟରେ ପଡ଼ି ଗଲେ ସେ ଯେମିତି।

ମୁଁ ତାଙ୍କ ଆଖିରେ
ମୋ ଏକେଲାପଣର ଗର୍ବ ଭରିବାକୁ ଚେଷ୍ଟା କଲି,
ଟିକିଏ ହସି ପୁଣି କହିଲି,
'ମୋ ଜୀବନ ତୁମର ହିଁ ଜୀବନ, ମୋର ଯାତ୍ରା ତୁମରି ଯାତ୍ରା,
କିନ୍ତୁ ଏମିତି କିଛି ଘଟିଛି, ଯାହା ତୁମେ ଜାଣ ନାହିଁ।'

ଆମେ ସମସ୍ତେ ଏବେ ଜାଣିଲୁଣି ଯେ
କେହି କାହାର ନୁହଁନ୍ତି,
ସମସ୍ତେ ନିଜେ ନିଜର
ନିଜର ଅଧିକାର ଓ ଅସ୍ତିତ୍ୱକୁ
ଜାହିର କରିବାକୁ ସମସ୍ତେ ବ୍ୟଗ୍ର।

ଯାତ୍ରା କିନ୍ତୁ ଏଇଠି ଶେଷ ହୋଇନାହିଁ,
ଆହୁରି ଅନେକ ଭର୍ତ୍ସନାର ଗର୍ତ୍ତ ପାର କରିବାକୁ ଅଛି,
ଆଉ ଗୋଟିଏ କିମ୍ବା ଦୁଇଟି ଦୁଃଖର ସମୁଦ୍ର,
ଆଉ ଦୁଇ କିମ୍ବା ଚାରିଟି ଯାତନାର ମାଳଭୂମି,

ଶେଷରେ ଯେତେବେଳେ ସେହି ମହିଳା ଆସିବେ,
ତାଙ୍କୁ ଦେଖି ତୁମେ ଆହୁରି ଆଶ୍ଚର୍ଯ୍ୟ ହେବ,
ଭୟଭୀତ ବି ଏବଂ କାନ୍ଦିବ ହୁଏତ
ପୁଣି ଥରେ ତାଙ୍କ ଜୀବନ ବିଷୟରେ ଆଶଙ୍କା କରି।

'କେମିତି ବିତିବ ଏ ସ୍ତ୍ରୀ ଲୋକଟିର ଜୀବନ !'-
ତୁମେ କହିବ ପୁଣି।
କିନ୍ତୁ ସେ ହସିବ ମୋରି ପରି
ଆଉ କହିବ - 'ଉନ୍ମୁକ୍ତ ମୁଁ ଦେଖ,
ଦେଖ ଏ ଆକାଶ, ଏ ସମୁଦ୍ର ଆଉ ତା'ର ଲହଡ଼ି,
ଦେଖ ଏ ପବନ ଆଉ ଏଥିରେ ଉପସ୍ଥିତ ପ୍ରକୃତିର ବାସ୍ନା,
ସବୁ ମୋର।
ଏବଂ ମୁଁ ମୋର ପୂର୍ବଜଙ୍କ ସବୁ ଅଭିଶାପ
ଏବଂ ଅଭିଳାଷ ଠାରୁ ସମ୍ପୂର୍ଣ୍ଣ ଦୂରରେ,
ପୂର୍ଣ୍ଣତଃ ମୋର।'

**-ଅଧ୍ୟାପିକା, ଇଂରାଜୀ ବିଭାଗ**
**ଭୁବନେଶ୍ୱର, ମୋ- ୯୯୩୮୩୭୦୨୮୯**



## ପିକନିକ ବକ୍ସ



ସୁଚରିତା ବେହେରା

ରାସ୍ତା ଉପରୁ ଗୋଲାକୃତିର କାଚ ବାକ୍ସ ପରି ଦିଶୁଥିବା ବିଲଡିଂ ଭିତରକୁ ତରବର ହୋଇ ପଶିଗଲା ସେ। ତାକୁ ଦେଖିବା ମାତ୍ରେ କାଉଣ୍ଟର ଉପରୁ ନଜର ଉଠେଇ ସାମାନ୍ୟ ବିରକ୍ତି ଭାବ ସହ ବିକାଶ କହିଲା, 'କାଲି କୁଆଡେ ଯାଇଥିଲୁ ? ବିକାଶର ହଠାତ ଏପରି ଅପ୍ରତ୍ୟାଶିତ ପ୍ରଶ୍ନରେ ସେ ଆଶ୍ଚର୍ଯ୍ୟ ହୋଇ ତଳକୁ ମୁହଁପୋତି ନିଜ ବେଣୀ ଉପରେ ହାତ ରଖି ଭୁଇଁରେ ଗାର ଟାଣିଲା। ସେତେବେଳେ ସେ ଖୁବ ନିରୀହ ଲାଗୁଥିଲା। ଅପାତତଃ ବିକାଶ ପଚାରିଥିବା ପ୍ରଶ୍ନର ଉତ୍ତର ଖୋଜୁଥିଲା ସେ।

'ଦେଖ ଗୌରୀ, ଏମିତି ଛୁଟି ନେଲେ ତୋ ଚାକିରୀ ଚାଲିଯାଇପାରେ। ବିକାଶ କଥା ଶୁଣି ଗୌରୀ ଶଙ୍କି ଯାଇ କିଛି ସମୟ ଚୁପ ହେଇଗଲା। ତା'ପରେ ମନେ ପକେଇ ସଫେଇ ଦେବା ଉଦ୍ଦେଶ୍ୟରେ କହିଲା, 'କିନ୍ତୁ ମୁଁ ତ କହିକି ଯାଇଥିଲି।

'କହିକି ଗଲେ ବି ବାରମ୍ବାର ଛୁଟି ନେଲେ ତତେ ଚାକିରୀ ରୁ ବାହାର କରିଦେଇପାରନ୍ତି। ସେତେବେଳେ ମତେ କହିବୁନି। ବିକାଶ ସତର୍କ କରିଦେଇ ତା କାମରେ ଲାଗିଲା। ଆଜି ପିକ୍‌ନିକ୍ ବକ୍ସ ରେ ଜନ୍ମଦିନ ଆୟୋଜନ ଚାଲିଛି। ସବୁଦିନ ହୁଏ, କିଛି ନୂଆ ବିଷୟ ନୁହେଁ। ସାଜସଜ୍ଜା ସରିଯାଇଛି। କେବଳ ଅନ୍ତିମ ପର୍ଯ୍ୟାୟରେ ଯଦି କିଛି ବାକି ରହିଯାଇଥିବ, ଦେଖିବାକୁ ପଡିବ। ଆୟୋଜକ ଏବଂ ଅତିଥି ଆସିବା ସମୟ ହୋଇଗଲାଣି। ଗୌରୀର କିନ୍ତୁ ସେଥିପ୍ରତି ଭ୍ରୁକ୍ଷେପ ନାହିଁ। ନୂଆ ନୂଆ ତାକୁ ଏ ବର୍ଣ୍ଣାଢ୍ୟ ପରିବେଶ ଆକୃଷ୍ଟ କରୁଥିଲା। ଗୋଟି ଗୋଟି କରି ପ୍ରତ୍ୟେକ ଜିନିଷକୁ ମନଭରି ଦେଖୁଥିଲା ସେ। ଏବେ କିନ୍ତୁ ବିକାଶର କଥା ଗୁଡିକ ବାରମ୍ବାର ତାକୁ ଅନ୍ୟମନସ୍କ କରିବାକୁ ବାଧ୍ୟ କରୁଥିଲା। ତାକୁ ସେସବୁ ଅଯୌକ୍ତିକ ଲାଗିଲା। ଛୁଟି ନେବା କଥା ଜଣେଇବା ସତ୍ତ୍ୱେ ତା' ଚାକିରୀ ଯିବା ସମ୍ଭାବନାକୁ ସେ ସହଜରେ ଗ୍ରହଣ କରିପାରୁ ନଥିଲା। ମୁହଁ ଶୁଖେଇ ଗେମ୍ ଜୋନର ପ୍ରତ୍ୟେକ ବ୍ୟବସ୍ଥା ଉପରେ ଆଖିବୁଲେଇ ଆଣିଲା। ପିଲାମାନେ ଆସିଲେ ତାଙ୍କୁ ଦେଖିବା ଦାୟିତ୍ୱ ତା'ର। ସେତେବେଳେ ସେ ନିଜକୁ ବଡ ବୋଲି ଭାବିନିଏ ଯଦିଓ ତା' ବୟସ ଏତେ ବେଶୀ ନୁହେଁ।

ଗେମ୍ ଜୋନକୁ ଲାଗି ରେଷ୍ଟୁରାଣ୍ଟ। ଖାଇବା ସହିତ କେକ୍ କଟିଙ୍ଗର ବ୍ୟବସ୍ଥା ସେଠି ହୋଇଛି। ଏସବୁ ସହିତ ଅଭ୍ୟସ୍ତ ଏବେ ଗୌରୀ। ପ୍ରତ୍ୟେକ ଦିନର ଗତାନୁଗତିକତା ଭିତରେ ଆଉ ଆକର୍ଷଣୀୟ ଲାଗେନି କିଛି। ବରଂ ସେ ରୁନ୍ଧି ହେଇଯାଏ ତୀବ୍ର ସଂଗୀତ ଓ ଅଯଥା କୋଳାହଳ ଭିତରେ।

'କଣ ଭାବୁଛୁ, କାମରେ ମନ ଦେ। ନିଜେ ବ୍ୟସ୍ତ ରହି ସୁଦ୍ଧା ବିକାଶ ଗୌରୀକୁ ତା' ଦାୟିତ୍ୱ ବିଷୟରେ ମନେ ପକେଇଦେଲା।' ତୁ କହ, ସାଙ୍ଗ ମାନଙ୍କ ସହିତ ମେଳା ବୁଲି ଯିବାରେ ଅସୁବିଧା କଣ ?

'ଅସୁବିଧା ନାହିଁ, କିନ୍ତୁ ଏଠି କାମ ଛାଡି ଗଲେ ଅସୁବିଧା। ତୋ ପାଇଁ ମତେ କଥା ଶୁଣିବାକୁ ପଡୁଛି। ତୋ ଘରର ପରିସ୍ଥିତି ତୁ ଜାଣିଛୁ। ଯଦି ତୋ ଚାକିରୀ ଯାଏ ମୁଁ ତୋ ବୋଉକୁ ସିଧା ମନା କରିଦେବି ଆଉ କେଉଁଠି ତତେ ରଖିପାରିବିନି ବୋଲି।'

ପ୍ଲିଜ୍, ବୋଉକୁ କହିବୁନି।

ଆଚ୍ଛା, ତା'ହେଲେ ତୋ ବୋଉ ଅଜାଣତରେ ତୁ ଯାଇଥିଲୁ ?

'ବୋଉକୁ କହିଥିଲେ ସେ କଣ ଯିବାକୁ ଦେଇଥାନ୍ତା ?

ବିକାଶ ଏଥର ଖାଲି ବଡ ବଡ ଆଖିରେ ତାକୁ ଚାହିଁଲା। କିଛି ଜବାବ ନଦେଇ ସେ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ହଳଦିଆ ରିଷ୍ଟ ବ୍ୟାଣ୍ଡ ଗୁଡିକୁ ସଜାଡି ରଖିଲା। ଡାଏରୀରେ ନାମ ତାଲିକାକୁ ଆଉ ଥରେ ଚେକ୍ କଲା। ମୋର କଣ ମନ ବୋଲି କିଛି ନାହିଁ, ମୁହଁ ଶୁଖେଇ ତାକୁ ବୁଝେଇବା ପାଇଁ ଚେଷ୍ଟା କଲା ଗୌରୀ। କୋଳାହଳ ଭିତରେ ବିକାଶ ତା' କଥା ସ୍ପଷ୍ଟ ଶୁଣିପାରିଲାକି ନାହିଁ କେଜାଣି !

ସଂନ୍ଧ୍ୟା ନଇଁ ଆସିଲା ପରେ ଧୀରେ ଧୀରେ ଅତିଥି ଆସିବା ଆରମ୍ଭ କଲେ। ପିକ୍‌ନିକ୍ ବକ୍ସ ଉତ୍ସବ ମୁଖରିତ ହୋଇଉଠିଲା। ଖିଆପିଆ, ଖେଳ ଭିତରେ ଉଭୟ ଗୌରୀ ଓ ବିକାଶ ନିଜ ନିଜ ଦାୟିତ୍ୱରେ ବ୍ୟସ୍ତ ହୋଇଗଲେ। ଅନେକ ରାତିରେ ସେମାନେ ଘରକୁ ଫେରିବା ପର୍ଯ୍ୟନ୍ତ ତାଙ୍କ ପ୍ରଶ୍ନ ଓ ଉତ୍ତର ସେମିତି ଅସମାହିତ ରହିଗଲା ବୋଧେ।

**ଜସ୍ମିନ ଗ୍ରୋଭ, ଗାଜିଆବାଦ**
**ମୋ- ୭୯୭୬୪୯୮୨୩୪**



## ବୁଡ



ଦେବାଶିଷ ଚକ୍ରବର୍ତ୍ତୀ

କୁମ୍ଭ ପଡେ ଥରେ ବାରବର୍ଷରେ
ଆଉ ମହାକୁମ୍ଭ ତା'ର ବାରଗୁଣରେ
ସେଇଥିପାଇଁ କି' ଚଞ୍ଚଳପଣ
ପୁଣ୍ୟ ସାଉଁଟିବାକୁ ବୁଡ଼ ଦେଇ
ତ୍ରିବେଣୀ କି ପଞ୍ଚତୀର୍ଥରେ ?

ହେଲେ, ପୁଣ୍ୟ ତ ମହାର୍ଘ୍ୟ କଣିକା
ତାକୁ କଣ କେହି ପାଇପାରେ
ପୁଣ୍ୟାର୍ଥୀର ଆଟୋପରେ ?
ଯଦି କୁଆଁରୀ ମେଦ ପ୍ରମତ୍ତ
ପରାଶରଟିଏ ଜୀଇଁ ରହିଥାଏ
ଗଇରିକ ନିର୍ମୋକରେ ?

ସତରେ ମନ ଯଦି ନସାଜିଛି
ନିଷ୍ପାପ ନିର୍ଲୋଭ ଗଙ୍ଗାଧର
କାହାର ବିଷୟା ବିଷଜର୍ଜର
ମନକୁ କଣ ଧୋଇ ପାରିବ
ନିରସକ୍ତିର ଗଙ୍ଗାଜଳ ?
ମୁଁ କାରର ଅନ୍ଧାର ଖରକି
ଗୁଞ୍ଜରି ଉଠିବ ଆତ୍ମାର ଓଁକାର ?

ଥରଟିଏ ଆପଣାର ମନକୁ ପଚାର
କେବେ ଚେଷ୍ଟା କରିଚ କି ପଢିବାକୁ
କାହାର ମୁହଁରୁ ଭୋକର ଅକ୍ଷର ?
ତହିଁରେ ଫୁଟାଇବାକୁ
ଚତୁର୍ଥୀର ଜହ୍ନ ପରି ସରୁ ହସଟିଏ
ତାକୁ ଯାଚି ଦେଇଛ କି
ମୁଦେ ତୋରାଣି କି ମୁଠାଏ ଆହାର ?
ନୋହିଲେ ତୁମ ଆତ୍ମତୃପ୍ତିର ଗଣ୍ଡିଲିରେ
ଗଅଁଠେଇ ହେବନି କି ବ୍ୟର୍ଥତା କେବଳ
ପ୍ରୟାଗରେ ଦେଲେ ବି ଲକ୍ଷେ ବୁଡ଼ ?

**ମଣ୍ଡୁଆ, କେନ୍ଦୁଝର ଗଡ଼**
**ମୋ -୯୪୩୭୭୫୨୩୯୫**

## ଗୋଟିଏ କପ୍ କଫି



ମୂଳହିନ୍ଦୀ : ସଞ୍ଜୟ କୁମାର ଝା
ଭାଷାନ୍ତର-ସମ୍ବେଦନା ମିଶ୍ର

ସାଙ୍ଗମାନଙ୍କ ଗୋଟିଏ ପୁରୁଣା ଦଳ କଲେଜ ସରିବାର ବହୁତ ବର୍ଷ ପରେ ଦିନେ ନିଜର ସବୁଠାରୁ ପ୍ରିୟ ଅଧ୍ୟାପକଙ୍କ ଘରକୁ ତାଙ୍କୁ ଦେଖାକରିବା ପାଇଁ ଆସିଲେ। ଅଧ୍ୟାପକ ସମସ୍ତଙ୍କୁ ସ୍ୱାଗତ କଲେ ଓ ସେମାନଙ୍କୁ ତାଙ୍କ କାମ ବିଷୟରେ ପଚାରିଲେ। ଧୀରେଧୀରେ କଥାବାର୍ତ୍ତା ବଢିବଢି ଜୀବନରେ ବୃଦ୍ଧି ପାଉଥିବା କାମଚାପ ଓ ଅଶାନ୍ତି ଉପରକୁ ଚାଲିଆସିଲା। ସମସ୍ତଙ୍କର ଗୋଟିଏ ମତ ଥିଲା ଯେ ଆର୍ଥିକ ଭାବରେ ସକ୍ଷମ ହେବା ସତ୍ତ୍ୱେ ଜୀବନରେ ସେହି ମଜା ରହୁନାହିଁ ଯାହା ପୂର୍ବରୁ ରହୁଥିଲା।

ସମସ୍ତଙ୍କ କଥା ଶୁଣିସାରି ଅଧ୍ୟାପକ ସେଠାରୁ ଉଠି ଚାଲିଗଲେ ଓ କିଛି ସମୟ ପରେ ରୋଷେଇ ଘରୁ ବାହାରକୁ ଆସି କହିଲେ, 'ମୁଁ ତୁମମାନଙ୍କ ପାଇଁ କଫି ପ୍ରସ୍ତୁତ କରିଦେଇଛି । ଦୟାକରି ସମସ୍ତେ ରୋଷେଇ ଘରକୁ ଯାଇ ନିଜ ନିଜ କପ ନେଇ ଆସ।' ତା'ପରେ ସମସ୍ତେ ଜଣ ଜଣ କରି ରୋଷେଇ ଘରୁ ନିଜ ଇଚ୍ଛା ମୁତାବକ କପ ଚୟନ କରି ସେଥିରେ କଫି ନେଇ ଆସିଲେ। କିଏ କାଚର କପ୍ ନେଲା ତ ଆଉ କିଏ ସ୍ଫଟିକର କପ୍ ତ ପୁଣି ଆଉ କିଏ ତମ୍ବାର କପ ବାଛି ସେଥିରେ କଫି ଆଣିଲେ।

ତା'ପରେ ଅଧ୍ୟାପକ କହିଲେ , 'ଯଦି ତୁମେମାନେ ଧ୍ୟାନ ଦେଇ ଦେଖିବ, ତେବେ ଜାଣିପାରିବ ଯେ ଯେଉଁ କପ୍ ଗୁଡିକ ଦେଖିବାକୁ ସବୁଠାରୁ ସୁନ୍ଦର ଓ ଦାମିକା ଥିଲେ, ତୁମେମାନେ କେବଳ ସେଗୁଡିକୁ ହିଁ ବାଛିଲ। ମାତ୍ର କିଏ ହେଲେ ସାଧାରଣ କପ୍ ଗୁଡିକ ପ୍ରତି ଧ୍ୟାନ ଦେଲ ନାହିଁ। ନିଜ ପାଇଁ ସବୁଠାରୁ ଭଲ ବାଛିବାର ଇଚ୍ଛା ରଖିବା ଅତି ସାଧାରଣ କଥା। ମାତ୍ର ଏହା ଆମ ଜୀବନରେ ସମସ୍ୟା ଓ ଅଶାନ୍ତି ସୃଷ୍ଟିର କାରଣ ମଧ୍ୟ ପାଲଟି ଯାଏ। କପ୍‌ରେ ଥିବା କଫିର ସ୍ୱାଦ ଏକା ପ୍ରକାରର ଥିଲା। କପ୍ ତ କେବଳ କଫି ପିଇବାର ମାଧ୍ୟମ ମାତ୍ର। ଭଲ ଓ ଦାମିକା କପ୍ ଏହାର ସ୍ୱାଦରେ ପରିବର୍ତ୍ତନ କରି ନଥାଏ। ତଥାପି ତୁମେ ସମସ୍ତେ ସବୁଠାରୁ ସୁନ୍ଦର ରୂପ ପଛରେ ହିଁ ଗଲ ଓ ନିଜର ପାଇଁ ଗୋଟିଏ ବାଛିବା ପରେ ଅନ୍ୟମାନଙ୍କୁ ଦେଖି ତୁଳନା କରିବାକୁ ଲାଗିଲ।



ଏବେ ସମସ୍ତେ ମୋ କଥାକୁ ଧ୍ୟାନ ଦେଇ ଶୁଣ, 'ଏ ଜୀବନ କଫି ଭଳି। ଆମର ଚାକିରୀ, ଟଙ୍କା, ପଦବୀ ସବୁ କପ୍ ସଦୃଶ। ଏହା ଆମର ଜୀବନ ବଞ୍ଚିବାର ଗୋଟିଏ ଗୋଟିଏ ସାଧନ କିନ୍ତୁ ଆମ ଜୀବନ ନୁହେଁ। ଆମର ପାଖରେ କେଉଁ କପ୍ ରହିଛି ତାହା ନା ଆମର ଜୀବନକୁ ସଂଜ୍ଞା ଦେଇଥାଏ, ନା ହିଁ ଆମର ଜୀବନକୁ ବଦଳାଇ ଥାଏ। ତେଣୁ କଫିର ଚିନ୍ତା କର, କପ୍‌ର ନୁହେଁ। ଦୁନିଆରେ ସୁଖୀଲୋକ ସେମାନେ ନୁହନ୍ତି ଯେଉଁମାନଙ୍କ ପାଖରେ ସବୁକିଛି ବହୁତ ବଢିଆ ଅଛି, ବରଂ ସେମାନେ ସୁଖୀ ଅଟନ୍ତି ଯିଏ ଯାହା ନିଜ ପାଖରେ ଅଛି ତାର ଭଲ ବିନିଯୋଗ କରିପାରୁଛନ୍ତି। ତେଣୁ ସାଧାସିଧା ଜୀବନ ବଞ୍ଚ। ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧା ଦିଅ। ସମସ୍ତଙ୍କ ଧ୍ୟାନ ରଖ। ଏହା ହିଁ ଅସଲ ଜୀବନ ବଞ୍ଚିବା ଅଟେ।

**-ସମ୍ପିତ ଭିଲା, ଘାଟିକିଆ, ଭୁବନେଶ୍ୱର**



## ବାସନ୍ଦ



ଡ.ମମତା ସାହୁ

ଆଜିବି, ସେ ଶୋଷିଲା,
ତୃଷାର୍ତ୍ତ ତା'ପ୍ରାଣ
ଇର୍ଷାର ଟ୍ୟୁବରେ ନେଇ ଚାଲିଛି
ପୋଷା ପୋଷା ତାଜା ରକ୍ତ ।

ଆମେ ବି ଜନ୍ମିଥିଲେ
ସୂର୍ଯ୍ୟର ପ୍ରତିବିମ୍ବ ହୋଇ ମାଆର ଗର୍ଭରୁ
ହସିଲା ଦିନ ହସିଲା ତାରା ଖଚିତ ଆକାଶ
ବାପାମାଆଙ୍କ କୋଳ ପୂରି ଉଠିଥିଲା ।
ଛିଣ୍ଡା କନାରେ ଢାଙ୍କି
ମାୟା ଭୂମିର ସ୍ୱପ୍ନକୁ
ସେ କିନ୍ତୁ ଦଂଶୁଥିଲା ତା' ମୁନିଆଁ ଦାନ୍ତରେ।

ପଦାରେ ତାରବାଡ଼ ଦେଇ
ତମେ କବଜା କଲ
ଆମର ନ୍ୟାର୍ଯ୍ୟ ଦାବି ।
ଆମେ ଶିଖିଗଲେ
ତମକୁ ବାଟ ଛାଡ଼ିବାକୁ
ତମ ପିଇବା ପାଣି ନପିଇବାକୁ
ତମ ଆଗରେ ଛେପ ନପକାଇ
ତାକୁ ନିଜ କାନିରେ ବାନ୍ଧିବାକୁ
ଆମକୁ ଓହ୍ଲାଇ ଦିଆଗଲା ଏମିତି ଭୂମିରେ
ଯେ
ଆଖି ଥରିଲା ପତା ଖୋଲିବାକୁ
ଦିନ ଦେଖିବାକୁ କି ସ୍ୱପ୍ନ ମାଖିବାକୁ।
ଆମେ ହେଲୁ ରାତ୍ରିଚର
ଦିନରେ ଆମ ଛାଇ
ତମ ସାମ୍ନାରେ ନପକେଇବାକୁ।
କୁହତ !
ତମ ପରି ଆମେ ବି ଉଠିଥାନ୍ତେ
ଅତ୍ୟୁଚ୍ଚ ଶିଖରକୁ
ଆକାଶର ନିଳିମାକୁ
ଜାତି ନାଁରେ, ନିୟମ ନାଁରେ
ତମେ ଛାଡିଦେଲ
ଆମକୁ ହାତ ଗୋଡ ବାନ୍ଧି ଜଳିବାକୁ ।

ସେ ନିଆଁ ଥିଲା ତମ ଆଖିରେ
ମନରେ ଆଉ ଦମ୍ଭରେ
ଆମ ଅସହାୟ ପଣରେ ତମ ଗୌରବର
ବାନା
ଆମେ ନିର୍ବାକ ନିସ୍ପନ୍ଦ
ତାଆରି ତଳେ।

ବାଛନ୍ଦର ବାସିମଡା ଝୁଲେ
ଆଜିବି ଆମ କାନ୍ଧରେ
ଈଶ୍ୱର ନଥାଇ ପାରନ୍ତି
ସେ ଥିଲା ଆଉ ରହିବ ଆମ ସଙ୍ଗତରେ।

ତଥାପି ନିରବ ରୁହନା
କଥା କୁହ
ବ୍ୟଥା କୁହ
ଏ ବ୍ୟଥିତ ପୃଥିବୀରୁ ଘୁଞ୍ଚାଇଦିଅ
କୁବଜର ବେଦନା
ରଇଜଲା ମରମର ଅନ୍ତଃହୀନ ଯାତନା।

ଶୋଷଣକୁ ଶୋଷଣ
କଷଣକୁ କଷଣ
କହିବାକୁ ଜିଭ କଟିଗଲେ ବି
ପଛଘୁଞ୍ଚା ଦିଅନା
ଏ ଆଦେଶ ତମ ଚେତନାର।

**ଭଦ୍ରକ, ମୋ-୯୮୬୧୧୫୩୩୬୪**

## କେବେ ନା କେବେ



କିଶୋର ପାଣିଗ୍ରାହୀ

ଯୋଉଠି
କଷଣ କଷଟି,
ସେଠି ଘଷାକଷାରେ ଖାର, ଖାଦ
ଆପେଆପେ ବାଦ୍
ବାକି ଯାହା ଚକାଚକ୍
ନିରୁତା, ନିଛକ ।

ଛାଟରେ ଟାଣ,
ଚୋଟରେ ଆହୁରି ଚିକ୍କଣ ।
କମାରଶାଳର ନିଆଁ
ମୁଗୁର ପାହାର ପାଣିଦିଆ
ଶାଣଦିଆ
ଟିଙ୍କାରେ ଟଣଟଣ
ଯେ ଠେଙ୍ଗିଣି ନୁହେଁ ଲୁହା।

ଆମେ ଜାଣନ୍ତି,
ବିରାଦରି ହିଁ ପାଲଟନ୍ତି ସପ୍ତରଥି;
ନୀତି, ନିୟମର ଭରସାରେ ନିଷ୍କପଟେ
ବ୍ୟୁହରେ ଫସନ୍ତି;
ଆମେ ଜାଣନ୍ତି ।

ଏଠି
ଶବ୍ଦରେ ଧାର,
ଓଠରେ ଗର;
ଆଖିରେ ଜଙ୍ଗଲେ ଅନ୍ଧାର,
ଆଦିମ ଆହ୍ଲାଦ,
ହାଣମୁହଁକୁ ବିଚରା ବଳି ଏ ହୃଦୟ।
ବିବାକ ବିଶ୍ୱାସ।

ଆଉ ଛାତି ନଖୋଲିବା ଭଲ !
ସେମାନେ ନିଜ ମୁହଁ ଦେଖନ୍ତିନି
ଆରିସି ଭିତରେ;
ପାଟି ନଖୋଲିବା ଭଲ !
ଦେଖି ପାରନ୍ତିନାହିଁ ସେମାନେ
ଭାବର ବିଶ୍ୱରୂପ ନିରବତାର ଦୁଇ ଓଠ ମଝିରେ।

ଏତେ ଘଷାପିଟାରେ ପାଗ ଧରିଚି,
ପାକଳ ହେଇଚି ଯୋଉ ହାଡ଼ଖଣ୍ଡିକ
ଥାଉ ସଂଗାତ !
ସଂଗାରେ ସାଇତା ଥାଉ;
କେବେ କାଳେ କିଏ ପାଗ ଦେଇ
ବାଗ କରି ବଜ୍ର ବନେଇବ
କି ଫୋଡ଼ କରି ବଇଁଶୀ ବାଇବ
କାହାର ନା କାହାର ତ ଛାତିରେ ବାଜିବ !

ଏତେ ଚୋଟ ଓ ଚେଙ୍କରେ
ତଥାପି ଧକୋଉଚି ବିଶ୍ୱାସ ନାମକ
ଯୋଉ ଶେଷ ସମ୍ବଳ ଟିକକ
ଥାଉ ସଂଗାତ !
ଛାତିଏ ଦରଜ-ବଖରାରେ ପଡ଼ିଥାଉ
ଅଭାବୀ-ବିକ୍ରିରୁ ବାଛୁଆରି ଫେରିଆସିଥିବା
ଆମ ଖଳ ଆଉ ରକ୍ତର ଅମଳ;
ଥାଉ,
ଥାଉ.. .. ..

**-ବିରୁହାଁ, ଜାହାଙ୍ଗୀର, ଭଦ୍ରକ,**
**ମୋ: ୭୦୦୮୧୧୭୯୬୪**

## ପାନ୍ଥଶାଳା



ରବି ଶତପଥୀ

ଆସିବା ଆଉ
ଘଡିଏ ରହିଯାଇ ଫେରିଯିବା
ଆମ ନିୟତି ବୋଲି
କେହିଜଣେ ଲେଖିଦେଇଯାଇଛି
ପାନ୍ଥଶାଳାର କାନ୍ଥରେ।
ଅବିଶ୍ୱାସରେ ଓଦା ହୋଇ
ଛାତିତଳେ ଜଳୁଛି
ଅକୁହା କଥାର ନିଆଁ,
କଅଁଳ ଛନଛନ
ମନଟିଏ କେତେବେଳୁ
ମରିହଜିଗଲାଣି ବୋଲି
କହି ବୁଲୁଛି ଦୁଃଖ।

ଶୀତରାତିର ଅନ୍ଧାରରେ
ଲୁଚିଥିଲା ଯେଉଁ
ନିରୀହ ପାପ, ସିଏ ଏବେ
ପୁଣ୍ୟ ବାଣ୍ଟିବ ବୋଲି
ବୁଲୁଛି ମନ୍ଦିରବେଢାରେ
ଭଲପାଇବାର ହାତଧରି
ତାକୁ ବିରହର ପଡିଆରେ
ଛାଡିଦେଇଥିଲା ଯେଉଁ ସମୟ
ସିଏ ଏବେ ଜଳୁଛି
ଯାତନାର ଜୁଇରେ।

**- ଅଧ୍ୟାପକ ଓଡ଼ିଆ ବିଭାଗ**
**ନନ୍ଦପୁର କଲେଜ, କୋରାପୁଟ**
**ମୋ- ୯୪୩୭୭୮୪୮୫୯**

## ଗ୍ରନ୍ଥ ପରିଚୟ



### ରାଜଭୂମି

**ସଂପାଦକ-ପବିତ୍ର ବ୍ରହ୍ମପୁତ୍ର ନାୟକ**
**ଭୁବନେଶ୍ୱର, ମୂଲ୍ୟ-୧୨୦/-**

ଶାରଦୀୟ ବିଶେଷାଙ୍କ ଭାବରେ ବିଳମ୍ବରେ ରାଜଭୂମି ଆସିଲେ ବି ଯେଉଁ ପରିପାଟୀ ନେଇ ଆସିଛି, ଭିଡ଼ ଭିତରୁ ବାରି ହୋଇପଡ଼ିଲା ଭଳି ଏକ ପରିଚ୍ଛନ୍ନ ଓ ସୁସଂଯୋଜିତ ପତ୍ରିକା। ପତ୍ରିକା ସଂପାଦକ ଜଣେ ସଂପାଦକର ଦୁଃଖକୁ ବୁଝିବା ଓ ପତ୍ରିକାଟିଏ କରିବାର ମୋହକୁ ବେଶ ମାର୍ମିକ ଭାବରେ ଉପସ୍ଥାପନ କରିଛନ୍ତି। ବେଶ ରସାଳ ଆଲୋଚନା, ଗପ, କବିତା, ଫିଚରକୁ ନେଇ ବଜାରରେ ପ୍ରବେଶ କରିଥିବା ପତ୍ରିକାଟି ପାଠକଙ୍କ ପାଇଁ ସୁଖପାଠ୍ୟ ହୋଇପାରିବ। ଆଲୋଚନାରେ ଉଜସ୍ୱିନୀ ନାୟକ, ସୁଲଗ୍ନା ମହାନ୍ତି, ସୁଚିସ୍ମିତା ରାଉତରାୟ, ସୁଚେତା ରାଉତ, ବାବୁଲି ବେହେରା, ଦୟାନିଧି ପରିଡ଼ା ରହିଥିବାବେଳେ ଗପରେ ଭାନୁମତୀ ସାହୁ, ପ୍ରଫୁଲ୍ଲ ବାରିକ, ଆଶୁତୋଷ ମେହେର, ହରେରାମ ପଣ୍ଡା, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ସୁବାସ ଶତପଥୀ, ଲିପ୍ସା ପଟେଲ ସୁନ୍ଦର ଭାବରେ କଥା ଓ କାହାଣୀର ମାହୋଲ ସୃଷ୍ଟି କରିଛନ୍ତି। କବିତାରେ ପୀତାମ୍ବର ତରାଇ, ପ୍ରହରାଜ ଜୟନାରାୟଣ ନନ୍ଦ, ଇନ୍ଦୁମତୀ ପାତ୍ର, ବିଜୟ ରାୟ, ପ୍ରଭାତୀ ମାଝୀ, ଚିନ୍ତାମଣୀ ମହାଲିକଙ୍କ ଭଳି ପ୍ରମୁଖ କବିଙ୍କର ଲେଖା ରହିଛି। ସ୍ୱାସ୍ଥ୍ୟରେ ରହିଛି ଡ଼ାକ୍ତର ରାଜକିଶୋର ପଣ୍ଡାଙ୍କ ଡାଉନ୍ ସିଣ୍ଡ୍ରୋମର ଆଲେଖ୍ୟ।



### ତୃତୀୟ ପୁରୁଷ

**ଲେଖକ-ଭାଗୀରଥି ବେହେରା**
**ପ୍ରକାଶକ-ଲୋହରାଖଣ୍ଡି ସାହିତ୍ୟ ସଂସଦ, ଗଞ୍ଜାମ,ମୂଲ୍ୟ-୭୫/-**

ସମକାଳୀନ ଜନଜୀବନକୁ ନେଇ ଲେଖା ଯାଇଥିବା ସାହିତ୍ୟ କେବଳ ସାଧାରଣ ମଣିଷର କଥା କୁହେନାହିଁ ବରଂ ସମାଜ ସଂସ୍କାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରେ। ସାହିତ୍ୟ ସମାଜର କଥା କହିବା ସହିତ ଯେଉଁ କାହାଣୀ ମାଧ୍ୟମରେ ଓ ଚରିତ୍ରକୁ ଢ଼ାଳ କରି କୁହାଯାଇଥାଏ, ତାହା ସାମାଜିକତା ଏକ ଅଂଶ ବୋଲି କୁହାଯାଇପାରେ। ଗପ ହେଉକି କବିତା, କି ଉପନ୍ୟାସ ହେଉକି ପ୍ରବନ୍ଧ, କିଛି ନାକିଛି ବାର୍ତ୍ତା ନେଇ ସାମାଜିକ ସଂହତି ଓ ସମରସତାକୁ ନେଇ ରଚନା କରାଯାଇଥାଏ। ଲେଖକ ଯେଉଁଭଳି ଭାବରେ ସାବି ଓ ମାଳତୀ ମଧ୍ୟରେ ତୃତୀୟ ପୁରୁଷର ପ୍ରବେଶକୁ ନେଇ ଯେଉଁ ଭାବାତ୍ମକତାକୁ ଯୋଡ଼ିଛନ୍ତି, ତାହା ଅତି ଚମତ୍କାର ନିଶ୍ଚୟ। କହିବାର ଶୈଳୀ ଓ କାହାଣୀକୁ ଗତିଶୀଳତା କରିବା ପଛରେ ଜଣେ ଲେଖକ ପାଠକଙ୍କ ପାଇଁ ଯେଉଁ ମୁଖ୍ୟ ଭୂମିକା ତୁଲାଇବା କଥା, ଲେଖକ ଠିକ୍ ସେଇଆ ହିଁ କରିଛନ୍ତି। ଉପନ୍ୟାସର ଗଢ଼ଣ ଓ କହିବାର ଚାତୁରୀ ପାଠକଙ୍କ ପାଇଁ ସୁଖପାଠ୍ୟ ହେବା ସହିତ ସାହିତ୍ୟ ସହ ଋଦ୍ଧିମନ୍ତ ପୁସ୍ତକଟିଏ ଯୋଡ଼ି ହୋଇ ରହିଲା ବୋଲି କହିହେବ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଟକ,୨୯।୧୧/ଏନ୍ଏନ୍ଏସ୍:** ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ କବିତା କୁମାରୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ସାହୁ,ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟତ୍ରୀ ସୁପ୍ରଭା ପଣ୍ଡା, ବାସନ୍ତୀ ବେହେରା ଓ ସ୍ମିତାରାଣୀ ସେଠୀ ଉପସ୍ଥିତ ଥିଲେ।

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**କଟକ,୨୯।୧୧/ଏନ୍ଏନ୍ଏସ୍:** ମୋକିମ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ବକ୍ସି ବଜାର ସ୍ଥିତ ମସ୍ତାନ ଦରଘାଠାରେ ଡାକ୍ତର ନୟୀମା ତାଜିମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ଲୋକେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଲିଜାରାଣୀ ରାଉତ, ସଦାବ ସଲାମ୍, ନସିମ୍ ପରଭେଜ୍, କଲିମ ଅଖତର୍, ସେକ୍ ସମିମ୍, ଫୟାଜ ରିଜଭି, ସନ୍ତୋଷ କୁମାର ପାତ୍ର, କର୍ଣ୍ଣେଲ ସତର ପ୍ରମୁଖ ଅତିଥି ଭାବେ ଏଥିରେ ଯୋଗଦେଇଥିଲେ। ଶିବିରରେ ମେଡ଼ିସିନ ବିଶେଷଜ୍ଞ ଡାକ୍ତର କାମାକ୍ଷା ପ୍ରସାଦ ଭୂୟାଁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ରଜତ କୁମାର ବେହେରା, ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁଚିସ୍ମିତା ଭୂଇଁଆ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ୍ ଓ ଡାକ୍ତର ଦେବହୂତି ପଟ୍ଟନାୟକ ସିଡିଏ ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ଶ୍ୱାସ ପରୀକ୍ଷା, ଆଖି ପରୀକ୍ଷା, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ସତ୍ୟରଞ୍ଜନ କର ଶିବିର ପରିଚାଳନା କରିଥିଲେ। ମହମ୍ମଦ ହସିଉଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ୍ ଓ ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେଶବଧାମର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**କଟକ,୨୯।୧୧/ଏନ୍ଏନ୍ଏସ୍:** ଗତିରାଉତପାଟଣା କେଶବ ଧାମ ସରସ୍ୱତୀ ବିଦ୍ୟା ମନ୍ଦିର,(ଆବାସିକ)ର ଅଷ୍ଟ ତ୍ରିଂଶ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର କୋଷାଧ୍ୟକ୍ଷା ସୁଶ୍ରୀ ଇନ୍ଦୁମତୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଉତ୍ସବରେ ୮୦ଟି ଖେଳର ଆୟୋଜନ କରାଯାଇ ୩ଟି ବର୍ଗରେ ବିଭାଜନ କରାଯାଇଥିଲା। ବିଦ୍ୟାଳୟ ସହ-ପ୍ରଧାନାଚାର୍ଯ୍ୟ ଜିତେନ୍ଦ୍ର କୁମାର ସାହୁ, ଶାରୀରିକ ପ୍ରମୁଖ ସମ୍ମିତ କୁମାର ସେଠୀ ଓ ଆଚାର୍ଯ୍ୟ ଶରତଚନ୍ଦ୍ର ସେନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ ଆରଡିସିଙ୍କ ସମୀକ୍ଷା ବୈଠକ

# ସମସ୍ତ ବ୍ୟବସ୍ଥା ତ୍ରୁଟିଶୂନ୍ୟ ଉପରେ ଗୁରୁତ୍ୱ




**କଟକ,୨୯।୧୧/ଏନ୍ଏନ୍ଏସ୍:** ବାରବାଟୀ ଷ୍ଟାଡିୟମ୍‌ଠାରେ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ଆୟୋଜନ ଓ ପ୍ରସ୍ତୁତି ସମ୍ବନ୍ଧରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି)ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଓସିଏ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ର ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଟିକେଟ୍ କିଣାବିକା ସମୟରେ ଲାଇନ୍‌ରେ ଥିବା ଦର୍ଶକମାନଙ୍କ ପାଇଁ ସୁବ୍ୟବସ୍ଥା, ଷ୍ଟାଡିୟମ୍‌ର ଉଭୟ ପଟ ଭିତ୍ତିଭୂମି ଅନୁଯାୟୀ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରି ମ୍ୟାଚ୍ ପୂର୍ବରୁ ଓ ମ୍ୟାଚ୍ ସମୟରେ ପୁଲିସ୍ ପ୍ରଶାସନ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀନ କରିଡର, ମ୍ୟାଚ୍ ସମୟରେ ଭିଡ଼ ନିୟନ୍ତ୍ରଣ, ଉଭୟ ପଡ଼ିଆ ଓ ପଡ଼ିଆ ବାହାରେ ଜରୁରୀ ଚିକିତ୍ସା ବ୍ୟବସ୍ଥା, ପାର୍କିଂ, ଟ୍ରାଫିକ ପରିଚାଳନା, ମ୍ୟାଚ୍ ଶେଷ ପରେ ଦର୍ଶକଙ୍କ ନିମନ୍ତେ ରାତ୍ରିକାଳୀନ ବସ ଚଳାଚଳ ବ୍ୟବସ୍ଥା ଆଦି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା ପୂର୍ବକ ଆରଡିସି ସମୀକ୍ଷା କରିଥିଲେ। ଗ୍ୟାଲେରୀ ଓ ଷ୍ଟାଣ୍ଡ କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା। ମ୍ୟାଚ୍‌ବେଳେ ନିରନ୍ତର ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ସହ ଆଲୋକ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଉଥିବା ସମ୍ପର୍କରେ ରାଜସ୍ୱ ଆୟୁକ୍ତଙ୍କୁ ଓ ସିଏ କର୍ତ୍ତୃପକ୍ଷ ଅବଗତ କରାଇଥିଲେ। ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଧନ୍ୟବାଦ୍ ଦେଇଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଭୁବନେଶ୍ୱର ବିମାନ ବନ୍ଦର ପ୍ରାଧିକରଣ ନିର୍ଦ୍ଦେଶକଙ୍କ ସମେତ ସିଡିଏମ୍‌ଓ, ଅଗ୍ନିଶମ ଅଧିକାରୀ, ଆରଟିଓ, ମହାନଗର ନିଗମ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ୍, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର




**କଟକ,୨୯।୧୧/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ପ୍ରାଚୀ ସେଣ୍ଟର୍ ଫର୍ କଲ୍‌ଚରାଲ ରିଲେସନ୍ସର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ମନୋରମା ମେମୋରିଆଲ ହଲ୍‌ରେ ଏକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ହିନ୍ଦୀ ବିଭାଗର ମୁଖ୍ୟ ଡକ୍ଟର ଅଭିଷେକ ଶର୍ମା ସ୍ୱଗତ ଭାଷଣ ପ୍ରଦାନ କରିଥିଲେ।

ଏହି ସଭାରେ ସଭାପତିତ୍ୱ କରି ପ୍ରଫେସର ବିକ୍ରମ କେଶରୀ ମିଶ୍ର ସାହିତ୍ୟ ଏବଂ ସମାଜଶାସ୍ତ୍ର ମଧ୍ୟରେ ଥିବା ଅର୍ନ୍ତସମ୍ବନ୍ଧ ବିଷୟରେ ଚର୍ଚ୍ଚା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଅନିଲ ତ୍ରିପାଠୀ, ପ୍ରଫେସର ବନ୍ଦନା ଝା, ପ୍ରବେଶ ପାଣ୍ଡେୟ, ସନ୍ଦିପ ଦ୍ୱିବେଦୀ, ବିକାଶ କୁମାର ଯୋଗଦାନ କରିଥିଲେ। ପ୍ରାଚୀ ସେଣ୍ଟର୍ ଫର୍ କଲ୍‌ଚରାଲ ରିଲେସନ୍ସର ସଭାପତି ପ୍ରଫେସର ଡକ୍ଟର ମନ୍ଦାକିନୀ ଦାସ ଆଲୋଚନାରେ ଭାଗ ନେଇଥିଲା ବେଳେ ସୁଶ୍ରୀ ଶାମୁକା ପଟ୍ଟନାୟକ ସଭାରେ ସଂଯୋଜନା କରିଥିଲେ। ସୁଶ୍ରୀ ଗାୟତ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସଞ୍ଜୟ ଜାୟସୱାଲ, ଡ. ସୁଶାନ୍ତ ବିଶ୍ୱାଳ, ଡ. ଗଣେଶ ରଜକ, ଡ. ଲୋପାମୁଦ୍ରା ବେହେରା, ଡ. ନମିତା ସ୍ୱାଇଁ, ଡ. ମଧୁସ୍ମିତା ଦାଶ ଏବଂ ରଘୁନନ୍ଦନ ମହାପାତ୍ର ପ୍ରମୁଖ ବିଶିଷ୍ଟ ବକ୍ତା ଭାବେ ସଭାରେ ଯୋଗଦେଇ ଆଲେଚନା କରିଥିଲେ। ସୁଶ୍ରୀ ନିହାରୀକା ଦଳାଇ, ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ, ସୁଶ୍ରୀ ପ୍ରୀତି ପ୍ରୀୟା ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ହ୍ୟୁମାନଙ୍କ ମ୍ୟାନେଜର୍ ଦିନେଶ ନାମରେ ଏତଲା

**କଟକ,୨୯।୧୧/ଏନ୍ଏନ୍ଏସ୍:** କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୧୦ଦିନରୁ ଅଧିକ ସମୟ ବିତିଯାଇଥିଲା ବେଳେ ତାଙ୍କ ମ୍ୟାନେଜର ଦିନେଶ ବେହେରାଙ୍କ ନାମରେ ବିବାଦ ବଢ଼ିବାରେ ଲାଗିଛି। ଦିନେଶ ବେହେରାଙ୍କ ନାଁରେ ପୁଣି ଏକ ଏତଲା ଦିଆଯାଇଛି। ଏହି ଏତଲା କଟକ ମହିଳା ଥାନାରେ ଏତଲା ଦିଆଯାଇଛି। ହ୍ୟୁମାନଙ୍କ ମା'ଙ୍କୁ ଗାଳିଗୁଲଜ କରିଥିବା ଘଟଣାରେ ଦିନେଶଙ୍କ ବିରୋଧରେ କଟକ ସାମାଜିକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବା ସହ ସଂଗଠନ ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରାଯାଇଛି। ପୂର୍ବରୁ ଦିନେଶଙ୍କ ବିରୋଧରେ ବଲାଙ୍ଗୀର ଟାଉନ୍, ଟିଟଲାଗଡ଼ ଓ ଯାଜପୁର ଥାନାରେ ସମାନ ଅଭିଯୋଗ କରାଯାଇଛି।

## ଗଞ୍ଜେଇ ଜବତ, ୫ ଗିରଫ

**କଟକ,୨୯।୧୧/ଏନ୍ଏନ୍ଏସ୍:** ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ଟିମ୍ ଆଜି ୨ଟି ଘଟଣାରେ ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଟୋଲଗେଟ ଓ ମଙ୍ଗୁଳି ଛକଠାରେ ଚଢ଼ଉ କରି ୫ ଜଣକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଥାନା ନୂଆପଡ଼ା ଗ୍ରାମର ଶିଶିର ଗହିର (୨୬), ବିବିସିପଡ଼ା ଗ୍ରାମର ଶେଷଦେବ ସାହୁ (୩୧), ପଶ୍ଚିମବଙ୍ଗ ରାଜ୍ୟ ନଦିଆ ଥାନା ବାଣପୁର ଗ୍ରାମର ସରସ୍ୱତୀ ରାୟ (୩୯), ସାଧନା ମଣ୍ଡଳ (୩୯) ଓ ଟୁକଟୁକି ମଣ୍ଡଳ (୩୫)। ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୩୭ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ଉରେ ଅବକାରୀ ଇନ୍‌ସପେକ୍ଟର ଧୀରେନ ବେହେରା, ଅବନୀ ବହାପାତ୍ର, ଏସ୍‌ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସ୍‌ଆଇ କିଶୋର ଚନ୍ଦ୍ର ରାଉତ, କନ୍‌ଷ୍ଟେବଳ ରଞ୍ଜନ ପାତ୍ର, କିଶନ ସବୁତ, ଅଶ୍ୱିନୀ ପରିଡ଼ା, ବିଶ୍ୱନାଥ ଭୋଇ, ପ୍ରକାଶ ଶତପଥି, ରଜନୀ ପଞ୍ଚଭାୟା ଓ ସୁମିତ୍ରା ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଡିସେମ୍ବର ୫ ଶିକ୍ଷକ ଆନ୍ଦୋଳନକୁ ମିଳିଲା ସମର୍ଥନ

**କଟକ,୨୯।୧୧/ଏନ୍ଏନ୍ଏସ୍:** ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦୁଇଟି ଦାବି ନେଇ ଡିସେମ୍ବର ୫ ତାରିଖରେ ଦେଇଥିବା ଆନ୍ଦୋଳନ ଡାକରାକୁ ନୂତନ ପେନ୍‌ସନ୍‌ଭୁକ୍ତ କଟକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମର୍ଥନ କରିଛି। ଏନେଇ ସଂଘ ସଭାପତି ଶଙ୍କର୍ଷଣ ବେହେରା ସମ୍ପାଦକ ଚାରୁଚନ୍ଦ୍ର ବେହେରା ଓ ସଚିବ ପ୍ରଶାନ୍ତ କୁମାର ମହାପାତ୍ର ଘୋଷଣା କରିଛନ୍ତି। ସଭାପତି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଜିଲ୍ଲା ଓ ବ୍ଲକ ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସି ବୈଠକରେ ରାଜ୍ୟର ମହାସଂଘର ଏକକ ନେତୃତ୍ୱ ନେଉଥିବା ରାମଲାଲ ପଟେଲ ଯୋଗଦେଇ ସଂଘର ଆଭିମୁଖ୍ୟ ସ୍ପଷ୍ଟ କରି ଏହି ଆନ୍ଦୋଳନରେ ସାମିଲ ହେବାକୁ ସମସ୍ତ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମହାସଂଘର ଅନ୍ୟତମ ନେତା ରାଜେଶ ମହାନ୍ତି, ସୁଶାନ୍ତ କୁମାର ବେହେରା, ନରେଶ ପାଣିଗ୍ରାହୀ, ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ସଏଦ ଜ୍ୟାକି ଅମିନ୍, ଉପସଭାପତି ରମେଶ ଚନ୍ଦ୍ର ବେହେରା, କର୍ଣ୍ଣ ରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ପଦ୍ମ ଲୋଚନ ନାୟକ, ନିରଞ୍ଜନ ଭୋଇ, ବନମାଳି ସେଠୀ, ସଂଯୋଜକ ସମ୍ପାଦକ ଅନାଥ ବେହେରା, ନାରାୟଣ ଚାନ୍ଦ, ଅମ୍ବରିଶ ସାହୁ, ପ୍ରସନ୍ନ କୁମାର ରାଉତ, ବନମାଳି ରାଉତ, କର୍ଣ୍ଣାର୍ଜୁନ ନାଏକ, ପ୍ରମୋଦ କୁମାର ଗୋଛି ଓ ପ୍ରଭାକର ସ୍ୱାଇଁ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

## ଧନେଶ୍ୱର ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ସ୍ୱାଗତ ଉତ୍ସବ




**କଟକ,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ନର୍ସିଂ ଓ ପାରାମେଡିକାଲ ଶିକ୍ଷା ସମୂହ ଧନେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ୍‌ର ସ୍ଥାନୀୟ ବାଲିକୁଦା ଉତ୍ତମାପୁରସ୍ଥିତ କ୍ୟାମ୍ପସ୍-୧ରେ ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ସଂଗ୍ରାମ କେଶରୀ ବିଶ୍ୱାଳ, ପରିଚାଳନା ନିର୍ଦ୍ଦେଶିକା ସୁଜାତା ବିଶ୍ୱାଳ ଓ ମୁଖ୍ୟ ଅତିଥି ବିଶିଷ୍ଟ ଉଦର ରୋଗ ବିଶେଷଜ୍ଞ ପ୍ରଫେସର ଡା. ଅଜିତ ପ୍ରସାଦ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଏହି ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ତାଙ୍କର ବକ୍ତବ୍ୟରେ ସମସ୍ତ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ କଠିନ ପରିଶ୍ରମ ମାଧ୍ୟମରେ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଚିତ୍ତାକର୍ଷକ ଅଭିନୟ ସହ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ନୂତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ 'ମିଷ୍ଟର ଆଣ୍ଡ ମିସ୍ ଫ୍ରେସର୍' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଛାତ୍ରମାନଙ୍କ ମଧ୍ୟରେ ପ୍ରତ୍ୟୁଷ ସ୍ୱାଇଁ ମିଷ୍ଟର ଫ୍ରେଶର ଟାଇଟଲ ବିଜେତା ଓ ଅବିନାଶ ସ୍ୱାଇଁ ରନର୍ସ ଅପ୍ ହୋଇଥିଲେ। ସେହିପରି ଛାତ୍ରୀମାନଙ୍କ ମଧ୍ୟରେ ଚନ୍ଦ୍ରକାନ୍ତା ଦାସ ମିସ୍ ଫ୍ରେଶର ଟାଇଟଲ ବିଜୟିନୀ ଓ ଜସ୍ମିନ୍ ନାୟକ ରନର୍ସ ଅପ୍ ସ୍ଥାନରେ ରହିଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମରଣିକା ସାହୁ, ଅଧ୍ୟକ୍ଷା ପ୍ରମିଳା କୁମାରୀ ନାୟକଙ୍କ ଉପସ୍ଥିତିରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ସଂଗୀତା ବରାଳ, ଅଭିପ୍ସା ଖୁଣ୍ଟିଆ, ଅନ୍ନପୂର୍ଣ୍ଣା ସ୍ୱାଇଁ, ଅଭିଲିପ୍ସା ଶୁଭଦର୍ଶିନୀ, ସ୍ୱାତୀ ସ୍ୱରୂପା ସାମଲ, ମନୀଷା ଦାସ, ସ୍ମୃତିରେଖା ମହାନ୍ତି, ସୁଶ୍ରୀତା ସାହୁ, ନିରାକାର ପଲେଇ, ଫକୀର ସାହୁ, ବାଦଲ ଭୋଇ, ଦୀପ୍ତିରେଖା ସାହୁ, ଦିଲ୍ଲୀପ କୁମାର ଦାସ, ଇତିଶ୍ରୀ ସାହୁ, ଅନାମିକା ମହନ୍ତ, ପୌଶାଳୀ ଚକ୍ରବର୍ତ୍ତୀ ଓ ଶ୍ୟାମ ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଡାଏଲିସିସ୍ କରି ନ ପାରି ଫେରୁଛନ୍ତି ରୋଗୀ




**କଟକ,୨୯।୧୧/ଏନ୍ଏନ୍ଏସ୍:** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ ଓ ହସ୍ପିଟାଲରେ କିଡ୍‌ନୀ ରୋଗୀଙ୍କୁ ଦୁଇ ମାସରୁ ଅଧିକ ସମୟ ହେବ ରୋଗୀଙ୍କୁ କ୍ୟାପଡ୍ ଫ୍ଲୁଇଡ୍ ମିଳିପାରୁନଥିବାରୁ ରୋଗୀ ଡାଏଲିସିସ୍ କରିନପାରି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ପ୍ରାୟ ୭୫ରୁ ଜଣ ରୋଗୀ ଡାଏଲିସିସ୍ ଅପେକ୍ଷାରେ ରହିଛନ୍ତି। ଏନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ ଅଧୀକ୍ଷକଙ୍କୁ ଅଭିଯୋଗ କରାଯାଇଛି। ରୋଗୀର ଯେତେବେଳେ ଗୋଟିଏ କିଡ୍‌ନୀ ଫେଲ୍ ହୁଏ ସେତେବେଳେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଏବଂ ଡାଏଲିସିସ୍ ହୋଇଥାଏ। କିଡ୍‌ନୀର କାର୍ଯ୍ୟ କୃତ୍ରିମ ମେସିନ ଦ୍ୱାରା ହୋଇଥାଏ। ମେସିନ୍ ଦ୍ୱାରା ଏହା ବିପଦପୂର୍ଣ୍ଣ ରହିଥିବାରୁ ରୋଗୀମାନେ ପେଟରେ ପାଣି ପୂରେଇ ପେରିଟେନିଆଲ ଡାଏଲିସିସ୍ କରିଥାନ୍ତି। ଏଥିପାଇଁ ଡାଏଲିସିସ୍‌ଫ୍ଲୁଇଡ୍‌ର ଆବଶ୍ୟକ ରହିଥାଏ। ୨୦୧୩ରୁ ଏସ୍‌ସିବି ମେଡ଼ିକାଲରେ କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ ନିମନ୍ତେ ରାଜ୍ୟ ସରକାର କ୍ୟାପଡ୍ ଫ୍ଲୁଇଡର ବ୍ୟବସ୍ଥା କରିଥିଲେ। ତେବେ ଏହି ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଦୁଇ ମାସ ହେବ କ୍ୟାପଡ୍ ଫ୍ଲୁଇଡ୍ ପାଇବାକୁ ରୋଗୀ ହଟହଟା ହେଉଛନ୍ତି। ଆବଶ୍ୟକତା ପୂରଣ ହୋଇ ନ ପାରିବାରୁ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ଓ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ନେଇ ରୋଗୀ ଓ ସମ୍ପର୍କୀୟମାନେ ଅଭିଯୋଗ ଉଠାଇଛନ୍ତି।

## ସମାବେଶୀ କୃଷି ଶାସନକୁ ସୁଦୃଢ଼ ପାଇଁ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଆଜି କୃଷି ଭବନରେ ମିଳିତ ଭାବରେ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ (ଜିଆର୍‌ସି) ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆର୍‌ଆଇ) ସହିତ ମିଳିତ ଭାବରେ ଉଦ୍‌ଘାଟନ ହୋଇଥିବା ଏହି କକ୍ଷ ରାଜ୍ୟର କୃଷି ଶାସନ ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ବ୍ୟବସ୍ଥିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।



ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ ଯେ ଜିଆର୍‌ସିର ଶୁଭାରମ୍ଭ ଅନ୍ତର୍ଭୁକ୍ତିମୂଳକ କୃଷି ବିକାଶ ପ୍ରତି ଓଡ଼ିଶାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଓଡ଼ିଶା ସର୍ବଦା ପ୍ରଗତିଶୀଳ କୃଷି ସଂସ୍କାରକୁ ସମର୍ଥନ କରିଆସିଛି ଏବଂ ଏହି ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷର ଶୁଭାରମ୍ଭ କୃଷି ଶାସନକୁ ଅଧିକ ଅନ୍ତର୍ଭୁକ୍ତ, ପ୍ରମାଣ-କେନ୍ଦ୍ରିତ ଏବଂ ମହିଳା ଚାଷୀଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ। ଯେହେତୁ ମହିଳାମାନେ ଆମର କୃଷି କର୍ମଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଆମେ ନିଶ୍ଚିତ କରିବା ଉଚିତ ଯେପରି ସେମାନେ ଯୋଜନା, ବଜାର ଏବଂ ସୁଯୋଗରେ ସମାନ ପ୍ରବେଶ ପାଇବେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କକ୍ଷର ଆରମ୍ଭ କରିବାର ସମୟୋଚିତତା ଏବଂ ବ୍ୟାପକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷକରି ବିଶ୍ୱ ଜାତିସଂଘ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ (୨୦୨୬) ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଆମେ ଏହି ସ୍ୱତନ୍ତ୍ର ଏଜଉର ଏହି ଶୁଭାରମ୍ଭ କରି ଆମ ରାଜ୍ୟର ମହିଳାମାନଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛୁ। ଜିଆର୍‌ସି ଏପରି ଏକ ମୁହୂର୍ତ୍ତରେ ଆରମ୍ଭ ହେଉଛି ଯେତେବେଳେ ସମଗ୍ର ବିଶ୍ୱର ଧ୍ୟାନ ମହିଳା କୃଷକମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଅଧିକ ଅନ୍ତର୍ଭୁକ୍ତିମୂଳକ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରୁଛି। ଆମର ଶାସନ ଢାଞ୍ଚାରେ ଲିଙ୍ଗଗତ ଅସମାନତାକୁ ଦୂରକରିବା ସହ ନୀତି ପ୍ରଣୟନ କରି ମହିଳା ଚାଷୀଙ୍କର ଆକାଂକ୍ଷାକୁ ପ୍ରକୃତରେ ପ୍ରତିଫଳିତ କରିବାରେ ସହଯୋଗ କରିବ। ଡ଼ ଅରବିନ୍ଦ କୁମାର ପାଢ଼ୀ, ପ୍ରମୁଖ ଶାସନ ସଚିବ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ କହିଛନ୍ତି ଯେ ଯୋଜନା, ବଜେଟ ପ୍ରସ୍ତୁତ, ସେବା ପ୍ରଦାନ, ତଦାରଖରେ ଏଜଉ ଆମକୁ ବ୍ୟବସ୍ଥିତ ଭାବରେ ଲିଙ୍ଗଗତ ଦୃଷ୍ଟିକୋଣରୁ ପ୍ରୟୋଗ କରିବାରେ ସାହାଯ୍ୟ କରିବ। ଏହି କକ୍ଷ ଏକ ବିଶ୍ଳେଷଣାତ୍ମକ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ, ନୀତି ମୂଲ୍ୟାଙ୍କନ, ଲିଙ୍ଗ-ଆଧାରିତ ବଜେଟ ପ୍ରସ୍ତୁତ ଓ ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣକୁ ସମର୍ଥନ କରିବ। ଆଇଏଫ୍‌ପିଆର୍‌ଆଇର ଦକ୍ଷିଣ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ଶାହିଦୁର ରସିଦ୍ ଏକ ଦୀର୍ଘକାଳୀନ ବୈଷୟିକ ଏବଂ ଜ୍ଞାନ ଅଂଶୀଦାର ଭାବରେ ରାଜ୍ୟ ପ୍ରତି ଓଋଚଜଓର ସମର୍ଥନକୁ ପୁନଃ ପରିପ୍ରକାଶ କରିଥିଲେ। ଗେଟ୍ସ ଫାଉଣ୍ଡେସନର ପ୍ରତିନିଧି, କୃଷି ଏବଂ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ଆଜି ଭାରତ-ସାଉଥ୍ ଆଫ୍ରିକା ପ୍ରଥମ ଦିନିକିଆ

- ଟେଷ୍ଟ ପରାଜୟର ପ୍ରତିଶୋଧ ନେବାକୁ ମେନ୍ ଇନ୍ ବ୍ଲୁ ପ୍ରସ୍ତୁତ
- ଦଳର ମନୋବଳ ବୃଦ୍ଧି କରିଛି ରୋହିତ ଏବଂ କୋହଲିଙ୍କ ଉପସ୍ଥିତି
- ୧୦ ବର୍ଷ ମଧ୍ୟରେ ଭାରତରେ କୌଣସି ସିରିଜ୍ ଜିତିପାରିନି ଭ୍ରମଣକାରୀ ଦଳ



**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:** ରବିବାର ଠାରୁ ଭାରତ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଆରମ୍ଭ ହେଉଛି। ରବିବାର ପ୍ରଥମ ମ୍ୟାଚ୍ ଥିବା ବେଳେ ଏହା ରାଞ୍ଚି ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିପାଇଁ ଉଭୟ ଦଳ ଏଠାରେ ପହଞ୍ଚିସାରିଛନ୍ତି। ଶନିବାର ଉଭୟ ଦଳ ଫିଲ୍ଡରେ ଜବରଦସ୍ତ ପରିଶ୍ରମ ବା ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଭାରତୀୟ ଦିନିକିଆ ଦଳର ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ୍ ରୋହିତ୍ ଶର୍ମା ଏବଂ ବିରାଟ କୋହଲି ଦଳରେ ଯୋଗଦେଇଥିବାରୁ ଦଳର ମନୋବଳ ବେଶ୍ ସୁଦୃଢ଼ ହୋଇଛି। ଉଭୟ ବ୍ୟାଟ୍ସମ୍ୟାନ୍ ମଧ୍ୟ ଆଜି ନେଟ୍ସରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ।

ସାଉଥ୍ ଆଫ୍ରିକା ଦୀର୍ଘ ୨୫ ବର୍ଷ ପରେ ଭାରତରେ ଏକ ଟେଷ୍ଟ ସିରିଜ ଜିତିଛି ଏବଂ ୨-୦ ବିଜୟ ସହିତ ସିରିଜ୍‌କୁ କ୍ଲିନ୍ ସୁଇପ୍ ମଧ୍ୟ କରିଛି। ଏହା ସାଉଥ୍ ଆଫ୍ରିକାର ମନୋବଳକୁ ଅନେକାଂଶରେ ବଢ଼ାଇ ଦେଇଛି। କିନ୍ତୁ ଯଦି ଦିନିକିଆ ଫର୍ମାଟ୍‌ରେ ଦେଖିବା ତେବେ ସାଉଥ୍ ଆଫ୍ରିକା, ଭାରତକୁ ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ମାଟିରେ ହରାଇପାରିନାହିଁ। ଏଦୃଷ୍ଟିକୋଣରୁ ସାଉଥ୍ ଆଫ୍ରିକା ଉପରେ ଏକ ମାନସିକ ଚାପ ରହିଛି। ଭାରତ ମଧ୍ୟ ଏହି ଦିନିକିଆ ସିରିଜ୍ ଜିତି ସେମାନଙ୍କର ଲଜ୍ଜାଜନକ ଟେଷ୍ଟ ପରାଜୟର ପ୍ରତିଶୋଧ ନେବାର ସୁଯୋଗ ପାଇବ। ତିନୋଟି ଦିନିକିଆ ମ୍ୟାଚ୍ ଏବେ ନଭେମ୍ବର ୩୦, ଡିସେମ୍ବର ୩ ଏବଂ ଡିସେମ୍ବର ୬ ତାରିଖରେ ଖେଳାଯିବ। ଏଠାରେ ୩-୦ରେ ଜିତି ଭାରତ ଟେଷ୍ଟ ପରାଜୟର ଯନ୍ତ୍ରଣାକୁ କିଛିଟା କମ କରିପାରିବ ବୋଲି କୁହାଯାଉଛି।

ମ୍ୟାଚ୍ ୱିନିଂ ହାର ଦୃଷ୍ଟିକୋଣରୁ ଦେଖାଯାଏ ତେବେ ଦିନିକିଆ କ୍ରିକେଟରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫୮ଟି ମ୍ୟାଚ୍ ଖେଳାଯାଇଛି। ଭାରତ ୨୭ଟି ଜିତିଛି ଏବଂ ଦକ୍ଷିଣ ଆଫ୍ରିକା ୩୦ଟି ଜିତିଛି। ଗୋଟିଏ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଭାରତ ଏବେ ୩-୦ରେ ଜିତି ହେଡ୍-ଟୁ-ହେଡ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରାଧାନ୍ୟକୁ ଶେଷ କରିପାରିବ। କ୍ଲିନ୍ ସୁଇପ୍ ଉଭୟ ଦିନିକିଆ ଦଳର ବିଜୟ-ପରାଜୟ ରେକର୍ଡକୁ ସମାନ କରିବ। ଅନ୍ୟପକ୍ଷେ ସିରିଜ ବିଜୟ ଦୃଷ୍ଟିରୁ ଟିମ୍ ଇଣ୍ଡିଆ ନିଶ୍ଚିତ ଭାବରେ ଉପରେ ରହିଛି। ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୧୫ଟି ଦିନିକିଆ ସିରିଜ୍ ଖେଳାଯାଇଛି। ଦକ୍ଷିଣ ଆଫ୍ରିକା ୬ଟି ଜିତିଛି ଏବଂ ଭାରତ ୮ଟି ଜିତିଛି। ଗୋଟିଏ ସିରିଜ୍ ୨୦୦୫ରେ ମଧ୍ୟ ଡ୍ର ହୋଇଥିଲା। ଦୁଇ ଦଳ ଶେଷ ଥର ପାଇଁ ୨୦୨୩ରେ ଏକ ଦିନିକିଆ ସିରିଜ୍ ଖେଳିଥିଲେ, ଯାହାକୁ ଭାରତ ୨-୧ରେ ଜିତିଥିଲା। ଉଭୟ ଦଳ ଭାରତରେ ୨୪ଟି ଦିନିକିଆ ଖେଳିଛନ୍ତି, ଯେଉଁଥିରେ ଭାରତ ୧୪ଟି ଏବଂ ସାଉଥ୍ ଆଫ୍ରିକା ୧୦ଟି ଜିତିଛି। ତଥାପି, ଟିମ୍ ଇଣ୍ଡିଆ ସିରିଜ୍ ବିଜୟରେ ବହୁତ ଆଗରେ ଅଛି। ସେମାନେ ଭାରତରେ ୭ଟି ସିରିଜ୍ ଖେଳିଛନ୍ତି, ଯେଉଁଥିରେ ଭାରତ୫ଟି ଜିତିଛି ଏବଂ ଦକ୍ଷିଣ ଆଫ୍ରିକା କେବଳ ଗୋଟିଏ ଜିତିଛି। ଗୋଟିଏ ସିରିଜ୍ ଡ୍ର ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏକମାତ୍ର ସିରିଜ୍ ବିଜୟ ୨୦୧୫ରେ ହୋଇଥିଲା। ଭାରତ ଘରୋଇ ପରିବେଶରେ ୭୧% ଦିନିକିଆ ଜିତିଛି।

ଦକ୍ଷିଣ ଆଫ୍ରିକା ସିରିଜ୍ ସମେତ, ଭାରତ ବିଶ୍ୱକପ୍ ପୂର୍ବରୁ ୨୧ ଟି ଦିନିକିଆ ଖେଳିବ। ଏହି ମ୍ୟାଚ୍ ମାଧ୍ୟମରେ ଦଳକୁ ଖେଳ ସଂଯୋଜନକୁ ଚୂଡ଼ାନ୍ତ କରିବାକୁ ପଡିବ। ତେବେ ଶୁଭମନ ଗିଲ୍, ଶ୍ରେୟସ ଆୟର ଏବଂ ଯଶପ୍ରୀତ୍ ବୁମରାହ ଦଳରେ ନାହାଁନ୍ତି। ସୁତରାଂ ଦିନିକିଆ ସିରିଜ୍ ଦଳକୁ ଏହାର ବ୍ୟାକଅପ୍ ଖେଳାଳିମାନଙ୍କୁ ବିକଶିତ କରିବାର ସୁଯୋଗ ମିଳିବ। ଦିନିକିଆ ଫର୍ମାଟ୍‌ରେ ୱିକେଟକିପର କେଏଲ୍ ରାହୁଲ ଭାରତର ଅଧିନାୟକ ଭାବେ ଦାୟିତ୍ୱ ଗ୍ରହଣ କରିବେ।

### ସୁଲତାନ୍ ଆଜ୍‌ଲାନ୍ ଶାହ କପ୍-୨୦୨୫

# କାନାଡ଼ାକୁ ହରାଇ ଫାଇନାଲ୍‌ରେ ଭାରତ

## ଫାଇନାଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ୍ ସହ ମୁକାବିଲା



**ଇପୋହ (ମାଲେସିଆ), ୨୯।୧୧/ଏଜେନ୍ସି:** ଶନିବାର ମାଲେସିଆର ଇପୋହ ଠାରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ୨୦୨୫ର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ କାନାଡାକୁ ୧୪-୩ ସ୍କୋରଲାଇନ୍‌ରେ ପରାସ୍ତ କରିଛି ଭାରତୀୟ ହକି ଦଳ। ଏଥିସହ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଭାରତ ଦୃଢ଼ତାର ସହ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପକ୍ଷରୁ ଜୁଗରାଜ ସିଂହ ୪ଟି ଗୋଲ୍ ଦେଇଥିଲେ, ଯେତେବେଳେ କି ରାଜିନ୍ଦର ସିଂହ, ଅମିତ ରୋହିଦାସ ଏବଂ ଅଭିଷେକ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଟାଇଟଲ୍ ହାତେଇବା ପାଇଁ ଭାରତ ଏବଂ ବେଲ୍‌ଜିୟମ୍ ପରସ୍ପରକୁ ଭେଟିବେ।

ଚତୁର୍ଥ ମିନିଟ୍‌ରେ ନୀଳକାନ୍ତ ଶର୍ମାଙ୍କ ପ୍ରାରମ୍ଭିକ ଗୋଲ ସହିତ ମ୍ୟାଚ୍ ଆରମ୍ଭ ହୋଇଥିଲା, ଏବଂ ପରବର୍ତ୍ତୀ ସମୟରେ ରାଜିନ୍ଦର ସିଂହଙ୍କ ୧୦ମ ମିନିଟ୍‌ରେ ଏକ ଷ୍ଟ୍ରାଇକ୍ ହୋଇଥିଲା, ଯିଏ ସିନିୟର ଦଳରେ ଡେବ୍ୟୁ କରିବା ପରଠାରୁ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଅନ୍ୟପକ୍ଷେ କାନାଡା ମଧ୍ୟ ପ୍ରାରମ୍ଭିକ ଗୋଲ୍‌ଗୁଡ଼ିକର ଜବାବରେ ଅନେକ ପେନାଲ୍ଟି କର୍ଣ୍ଣର ଜିତିଥିଲା। ୧୧ତମ ମିନିଟ୍‌ରେ, ବ୍ରେଣ୍ଡନ୍ ଗୁରାଲିଉକ୍ ଏକ ଷ୍ଟ୍ରାଇକ୍ ଗୋଲ୍‌ରେ ପରିଣତ ହୋଇଥିଲା। ଏହାସତ୍ତ୍ୱେ ଭାରତ ପକ୍ଷରୁ ୧୨ତମ ଏବଂ ୧୫ତମ ମିନିଟ୍‌ରେ ଯଥାକ୍ରମେ ଜୁଗରାଜ ସିଂହ ଏବଂ ଅମିତ ରୋହିଦାସ ଗୋଟିଏ ଲେଖାଏ ଗୋଲ୍ କରିବାରେ ସଫଳ ହୋଇଥିଲେ। ୨୪ତମ ମିନିଟ୍‌ରେ ରାଜିନ୍ଦର ପୁଣି ଥରେ ଗୋଲ ଦେଇଥିଲେ ଏବଂ ଦିଲପ୍ରୀତ୍ ସିଂହ ୨୫ ମିନିଟରେ ଆଉ ଗୋଟିଏ ଗୋଲ ଦେଇଥିଲେ। ଜୁଗରାଜ ୩୯ ମିନିଟରେ ଷ୍ଟ୍ରାଇକ୍ କରି ଏହି କ୍ୱାର୍ଟରରେ ତାଙ୍କର ହ୍ୟାଟ୍ରିକ୍ ସ୍କୋର କରିଥିଲେ ଏବଂ ସେଲଭମ୍ କାର୍ତ୍ତି ୪୩ ମିନିଟ୍‌ରେ ଗୋଲ କରି ଭାରତର ଅଗ୍ରଣୀକୁ ୯-୨କୁ ବିସ୍ତାର କରିଥିଲେ। ତେବେ ଶେଷ କ୍ୱାର୍ଟରରେ ମୋଟ୍ ୬ ଟି ଗୋଲ୍ ହୋଇଥିଲା। ଏହା ସବୁ ୪୬ ମିନିଟରେ ଅମିତ ରୋହିଦାସଙ୍କ ପେନାଲ୍ଟି କର୍ନର ସହିତ ଆରମ୍ଭ ହୋଇଥିଲା, ତା'ପରେ ୫୦ ମିନିଟ୍‌ରେ ଜୁଗରାଜଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଆଉ ଏକ ଗୋଲ୍‌ରେ ପରିଣତ ହୋଇଥିଲା। ସେହିପରି ୫୬ତମ ମିନିଟ୍‌ରେ ସଞ୍ଜୟ ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ ଯେତେବେଳେ କି ଅଭିଷେକ ୫୭ ତମ ଏବଂ ୫୯ତମ ମିନିଟରେ ଦୁଇଟି ଦ୍ରୁତ ଗୋଲ କରି ଶେଷ ହୁଟରରେ ସ୍କୋରବୋର୍ଡକୁ ୧୪-୩ରେ ପହଞ୍ଚାଇଥିଲେ।

ପ୍ରକାଶ ବିଶ୍ୱ ହକି ର୍‍ୟାଙ୍କିଂ କ୍ଷେତ୍ରରେ ଭାରତୀୟ ପୁରୁଷ ହକି ଦଳ ୭ମ ସ୍ଥାନରେ ଥିବା ବେଳେ କାନାଡା ୨୦ତମ ସ୍ଥାନରେ ରହିଛି। ସେହିପରି ବେଲ୍‌ଜିୟମ୍ ବିଶ୍ୱର ୩ ନମ୍ବର ସ୍ଥାନରେ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ କେବଳ ବେଲଜିୟମ୍ ଠାରୁ ହିଁ ଗୋଟିଏ ମ୍ୟାଚ୍ ପରାଜିତ ହୋଇଛି। ବାକି ସମସ୍ତ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଦଳ ବିଜୟ ଲାଭ କରିଛି। ଅର୍ଥାତ୍ ଆସନ୍ତା କାଲି ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ବେଲ୍‌ଜୟିମ୍‌କୁ ଭେଟିବାକୁ ଯାଉଛି।

## ଦେଶ ବିଦେଶ

### କ୍ଷମତା ସଂଘର୍ଷ ମଧ୍ୟରେ ବ୍ରେକ୍‌ଫାଷ୍ଟ

# ଡାଇନିଂ ଟେବୁଲ୍‌ରେ ଏକାଠି ହେଲେ ସିଦ୍ଧରମୈୟା ଓ ଶିବକୁମାର



**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:** କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚାଲିଥିବା ବିବାଦ ମଧ୍ୟରେ, ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଶନିବାର ସକାଳେ ଏକାଠି ଜଳଖିଆ କରିଛନ୍ତି। କେବଳ ସେତିକି ନୁହେଁ ଜଳଖିଆ ପର୍ବ ପରେ ପରେ ଉଭୟ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରିଥିଲେ। ଏଥିରେ ଉଭୟ ଦର୍ଶାଇଥିଲେ ଯେ, କ୍ଷମତାକୁ ନେଇ ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ମନୋମାଳିନ୍ୟ ନାହିଁ କିମ୍ବା ଭବିଷ୍ୟତରେ ମଧ୍ୟ ଏପ୍ରକାର ପରିସ୍ଥିତି ସୃଷ୍ଟି ହେବନାହିଁ। ସିଦ୍ଧରମୈୟା କହିଥିଲେ ପ୍ରଦେଶରେ କଂଗ୍ରେସ କ୍ଷମତାରେ ରହିଛି। ଏଠି ସମସ୍ତେ ଜଣେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ହିଁ କାମ କରୁଛନ୍ତି। ଦଳରେ କୌଣସି ପ୍ରକାର ଅଶାନ୍ତି କିମ୍ବା ମତଭେଦର ସ୍ଥାନ ନାହିଁ। ଆମେ ସମସ୍ତେ ଏଠାରେ କର୍ଣ୍ଣାଟକର ବିକାଶ ପାଇଁ ମିଳିମିଶି କାମ କରୁଛୁ ଏବଂ ଏହା ଜାରି ରହିବ। ସେହିପରି ଶିବକୁମାର କହିଛନ୍ତି, 'ହାଇକମାଣ୍ଡ ଯାହା କହିବେ ତାହା ଆମେ ପାଳନ କରିବୁ। ଦଳ ହିଁ ଗୋଟିଏ ଗୋଷ୍ଠୀ, ଏଠାରେ କୌଣସି ଗୋଷ୍ଠୀ ବିଭାଜନ ନାହିଁ। ସେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହିତ ଛିଡା ହୋଇଛନ୍ତି ଏବଂ ପ୍ରଦେଶ କଂଗ୍ରେସ କର୍ଣ୍ଣାଟକର ବିକାଶକୁ ପ୍ରାଥମିକତା ଦେଉଛି।

ରିପୋର୍ଟ ଅନୁସାରେ ଗତ ୧୫ ଦିନ ଧରି କର୍ଣ୍ଣାଟକ କଂଗ୍ରେସରେ କ୍ଷମତାକୁ ନେଇ ଶିବକୁମାର ଏବଂ ସିଦ୍ଧରମୈୟାଙ୍କ ମଧ୍ୟରେ ଏକପ୍ରକାର ଜବରଦସ୍ତ ଶୀତଳ ଯୁଦ୍ଧ ଦେଖିବାକୁ ମିଳିଆସୁଥିଲା। ଏପରିକି ଶିବକୁମାର ଏକ ବୟାନ୍‌ରେ କହିଥିଲେ ଯେ ଅନେକ ଅସନ୍ତୁଷ୍ଟ ନେତା ଓ ବିଧାୟକ ଅଛନ୍ତି ଯେଉଁମାନେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାକୁ ଚାହୁଁଛନ୍ତି। ତାଙ୍କର ଏପ୍ରକାର ବିବୃତ୍ତି ପ୍ରଦେଶରେ ମନ୍ତ୍ରିମଣ୍ଡଳର ପୁନର୍ଗଠନ ହେବା ସମ୍ଭାବନାକୁ ଉଜାଗର କରିଥିବା ବେଳେ ସେ (ଶିବକୁମାର) ମୁଖ୍ୟମନ୍ତ୍ରୀ ହେବା ପ୍ରସଙ୍ଗକୁ ମଧ୍ୟ ଜୋରଦାର କରିଥିଲା। ଅନ୍ୟପକ୍ଷେ ସିଦ୍ଧରମୈୟାଙ୍କୁ ମଧ୍ୟ ବାରମ୍ବାର ସ୍ପଷ୍ଟୀକରଣ ଦେବାକୁ ପଡିଥିଲା ଯେ, ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଯାହା କିଛି ହେବ। ସେ ଏହା ମଧ୍ୟ କହିଥିଲେ ଯେ କର୍ଣ୍ଣାଟକରେ ୨.୫ ବର୍ଷୀୟା ଫର୍ମୁଲା ଲାଗୁ ହେବନାହିଁ। ସେ ହିଁ ୫ ବର୍ଷର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକାଳ ଶେଷ କରିବେ। ଏହାକୁ ନେଇ ଉଭୟ ଗୋଷ୍ଠୀର କର୍ମୀମାନେ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ଦାବି କରିଆସୁଥିଲେ। ତେବେ ଦଳର ଏପ୍ରକାର ସ୍ଥିତିକୁ ଦୃଷ୍ଟିରେ ରଖି ଦଳୀୟ ହାଇକମାଣ୍ଡ ଉଭୟ ନେତାଙ୍କୁ କିଛି ନିର୍ଦ୍ଦେଶ ଦେଇଥିବା ଅନୁମାନ କରାଯାଉଛି। ଯାହା ଫଳରେ ଆଜି ଦୁଇ ନେତାଙ୍କ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାର ଦେଖିବାକୁ ମିଳିଛି। ପ୍ରକାଶ, ୨୦୨୩ ମସିହାରେ କଂଗ୍ରେସ ସରକାର ଗଠନ ହେବା ପରେ, ୨.୫ ବର୍ଷର ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକ ଚୁକ୍ତି ହୋଇଥିଲା, କିନ୍ତୁ ସିଦ୍ଧରମୈୟା ସମର୍ଥକମାନେ ଏହାକୁ ଅସ୍ୱୀକାର କରିଛନ୍ତି। ଦଳ ମଧ୍ୟ ଏହାକୁ ନିଶ୍ଚିତ କରିନାହିଁ।

# ଗଣ ବିବାହ କାର୍ଯ୍ୟକ୍ରମରେ ବିବାହ କରିବେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପୁଅ

**ଭୋପାଳ, ୨୯।୧୧/ଏଜେନ୍ସି:** ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବଙ୍କ ନିଆରା ପଦକ୍ଷେପ ବା ନିଷ୍ପତ୍ତି ତାଙ୍କୁ ସର୍ବଦା ଚର୍ଚ୍ଚାରେ ରଖିଥାଏ। ତାଙ୍କର ପ୍ରତ୍ୟେକ ନିଷ୍ପତ୍ତି ସମାଜ ପାଇଁ ତଥା ନିଜ ରାଜ୍ୟର ନାଗରିକଙ୍କ ପାଇଁ ଏକ ଉଦାହରଣ ସାବ୍ୟସ୍ତ ହେଉଥିବା ବେଳେ ସେ ବ୍ୟକ୍ତିଗତ ଭାବେ ଏକ ସରଳ, ସଚ୍ଚୋଟ ମୁଖ୍ୟମନ୍ତ୍ରୀ ହେବାର ଉଦାହରଣ ମଧ୍ୟ ସୃଷ୍ଟି କରିଛନ୍ତି। ତେବେ ଏବେ ସେ ଏପ୍ରକାର ଏକ ନିଷ୍ପତ୍ତି ନେଇଛନ୍ତି ଯାହାକି ତାଙ୍କୁ ପୁଣିଥରେ ଚର୍ଚ୍ଚାକୁ ଟାଣିଆଣିଛି। ରିପୋର୍ଟ ଅନୁସାରେ ମୋହନ ଯାଦବ ତାଙ୍କ ସାନ ପୁଅ ଡକ୍ଟର ଅଭିମନ୍ୟୁ ଯାଦବଙ୍କୁ ଏକ ସାମୂହିକ ଗଣବିବାହ ସମ୍ମିଳନୀରେ ବିବାହ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ନିଜ ପୁଅର ବିବାହ ପାଇଁ ବଡ଼ ଆୟୋଜନ କରିବେ ନାହିଁ।



ଆସନ୍ତାକାଲି (ନଭେମ୍ବର ୩୦) ଉଜ୍ଜୈନ ଠାରେ ଆୟୋଜିତ ହେବାକୁ ଥିବା ଏହି ଗଣବିବାହ କାର୍ଯ୍ୟକ୍ରମରେ ହିଁ ଅଭିମନ୍ୟୁ ବିବାହ କରିବେ। ମୁଖ୍ୟମନ୍ତ୍ରୀଙ୍କ ପୁଅ ଅଭିମନ୍ୟୁଙ୍କ ସମେତ ମୋଟ୍ ୨୧ ଦମ୍ପତି ଏହି ସମ୍ମିଳନୀରେ ବିବାହ କରିବେ ବୋଲି ସ୍ଥିରିକୃତ ହୋଇଛି। ଉଜ୍ଜୟିନୀରେ ଏହି ଗଣ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି। ଅତିଥିମାନଙ୍କୁ ସରଳ ନିମନ୍ତ୍ରଣ ପଠାଯାଇଛି। ମୁଖ୍ୟମନ୍ତ୍ରୀ ନିଜ ପୁଅ ଅଭିମନ୍ୟୁଙ୍କୁ ଗଣବିବାହ ସମ୍ମିଳନୀରେ ବିବାହ କରାଇବାର ନିଷ୍ପତ୍ତିକୁ ବ୍ୟାପକ ପ୍ରଶଂସା କରାଯାଉଛି। ଅଭିମନ୍ୟୁ ଜଣେ ଡାକ୍ତର ଏବଂ ଭୋପାଳରେ ରୁହନ୍ତି। ସେହିପରି ଅଭିମନ୍ୟୁ ବିବାହ କରିବାକୁ ଯାଉଥିବା କନ୍ୟାଙ୍କ ନାମ ଇଶିତା ମଧ୍ୟ ଜଣେ ଡାକ୍ତର ଏବଂ ଖାରଗୋନ୍‌ର ସ୍ଥାୟୀ ବାସିନ୍ଦା। ଅଭିମନ୍ୟୁ ଏବଂ ଇଶିତାଙ୍କ ନିର୍ବନ୍ଧ ଏକ ସରଳ ଉତ୍ସବରେ ଅନୁଷ୍ଠିତ ହୋଇଥିଲା।




# ଇମ୍ରାନ୍‌ଙ୍କୁ ଆଘାତ ଦେଲେ ସ୍ଥିତି ଖରାପ ହେବ: ଇମ୍ରାନ୍‌ଙ୍କ ୩ ଭଉଣୀ

**ଇସଲାମାବାଦ, ୨୯।୧୧/ଏଜେନ୍ସି:** ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜୀବିତ ଥିବା ଜେଲ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିସାରିଛନ୍ତି। ଏହାସତ୍ତ୍ୱେ ତାଙ୍କ ପରିବାର ଏବଂ ସମର୍ଥକମାନେ ଇମ୍ରାନ୍‌ଙ୍କ ସହ କାହିଁକି ସାକ୍ଷାତକାର କରିବାକୁ ଅନୁମତି ଦିଆଯାଉନାହିଁ ସେନେଇ ପ୍ରଶ୍ନ ଉଠାଇଛନ୍ତି। ଏହିକ୍ରମେ ଇମ୍ରାନ୍‌ଙ୍କ ୩ ଭଉଣୀ ପାକିସ୍ତାନ ସେନାମୁଖ୍ୟ ଅସିମ୍ ମୁନୀରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ମୁନୀର ଏବେ ହିଟ୍‌ଲରଙ୍କ ଭଳି ଆଚରଣ କରୁଥିବା ଇମ୍ରାନ୍‌ଙ୍କ ତିନି ଭଉଣୀ କହିଛନ୍ତି। ଇମ୍ରାନ୍‌ଙ୍କ ଅନ୍ୟତମ ଭଉଣୀ ନୂରିନ ନିଆଜି କହିଛନ୍ତି ଯେ ଯଦି ଇମ୍ରାନଙ୍କୁ ଗୋଟିଏ ବି ଆଘାତ ଲାଗେ, ତେବେ ପାକିସ୍ତାନର ପରିସ୍ଥିତି ବହୁତ ଖରାପ ହୋଇପାରେ। ଇମ୍ରାନ ଖାନଙ୍କ ଦଳ, ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ସମର୍ଥକମାନେ ଜେଲ ବାହାରେ ଉପସ୍ଥିତ ଅଛନ୍ତି। ଇମ୍ରାନ ଖାନଙ୍କ ଦୀର୍ଘକାଳୀନ ଜେଲଦଣ୍ଡକୁ ସମାଲୋଚନା କରି ନୂରିନ ନାଜି କହିଛନ୍ତି, 'ଏହା ଇମ୍ରାନ ଖାନଙ୍କ ପାଇଁ ଶାରୀରିକ ଏବଂ ମାନସିକ ନିର୍ଯାତନା।




### ସାଉଥ୍ ଆଫ୍ରିକାକୁ ନାଲି ଆଖି ଦେଖାଇଲେ ଟ୍ରମ୍ପ୍

# ଆର୍ଥିକ ସହାୟତା ବନ୍ଦ କରିବାକୁ ଘୋଷଣା

**ୱାଶିଂଟନ୍, ୨୯।୧୧/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ସିଧାସଳଖ ସାଉଥ୍ ଆଫ୍ରିକାକୁ ନାଲି ଆଖି ଦେଖାଇବା ଆରମ୍ଭ କରିଛନ୍ତି। ଟ୍ରମ୍ପ୍ ସିଧାସଳଖ ସାଉଥ୍ ଆଫ୍ରିକାକୁ ଆର୍ଥିକ ସହାୟତା ବନ୍ଦ କରିବାକୁ ଘୋଷଣା କରିଛନ୍ତି। ନିକଟରେ ସାଉଥ୍ ଆଫ୍ରିକା ପକ୍ଷରୁ ଜି-୨୦ ଶିଖର ସମ୍ମିଳନୀ ଆୟୋଜନ କରାଯିବା ଏବଂ ଏଥିରେ ଆମେରିକାର ଯୋଗନଦେବା ସତ୍ତ୍ୱେ ପ୍ରସ୍ତାବନା ପାରିତ କରାଇବାକୁ ନେଇ ଟ୍ରମ୍ପ୍ ଏବେ ସାଉଥ୍ ଆଫ୍ରିକା ଉପରେ ମାତ୍ରାଧିକ କ୍ଷୁବ୍ଧ ଅଛନ୍ତି। ଏହିକ୍ରମେ ଟ୍ରମ୍ପ୍ ଏବେ ବିବାଦୀୟ ବୟାନ୍‌ବାଜି କରିବା ମଧ୍ୟ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପ୍ ନିଜ ଟ୍ରୁଥ୍ ସୋସିଆଲ ଆକାଉଣ୍ଟରେ ଲେଖିଛନ୍ତି ଯେ, ସାଉଥ୍ ଆଫ୍ରିକାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଆମେରିକା ଅଂଶଗ୍ରହଣ କରିନାହିଁ। କାରଣ ସେଠାକାର ଆଫ୍ରିକା ସରକାର 'ଶ୍ୱେତ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର'କୁ ଗମ୍ଭୀରତାର ସହ ନେଉନାହାଁନ୍ତି।



ଟ୍ରମ୍ପ ଦାବି କରିଛନ୍ତି, ଆଫ୍ରିକୀୟ ଏବଂ ୟୁରୋପୀୟ ବଂଶୋଦ୍ଭବଙ୍କ ଉପରେ ଆକ୍ରମଣ କରାଯାଉଛି ଏବଂ ସେମାନଙ୍କ ଜମି ଛଡ଼ାଇ ନିଆଯାଇଛି। ସାଉଥ୍ ଆଫ୍ରିକା ସରକାର ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ନେଉନାହିଁ। ଜି-୨୦ ସମ୍ମିଳନୀ ପରେ ସାଉଥ୍ ଆଫ୍ରିକା ସମାପନ ଉତ୍ସବରେ ଆନୁଷ୍ଠାନିକ ଭାବରେ ଆମେରିକାର ଜଣେ ବରିଷ୍ଠ ଦୂତାବାସ ଅଧିକାରୀଙ୍କୁ ଜି- ୨୦ ରାଷ୍ଟ୍ରପତି ପଦ ହସ୍ତାନ୍ତର କରିନାହିଁ। ସୁତରାଂ ଏବେ ସେ (ଟ୍ରମ୍ପ୍ ନିଜେ) କହିଛନ୍ତି ଆସନ୍ତା ବର୍ଷ ମିଆମିରେ ହେବାକୁ ଥିବା ୨୦୨୬ ଜି-୨୦ ଶିଖର ସମ୍ମିଳନୀକୁ ସାଉଥ୍ ଆଫ୍ରିକାକୁ ଆମନ୍ତ୍ରଣ କରାନଯିବା ପାଇଁ ସେ ନିର୍ଦ୍ଦେଶ ଜାରି କରିଛନ୍ତି। କେବଳ ସେତିକି ନୁହେଁ, ଆମେରିକା ସାଉଥ୍ ଆଫ୍ରିକାକୁ ସମସ୍ତ ଆର୍ଥିକ ସହାୟତାଗୁଡ଼ିକୁ ମଧ୍ୟ ତୁରନ୍ତ ବନ୍ଦ କରିବ।

ପ୍ରକାଶ, ସାଉଥ୍ ଆଫ୍ରିକା ଚଳିତ ବର୍ଷ ଜୋହାନ୍ସବର୍ଗରେ ଏ୨୦ ଶିଖର ସମ୍ମିଳନୀ ୨୦୨୫ ଆୟୋଜନ କରିଥିଲା। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ବ୍ରିଟିଶ ପ୍ରଧାନମନ୍ତ୍ରୀ କାଇର ଷ୍ଟାରମରଙ୍କ ସହିତ କାନାଡା, ଅଷ୍ଟ୍ରେଲିଆ, ଜାପାନ, ଦକ୍ଷିଣ କୋରିଆ, ନେଦରଲାଣ୍ଡ, ଜାମାଇକା ଏବଂ ଅନ୍ୟାନ୍ୟ ଅନେକ ଦେଶର ଶୀର୍ଷ ନେତାମାନେ ଯୋଗଦେଇଥିଲେ। କିନ୍ତୁ ଆମେରିକା, ଚୀନ୍ ଏବଂ ରୁଷ୍ ଯୋଗଦେଇନଥିଲେ। ଅନ୍ୟପକ୍ଷେ ଆମେରିକା ଚଳିତ ବର୍ଷର ଶିଖର ସମ୍ମିଳନୀକୁ ବର୍ଜନ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କିମ୍ବା ଆମେରିକାର କୌଣସି ପ୍ରତିନିଧିମଣ୍ଡଳ ଏଥର ଜି-୨୦ରେ ଅଂଶଗ୍ରହଣ କରିନଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra